KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf — Among Indian Universities Ranked by NIRF, Govt. of India
A++ Grade — Accredited by NAAC
Tier 1 NBA — Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025
No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 — World University Rankings
IET Accredited Programme — The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things &
- Cyber Security including Block Chain Technology)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୧/୨୦୨୫ (୧୨ ପୃଷ୍ଠା) Bhubaneswar, Monday, April 21/2025 Page 12 ₹ 7.00
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
୫୧ଶ ଭାଗ ୧୪୬ ସଂଖ୍ୟା VOLUME 51 ISSUE 146 ମୂଲ୍ୟ ₹୭/-


# ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

## ଅଭିଯୁକ୍ତ ଗିରଫ

ଢେଙ୍କାନାଳ,୨୦।୪ (ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ଲଜ୍ଜାଜନକ ଘଟଣା ଘଟିଯାଇଛି । ଅନୁସୂଚିତ ଜନଜାତି ବର୍ଗର ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ଯୁବକ ବଳାତ୍କାର କରିଥିଲେ । ପରେ ଶିଶୁ କନ୍ୟାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଏକ ତାଳବରଡ଼ା ତଳେ ପକାଇ ଫେରାର ହୋଇଯାଇଥିଲେ । ରବିବାର ଅପରାହ୍ନରେ ପୋଲିସ ଅଭିଯୁକ୍ତ ଶିବ ସାହୁ(୩୨)ଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡ଼ିଛି ଯେ, ତାଳ ଗୋଟାଇବା ପାଇଁ ୭ ବର୍ଷର ଶିଶୁ କନ୍ୟାଟି ନିଜର ୯ ବର୍ଷର ଭାଇ ସହିତ ଯାଇଥିଲେ । ଶିଶୁ କନ୍ୟାଟି ବାଟରେ ଛିଡ଼ା ହୋଇଥିବାବେଳେ ବଡ଼ଭାଇ ତାଳ ଗୋଟାଉଥିଲେ । ଏହି ସମୟରେ ଅଭିଯୁକ୍ତ ଶିବ ଶିଶୁକନ୍ୟାଙ୍କୁ ଉଠାଇନେଇ ଏକ ଗଛମୂଳରେ ବଳାତ୍କାର କରିଥିଲେ । ଗୁରୁତର ଅବସ୍ଥାରେ ଶିଶୁକନ୍ୟାଙ୍କୁ ତାଳବରଡା ତଳେ ପକାଇଦେଇ ପଳାଇଥିଲେ । ଶିଶୁକନ୍ୟାଟି କାନ୍ଦିବାରୁ ବଡ଼ଭାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଘରକୁ ଆଣି ମା'ଙ୍କୁ ସବୁ ବିଷୟ ଜଣାଇଥିଲେ । ପରିବାର ଲୋକ ଶିଶୁକନ୍ୟାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ରବିବାର ସକାଳେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଅପରାହ୍ନରେ ଘଟଣାର ଅଭିଯୁକ୍ତ ତଥା ମୋଟଙ୍ଗା ଥାନା ବଦାଲୋ ଗ୍ରାମର ଶିବଙ୍କୁ ପୋଲିସ ଗିରଫ କରିଥିଲା ।

# ଫ୍ରାନ୍ସରୁ ୨୬ ରାଫାଲ ଜେଟ୍ କିଣିବ ଭାରତ

## ୨୮ରେ ହେବ ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୨୦।୪

ଭାରତୀୟ ନୌସେନା ପାଇଁ ନୂଆଦିଲ୍ଲୀ ଫ୍ରାନ୍ସରୁ ୨୬ଟି ରାଫାଲ ମେରାଇନ୍ ଏୟାରକ୍ରାଫ୍ଟ କିଣିବାକୁ ଯାଉଛି। ଏଥିପାଇଁ ଆସନ୍ତା ୨୮ ତାରିଖରେ ଉଭୟ ଦେଶ ୬୩,୦୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିପାରନ୍ତି। ଏହା ଦୁଇଦେଶ ମଧ୍ୟରେ ସବୁଠୁ ବଡ଼ ଡିଲ୍ ହେବାକୁ ଯାଉଛି। ସାଉଥ୍ ବ୍ଲକ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟ ବାହାରେ ଚୁକ୍ତି ସ୍ୱାକ୍ଷର ବେଳେ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଏନ୍ ଲେକୋର୍ନୁଙ୍କ ସମେତ ଉଭୟ ଦେଶର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିପାଇଁ ସେବାଷ୍ଟିଏନ୍ ଆସନ୍ତା ରବିବାର ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ୨୬ ଯୁଦ୍ଧବିମାନ ମିଳିବା ପରେ ଭାରତୀୟ ସେନାରେ ମୋଟ ରାଫାଲ ଜେଟ୍ ସଂଖ୍ୟା ୬୨କୁ ବୃଦ୍ଧି ପାଇବ। କିଣାଯିବାକୁ ଥିବା ୨୬ ଜେଟ୍ ମଧ୍ୟରୁ ୨୨ଟି ସିଙ୍ଗଲ୍ ସିଟର ହୋଇଥିବାବେଳେ ୪ଟି ଟୁଇନ୍-ସିଟର ଜେଟ୍।

## ଆଜିର ସମ୍ପାଦକୀୟ

ଭାଷା ଭେଳିକି

## ଆଜିର ମନ୍ତବ୍ୟ

“ ଇଷ୍ଟର ଅସ୍ତ୍ରବିରତିକୁ ରୁଷିଆର ସମ୍ମାନ କେବଳ ଲୋକଦେଖାଣିଆ। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକତରଫା ଭାବେ ସାମୟିକ ଅସ୍ତ୍ରବିରତି ଘୋଷଣା କରିବା ପରେ ରାତି ସାରା ତାଙ୍କ ସେନା ଆକ୍ରମଣ ଜାରି ରଖିଥିଲା।

-ଭୋଲୋଡିମିର ଜେଲେନ୍ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି








**ଅଟୋରିକ୍ସା ଚାଳକଙ୍କୁ ଗଣବଳାତ୍କାର**

ଉତ୍ତରପ୍ରଦେଶର ଆଗ୍ରାରେ ଜଣେ ୩୬ ବର୍ଷୀୟା ଅଟୋରିକ୍ସା ଚାଳକଙ୍କୁ ୨ ଜଣ ଗଣବଳାତ୍କାର କରିଛନ୍ତି। ଉଭୟ ଅଭିଯୁକ୍ତ ନିଜକୁ ସେନା ଯବାନ ପରିଚୟ ଦେଇ ପୀଡ଼ିତାଙ୍କ ଝିଅଙ୍କୁ ଏକ ସାମରିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ଉଭୟ ଅଭିଯୁକ୍ତ ତାଙ୍କୁ ଆଗ୍ରାର ଏକ ହୋଟେଲକୁ ଡକାଇ ସେଠାରେ ବନ୍ଧୁକମୁନରେ ବଳାତ୍କାର କରିଥିବା ପୀଡ଼ିତା କହିଛନ୍ତି।

# ନିଶିକାନ୍ତ, ଦୀନେଶଙ୍କୁ ବହିଷ୍କାର କର: କଂଗ୍ରେସ

**ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଓ ଦୀନେଶ କୁମାର ସୁପ୍ରିମକୋର୍ଟଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ନିଜ ସହ ଶାସକ ଦଳ ପାଇଁ ମଧ ଅଡୁଆ ସ୍ଥିତି ସୃଷ୍ଟି କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଏହାକୁ ଦଳର ନୁହେଁ, ବରଂ ସେମାନଙ୍କ ବ୍ୟକ୍ତିଗତ ମତ କହି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଏଥିସହ ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ନ୍ୟାୟପାଳିକା ପ୍ରତି ଭାଜପାର ସମ୍ମାନ ରହିଥିବା ନଡ୍ଡା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଭାଜପାର 'ଡ୍ୟାମେଜ୍ କଣ୍ଟ୍ରୋଲ' ନୀତିକୁ ଛଳନାତ୍ମକ ରାଜନୀତି ଭାବେ ଅଭିହିତ କରି ଦଳରୁ ନିଶିକାନ୍ତ ଓ ଦୀନେଶଙ୍କ ବହିଷ୍କାର ଦାବି କରିଛି। ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ାଇଛି।**

**ନୂଆଦିଲ୍ଲୀ,୨୦।୪**

ଲୋକ ସଭାରେ ଚତୁର୍ଥ ଥର ପାଇଁ ଭାଜପାରୁ ପ୍ରତିନିଧିତ୍ୱ କରୁଥିବା ନିଶିକାନ୍ତ ଦୁବେ ଶନିବାର ଏନେଇ ସୁପ୍ରିମକୋର୍ଟଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନକାରାତ୍ମକ ମନ୍ତବ୍ୟ ଦେଇଥିଲେ। ନିଶିକାନ୍ତ କହିଥିଲେ, ସର୍ବୋଚ୍ଚ ଅଦାଲତ ନିଜ ସୀମା ଲଂଘି ଆଇନ ପ୍ରଣୟନ ସମ୍ପର୍କିତ ସଂସଦୀୟ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ସୁପ୍ରିମକୋର୍ଟ ଯଦି ଆଇନ ତିଆରି କରିବେ ତେବେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକୁ ବନ୍ଦ କରି ଦିଆଯିବା ଉଚିତ। ଏପରି କି ସେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କୁ ମଧ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଦେଶରେ ଘଟୁଥିବା ସମସ୍ତ ଗୃହଯୁଦ୍ଧ ପାଇଁ ସିଜେଆଇ ଦାୟୀ। ଧର୍ମୀୟ ସଂଘର୍ଷକୁ ଉସୁକାଇବାରେ ସୁପ୍ରିମକୋର୍ଟଙ୍କ ଭୂମିକା ରହିଛି ବୋଲି ନିଶିକାନ୍ତ କହିଥିଲେ। ସେହିପରି ଉତ୍ତର ପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ରାଜ୍ୟ ସଭାର ସଦସ୍ୟ ଥିବା ଦୀନେଶ ଶର୍ମା କହିଥିଲେ, ଡ. ବି.ଆର୍. ଆମ୍ବେଦକର ସମ୍ବିଧାନ ପ୍ରଣୟନ ବେଳେ ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ଅଧିକାରଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ। ପାର୍ଲାମେଣ୍ଟ କିମ୍ବା ରାଷ୍ଟ୍ରପତିଙ୍କୁ କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଦୁଇ ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବା ପରେ କେନ୍ଦ୍ରମନ୍ତ୍ରୀ ତଥା ଦଳର ମୁଖ୍ୟ ନଡ୍ଡା କହିଛନ୍ତି, ଦୁହେଁ ଏପରି ବୟାନ ଦେବା ଅନୁଚିତ। ସେମାନଙ୍କ ମନ୍ତବ୍ୟ ସହ ଭାଜପାର କୌଣସି ସମ୍ପର୍କ ନାହିଁ। ଭାଜପା ନ୍ୟାୟପାଳିକାକୁ ସମ୍ମାନ ଦେଇଆସିଛି। ଏହା ଉପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏହି ଏମ୍‌ପିମାନେ ଅଭ୍ୟାସଗତ ଭାବେ ବିବାଦୀୟ ମନ୍ତବ୍ୟ ଦେଇଥାଆନ୍ତି। ଭାଜପାର ବିଦାୟୀ ଅଧକ୍ଷଙ୍କ ସ୍ପଷ୍ଟୀକରଣର କିଛି ମାନେ ନାହିଁ। ଏହା ହେଉଛି ଡ୍ୟାମେଜ୍ କଣ୍ଟ୍ରୋଲ, ଯାହାକୁ ନେଇ କେହି ନିର୍ବୋଧ ପାଲଟିବେ ନାହିଁ। ସମଗ୍ର ରାଜନୀତି ବିଜ୍ଞାନରୁ ଏହା ସମଗ୍ର ରାଜନୈତିକ ଛଳନା ବୋଲି ପ୍ରତିଫଳିତ ହେଉଛି। ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ହେଉଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏହାକୁ ସମର୍ଥନ କରୁଛି। ନିଶିକାନ୍ତ ଓ ଦୀନେଶଙ୍କୁ ନଡ୍ଡା କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସର ଅନ୍ୟ ଜଣେ ସାଧାରଣ ସମ୍ପାଦକ ମୁକୁଲ ୱାସ୍‌ନିକ ଏକ୍ସ'ରେ ଲେଖିଛନ୍ତି, ସୁପ୍ରିମକୋର୍ଟ ଓ ସିଜେଆଇଙ୍କ ବିରୋଧରେ ଖରାପ ମନ୍ତବ୍ୟ ଦେଇଥିବା ୨ ଏମ୍‌ପିଙ୍କୁ ଦଳରୁ ବହିଷ୍କାର କରିବା ହେଉଛି ସର୍ବନିମ୍ନ କାର୍ଯ୍ୟାନୁଷ୍ଠାନ, ଯାହାକି ଏଯାଏ ଶାସକ ଦଳ ନେଇନାହିଁ।

ଉଲ୍ଲେଯୋଗ୍ୟ, ନିକଟରେ ୱାକ୍‌ଫ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ୭୩ଟି ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ୱାକ୍‌ଫ କାଉନ୍‌ସିଲ ଓ ବୋର୍ଡର ନିଯୁକ୍ତି ସମ୍ପର୍କିତ କ୍ଷମତା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ତାମିଲନାଡୁ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ପକାଇ ରଖିଥିବା ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭର୍ତ୍ସନା କରିଥିଲେ। ସେହିପରି ରାଜ୍ୟପାଳ ପଠାଇବାର ୩ ମାସ ଭିତରେ ବିଧେୟକଗୁଡ଼ିକ ଉପରେ ରାଷ୍ଟ୍ରପତି ନିଷ୍ପତ୍ତି ନେବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ପ୍ରସଙ୍ଗକୁ ଦେଖିଲେ ସଂସଦରେ ପାରିତ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ଆଇନ ଉପରେ ମଧ ସୁପ୍ରିମକୋର୍ଟଙ୍କ ଅଙ୍କୁଶ ଲଗାଇବା କ୍ଷମତା ରହିଥିବା ବୁଝି ହେଉଛି। ତେଣୁ ଭାଜପା ଏମ୍‌ପି ନିଶିକାନ୍ତ ଓ ଦୀନେଶ ଉପରୋକ୍ତ ମନ୍ତବ୍ୟ ଦେଇଥିବା ମନେକରାଯାଉଛି। ଇତିମଧ୍ୟରେ ୱାକ୍‌ଫ ଆଇନ ବିରୋଧୀ ଆବେଦନକାରୀଙ୍କ ଜଣେ ଓକିଲ ଅନାସ ତନ୍‌ବୀର ନିଶିକାନ୍ତଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ ଅନୁମତି ପ୍ରଦାନ କରିବାକୁ ଆର୍ଟର୍ନି ଜେନେରାଲ(ଏଜି) ଆର୍. ଭେଙ୍କଟରମଣୀଙ୍କ ନିକଟକୁ ପତ୍ର ଲେଖିଛନ୍ତି।

## ସୁପ୍ରିମକୋର୍ଟଙ୍କୁ ଅଙ୍ଗୁଳି: ଭାଜପାକୁ ଅଡୁଆ


ନିଶିକାନ୍ତ ଦୁବେ


ଦୀନେଶ ଶର୍ମା

## ସଂକ୍ଷେପରେ

### ଜାମ୍ବିଆ ଏୟାରପୋର୍ଟରୁ ୧୭ କୋଟି ଟଙ୍କା ସହ ଭାରତୀୟ ଗିରଫ

**ଲୁସାକା, ୨୦।୪**

ଜାମ୍ବିଆର ଲୁସାକା ଏୟାରପୋର୍ଟରୁ ଶନିବାର ଜଣେ ଭାରତୀୟଙ୍କୁ ଗିରଫ କରାଯାଇଛି। ଜାମ୍ବିଆ ସୀମାଶୁଳ୍କ ବିଭାଗ ତାଙ୍କଠାରୁ ନଗଦ ୧୭ କୋଟି ୭ ଲକ୍ଷ ୭୪ ହଜାର ୫୦୪ ଟଙ୍କା ସହ ୫ ଲକ୍ଷ ଡଲାର ମୂଲ୍ୟର ସୁନା ଜବତ କରିଛି। ସେ ଲୁସାକା ଏୟାରପୋର୍ଟ ଦେଇ ଦୁବାଇ ଯାଉଥିଲେ। ଅଧିକାରୀମାନେ ତାଙ୍କୁ ପଚରାଉଚରା କରୁଛନ୍ତି। ଏହାପଛରେ ଏକ ଅନ୍ତର୍ଜାତୀୟ ସଂଗଠିତ ଅପରାଧ ରାକେଟର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

### ଠାକ୍‌ରେ ଭ୍ରାତା ଏକାଠି ହେବା ଚର୍ଚ୍ଚାକୁ ସଞ୍ଜୟ ରାଉତଙ୍କ ଖଣ୍ଡନ

**ମୁମ୍ବାଇ,୨୦।୪**

ପରସ୍ପରଠାରୁ ଦୂରେଇ ଯାଇଥିବା ଉଦ୍ଧବ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ ଏକାଠି ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ ଏହାକୁ ଖଣ୍ଡନ କରିଛନ୍ତି। ୨ ଭାଇଙ୍କ ମଧ୍ୟରେ କେବଳ ଏକ ଭାବନାତ୍ମକ କଥାବାର୍ତ୍ତା ହୋଇଛି, ମେଣ୍ଟକୁ ନେଇ କୌଣସି ଆଲୋଚନା ହୋଇନାହିଁ ବୋଲି ସଞ୍ଜୟ ଗଣମାଧ୍ୟମକୁ ସ୍ପଷ୍ଟ କରିଦେଇଛନ୍ତି। ତେବେ ଦୁଇ ନେତା ରାଜନୈତିକ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ସମ୍ଭାବନାକୁ ସେ ସମ୍ପୂର୍ଣ୍ଣ ଏଡ଼ାଇଯାଇ ନାହାନ୍ତି। ଭବିଷ୍ୟତ ମେଣ୍ଟ ଆଲୋଚନା ଦାୟିତ୍ୱ ସେ ଦୁଇ ଭାଇଙ୍କ ଉପରେ ଛାଡ଼ିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୀ ବାଧ୍ୟତାମୂଳକ ଭାଷାକୁ ନେଇ ମହାରାଷ୍ଟ୍ରରେ ବିବାଦ ଦେଖାଦେଇଥିବାବେଳେ ରାଜ୍ୟର ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ବିବାଦକୁ ଭୁଲିଯିବା ଆବଶ୍ୟକ ବୋଲି ଉଦ୍ଧବ ଓ ରାଜ୍ ଶନିବାର କହିଥିଲେ।

### ପାକିସ୍ତାନରେ ହିନ୍ଦୁ ମନ୍ତ୍ରୀଙ୍କୁ ଆକ୍ରମଣ

**ଇସ୍‌ଲାମାବାଦ, ୨୦।୪**


ଖିଲ୍ ଦାସ୍ କୋହିସ୍ତାନୀ

ପାକିସ୍ତାନର ସିନ୍ଧ୍ ରାଜ୍ୟରେ ସରକାରଙ୍କ ଏକ ନୂତନ ଜଳସେଚନ କେନାଲ ପ୍ରକଳ୍ପକୁ ବିରୋଧ କରି ପ୍ରତିବାଦ କରୁଥିବା ବିକ୍ଷୋଭକାରୀମାନେ ରବିବାର ଦେଶର ଧାର୍ମିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଖିଲ୍ ଦାସ୍ କୋହିସ୍ତାନୀଙ୍କୁ ଆକ୍ରମଣ କରିଛନ୍ତି। କୋହିସ୍ତାନୀ ହିନ୍ଦୁ ସମୁଦାୟର ହୋଇଥିବା ବେଳେ ସେ ପାକିସ୍ତାନ ମୁସଲିମ ଲିଗ୍-ନୱାଜ (ପିଏମଏଲ୍-ଏନ୍)ର ବରିଷ୍ଠ ନେତା ଭାବେ ସିନ୍ଧ୍ ରାଜ୍ୟରେ ଜଣାଶୁଣା। ରବିବାର କୋହିସ୍ତାନୀ ଏକ ସରକାରୀ କାର୍ଯ୍ୟକ୍ରମ ପାଇଁ ଥଟ୍ଟା ଜିଲାରେ ଯାଉଥିବାବେଳେ ପ୍ରଦର୍ଶନକାରୀମାନେ ତାଙ୍କ ଗାଡ଼ି ଉପରେ ଟମାଟୋ ଏବଂ ଆଳୁ ମାଡ଼ କରିବା ସହ ପାକିସ୍ତାନ ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ତେବେ ଏହି ଆକ୍ରମଣରେ କୋହିସ୍ତାନୀଙ୍କୁ କୌଣସି କ୍ଷତି ପହଞ୍ଚି ନ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

## ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କୁ ଘୋଷାରିନେଲେ

**ଛତରପୁର, ୨୦।୪**

ମଧ୍ୟପ୍ରଦେଶର ଛତରପୁର ଜିଲା ଚିକିତ୍ସାଳୟରେ ଜଣେ ୭୦ ବର୍ଷୀୟ ବରିଷ୍ଠ ନାଗରିକ ଉଦ୍ଧବ ସିଂଙ୍କୁ ୨ ଜଣ ବ୍ୟକ୍ତି ଘୋଷାରି ନେଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ନୌଗାଓଁ ନିବାସୀ ଉଦ୍ଧବ ଗତ ୧୭ରେ ସ୍ତ୍ରୀଙ୍କ ମେଡିକାଲ ଚେକ୍‌ଅପ୍ ପାଇଁ ହସ୍ପିଟାଲ ଆସିଥିଲେ। ଲମ୍ବା ସମୟ ଧରି ଠିଆ ହେବା ପରେ ତାଙ୍କୁ ହସ୍ପିଟାଲର ଡାକ୍ତର ରାଜେଶ ମିଶ୍ରା ଗୋଇଠା ଏବଂ ଚାପୁଡ଼ା ମାରିଥିବା ସେ ଅଭିଯୋଗ ଆଣିଛନ୍ତି। ତେବେ ଉଦ୍ଧବଙ୍କ ଅଭିଯୋଗକୁ ଡାକ୍ତର ରାଜେଶ ଖଣ୍ଡନ କରିଛନ୍ତି। ହସ୍ପିଟାଲର ସିଭିଲ ସର୍ଜନ ଜି. ଏଲ୍ ଅହିରୱାର କହିଛନ୍ତି, ଘଟଣାସ୍ଥଳରେ ରୋଗୀ ଏବଂ ତାଙ୍କ ପରିଜନଙ୍କ ଅତ୍ୟଧିକ ଭିଡ଼ ଥିବାବେଳେ ଉଦ୍ଧବ ଧାଡ଼ି ଭାଙ୍ଗିଥିଲେ। ତେବେ ଉଦ୍ଧବ ହସ୍ପିଟାଲରେ ଘୋଷାଡ଼ି ନିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ନେଇ ପୋଲିସ ନିଜ ଆଡ଼ୁ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ଅଭିଯୁକ୍ତ ଡାକ୍ତର ରାଜେଶ ମିଶ୍ରା ଏବଂ ଅନ୍ୟ ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପୋଲିସ ନୋଟିସ ଜାରି କରିଛି।



ୱାଶିଂଟନ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆମେରିକାରେ ତେଜୁଛି ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

**ୱାଶିଂଟନ୍,୨୦।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତ୍ୟର୍ପଣ, ଛଟେଇ, ଗାଜା ଓ ୟୁକ୍ରେନ୍ ଯୁଦ୍ଧ ନୀତି ବିରୋଧରେ ଶନିବାର ୱାଶିଂଟନ୍, ନ୍ୟୁୟର୍କ ଓ ଶିକାଗୋ ସମେତ ଦେଶର ବିଭିନ୍ନ ସହରରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହ୍ୱାଇଟ୍ ହାଉସ୍ ବାହାରେ ବିକ୍ଷୋଭକାରୀ ଟ୍ରମ୍ପ୍ ପ୍ରଶାସନ ବିରୋଧୀ ଓ ଆପ୍ରବାସୀ ସପକ୍ଷବାଦୀ ସ୍ଲୋଗାନ୍ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜାନୁଆରୀରେ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ ଅଦ୍ୟାବଧି ୨ ଲକ୍ଷ ଲୋକଙ୍କୁ ସରକାରୀ ଚାକିରିରୁ ଛଟେଇ କରିସାରିଲେଣି।

## ଇଷ୍ଟର ଅସ୍ତ୍ରବିରତିର ଉଲ୍ଲଂଘନ

**ମସ୍କୋ/କିଭ୍,୨୦।୪**

ଇଷ୍ଟର ପର୍ବ ଅବସରରେ ଶନିବାର ସନ୍ଧ୍ୟାରୁ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ଅସ୍ତ୍ରବିରତି ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ ହେଁ ତାହାର ଉଲ୍ଲଂଘନ ହୋଇଛି। ଏଥିପାଇଁ ରୁଷିଆ ଏବଂ ୟୁକ୍ରେନ୍ ପରସ୍ପରକୁ ଦୋଷ ଦେଇଛନ୍ତି। ପୁଟିନ୍ ଏହାର ସେନାକୁ ଫ୍ରଣ୍ଟଲାଇନରେ ସମସ୍ତ ସାମରିକ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରୁଷିଆ ଇଷ୍ଟର ଅସ୍ତ୍ରବିରତି ପାଳୁଥିବାର କେବଳ ନାଟକ କରୁଛି। ବାସ୍ତବରେ ଶନିବାର ରାତିରୁ ରବିବାର ମଧ୍ୟରେ ଶତାଧିକ ଆକ୍ରମଣ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେନା ଉପରେ ପୁଟିନ୍‌ଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ନ ଥିବା ଏଥିରୁ ପ୍ରମାଣିତ ହୋଇଛି। ଯୁଦ୍ଧ ବନ୍ଦ କରିବାକୁ ବାସ୍ତବରେ ସେମାନଙ୍କର କୌଣସି ଉଦ୍ଦେଶ୍ୟ ନଥିବା ଜେଲେନ୍‌ସ୍କି ଏକ ପୋଷ୍ଟରେ ଲେଖିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍ ୧,୦୦୦ରୁ ଅଧିକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ୟୁକ୍ରେନ୍ ସେନା ଆକ୍ରମଣରେ କେତେକ ଭିତ୍ତିଭୂମି ନଷ୍ଟହେବା ସହ ସାଧାରଣ ଲୋକଙ୍କ ଜୀବନ ଯାଇଛି।

ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଦ୍ୟମ କରିଆସୁଥିବାବେଳେ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନମିଳିଲେ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଥିଲେ।

### ପରସ୍ପରକୁ ଦୋଷଦେଲେ ରୁଷିଆ, ୟୁକ୍ରେନ୍

## 'ବାଧ୍ୟତାମୂଳକ ହିନ୍ଦୀ'କୁ ମହାରାଷ୍ଟ୍ର ଭାଷା କମିଟିର ବିରୋଧ

**ନୂଆଦିଲ୍ଲୀ,୨୦।୪ (ପି.ଟି.)**

ଜାତୀୟ ଶିକ୍ଷାନୀତି ଅନୁଯାୟୀ ମହାରାଷ୍ଟ୍ରର ସମସ୍ତ ବୋର୍ଡ ସ୍କୁଲ୍‌ରେ ମରାଠୀ ଏବଂ ଇଂଲିଶ ସହ ହିନ୍ଦୀକୁ ପ୍ରଥମ ଶ୍ରେଣୀରୁ ତୃତୀୟ ଭାଷା ଭାବେ ବାଧ୍ୟତାମୂଳକ ପଢ଼ାଇବା ପାଇଁ ଦେବେନ୍ଦ୍ର ଫଡ୍‌ନବିସ୍ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ନେଇ ବିବାଦ ଦେଖାଦେଇଛି। ଶିବସେନା(ୟୁବିଟି), ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସମେତ ବିପକ୍ଷ ଦଳଗୁଡ଼ିକ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି। ପ୍ରଥମ ଶ୍ରେଣୀରୁ ହିନ୍ଦୀକୁ ବାଧ୍ୟତାମୂଳକ କରିବା ନିଷ୍ପତ୍ତିକୁ ରବିବାର ମହାରାଷ୍ଟ୍ର ସରକାରଙ୍କ ଭାଷା ପରାମର୍ଶ କମିଟି ସର୍ବସମ୍ମତିକ୍ରମେ ବିରୋଧ କରିଛି। କମିଟିର ମୁଖ୍ୟ ଲକ୍ଷ୍ମୀକାନ୍ତ ଦେଶମୁଖ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ୍‌ଙ୍କୁ ପତ୍ର ଲେଖି ତାଙ୍କ ସରକାରଙ୍କ ପୂର୍ବ ନିଷ୍ପତ୍ତି ରଦ୍ଦ କରିବା ପାଇଁ ନିବେଦନ କରିଛନ୍ତି।

ହିନ୍ଦୀକୁ ବାଧ୍ୟତାମୂଳକ ଭାଷା କରିବା ପାଇଁ ସ୍କୁଲ୍ ଶିକ୍ଷା ବିଭାଗ ଗତ ୧୬ ତାରିଖରେ ନିଷ୍ପତ୍ତି ନେଇଥିଲା ବୋଲି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି)ର ନିର୍ଦ୍ଦେଶକ ରାହୁଲ ଅଶୋକ ରେଖାୱର କହିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସେ କହିଛନ୍ତି। ବିବାଦ ବଢ଼ିବା ପରେ ଫଡ୍‌ନବିସ କହିଛନ୍ତି, ମରାଠୀ ଭାଷା ମହାରାଷ୍ଟ୍ରରେ ବାଧ୍ୟତାମୂଳକ ହୋଇଥିବାରୁ ପ୍ରତ୍ୟେକ ଏହାକୁ ପଢ଼ିବା ଉଚିତ। ଯଦି ପିଲାମାନେ ଅନ୍ୟ ଭାଷା ପଢ଼ିବାକୁ ଚାହାନ୍ତି, ତେବେ ପଢ଼ିପାରିବେ। ହିନ୍ଦୀକୁ ବିରୋଧ ଏବଂ ଇଂଲିଶକୁ ପ୍ରୋତ୍ସାହନ ବଢ଼ିବା ଆଶ୍ଚର୍ଯ୍ୟଜନକ। ଯଦି କେହି ମରାଠୀକୁ ବିରୋଧ କରେ ତାହାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୭୫ ବର୍ଷରେ ଏପ୍ରିଲ ତାପମାତ୍ରା ୪ ଡିଗ୍ରୀ ବଢ଼ିଛି

**ବୁଏନସ ଏୟାର୍ସ, ୨୦।୪**

୨୦୨୫ ଏପ୍ରିଲରେ ଭାରତ ଓ ପାକିସ୍ତାନରେ ଗ୍ରୀଷ୍ମପ୍ରବାହ ସୀମା ଟପିଛି। ଏକ ନୂଆ ଅନ୍ତର୍ଜାତୀୟ ବୈଜ୍ଞାନିକ ବିଶ୍ଳେଷଣ ଅନୁଯାୟୀ, ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳେ ୨ ପଡ଼ୋଶୀ ଦେଶରେ ଯେତିକି ଗରମ ଅନୁଭୂତ ହେଉଥିଲା, ବର୍ତ୍ତମାନ ତହିଁରୁ ୪ ଡିଗ୍ରୀ ଅଧିକ ତାପମାତ୍ରା ବୃଦ୍ଧି ପାଇଛି। ପାଣିପାଗ ସଙ୍ଗଠନ ସମୂହ କ୍ଲାଇମା ମିଟର ପକ୍ଷରୁ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୯୫୦-୧୯୮୬ ତୁଳନାରେ ୧୯୮୭-୨୦୨୩ ଏପ୍ରିଲର ତାପମାତ୍ରାରେ ଅହେତୁକ ବୃଦ୍ଧି ଘଟିଥିଲା। ଏହାର ପରବର୍ତ୍ତୀ ବର୍ଷର ସମାନ ଅବଧି ଅର୍ଥାତ ଚଳିତ ଏପ୍ରିଲ ମାସରେ ପୂର୍ବାପେକ୍ଷା ଆହୁରି ଉତ୍ତପ୍ତ ବୋଲି ପାଣିପାଗ ଗବେଷକ ସୂଚନା ଦେଇଛନ୍ତି।

ମାନବ ପ୍ରେରିତ ଜଳବାୟୁ ପରିବର୍ତ୍ତନ ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହୋଇଥିବା ନେଇ ଏହି ଅଧ୍ୟୟନରେ ଗବେଷକମାନେ କହିଛନ୍ତି। ଅଧ୍ୟୟନର ଗବେଷକ ଜିଆନ୍‌ମାକୋ ମେଙ୍ଗାଲଡୋ କହିଛନ୍ତି, ଚଳିତ ବସନ୍ତ ଋତୁରେ ଭାରତ ଏବଂ ପାକିସ୍ତାନରେ ଦେଖାଦେଇଥିବା ଗ୍ରୀଷ୍ମ ଲହରି ଜଳବାୟୁ ପରିବର୍ତ୍ତନର ଚିନ୍ତାଜନକ ପ୍ରଭାବକୁ ସୂଚିତ କରୁଛି। ଏହା ସମଗ୍ର ଅଞ୍ଚଳର ଅନେକ କୋଟି ଲୋକଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ଏପ୍ରିଲରେ ହିଟ୍‌ୱେଭ ସ୍ଥିତି ଯୋଗୁ ଉଭୟ ଭାରତ ଏବଂ ପାକିସ୍ତାନରେ ଗ୍ରୀଷ୍ମଜନିତ ରୋଗର ମାମଲାରେ ବୃଦ୍ଧି ଘଟିଥିବାବେଳେ କୃଷି ଉତ୍ପାଦନରେ ବ୍ୟାପକ ବାଧା ସୃଷ୍ଟି ହେବା ସହ ଗୁରୁତର ଜଳାଭାବ ଦେଖାଦେଇଥିବା। ଚଳିତ ଏପ୍ରିଲ ମଧ୍ୟଭାଗରେ ଉଭୟ ଦେଶର ଗ୍ରୀଷ୍ମ ଲହରି ବିପଜ୍ଜନକ ସ୍ତରରେ ପହଞ୍ଚିଛି। ଏପ୍ରିଲ ୧୪ ଏବଂ ୧୫ରେ ପାକିସ୍ତାନର ବେଲୁଚିସ୍ତାନ ଅନ୍ତର୍ଗତ କେତେକ ଅଞ୍ଚଳର ତାପମାତ୍ରା ୪୯ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଥିବା ନେଇ ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ଅସ୍ୱାଭାବିକ ଭାବେ ଶୀଘ୍ର ଆରମ୍ଭ ହୋଇଥିବା ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହକୁ ନେଇ ଉଭୟ ଦେଶର ଜନସାଧାରଣ ଏବଂ ପ୍ରଶାସନ ପ୍ରସ୍ତୁତ ନ ଥିଲେ। ଫଳରେ ଅନେକ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ସ୍ଥିତି ଦେଖାଦେଇଛି, ଯାହା ସ୍ଥାନୀୟ ଲୋକଙ୍କୁ ସମସ୍ୟାରେ ପକାଇଥିବା ଏହି ଅଧ୍ୟୟନ କହିଛି।



## କର୍ନାଟକର ପୂର୍ବତନ ଡିଜିପିଙ୍କୁ ହତ୍ୟା

**ବେଙ୍ଗାଲୁରୁ,୨୦।୪**



କର୍ନାଟକର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓମ୍ ପ୍ରକାଶଙ୍କୁ ରବିବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ଛୁରିଭୁସି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୧୯୮୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ୬୮ ବର୍ଷୀୟ ଓମ୍ ପ୍ରକାଶ ୨୦୧୭ରେ ଅବସର ନେବା ପରେ ସ୍ତ୍ରୀ ପଲ୍ଲବୀଙ୍କ ସହ ବେଙ୍ଗାଲୁରୁର ଏଚ୍‌ଏସ୍‌ଆର୍ ଲେଆଉଟ୍‌ରେ ରହୁଥିଲେ। ଓମ୍‌ପ୍ରକାଶ ମୃତ୍ୟୁ ସମ୍ପର୍କରେ ସ୍ତ୍ରୀ ରବିବାର ସନ୍ଧ୍ୟାରେ ପୋଲିସକୁ ଜଣାଇଥିଲେ। ଓମ୍ ପ୍ରକାଶଙ୍କୁ ଏକାଧିକ ଥର ଛୁରାମାଡ଼ କରାଯାଇଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ସନ୍ଦେହରେ ପଲ୍ଲବୀଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଦମ୍ପତିଙ୍କ ମଧ୍ୟରେ ଦୀର୍ଘଦିନ ହେଲା ବୈବାହିକ ବିବାଦ ରହିଥିବା ଜଣାପଡ଼ିଛି।

## କଶ୍ମୀରରେ ବାଦଲଫଟା ବର୍ଷା

**ଜମ୍ମୁ,୨୦।୪ (ପି.ଟି.)**

### ୩ ମୃତ, ଶତାଧିକ ଉଦ୍ଧାର

ଜମ୍ମୁ-କଶ୍ମୀରର ରାମବନ ଜିଲାର ବିଭିନ୍ନ ଅଞ୍ଚଳରେ ରବିବାର ବାଦଲଫଟା ବର୍ଷାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ ଅଚାନକ ବନ୍ୟା ଆସି ୪୦ଟି ଘର ଭାଙ୍ଗିଯାଇଛି। ବର୍ଷାପାଣି ସୁଅ ଏତେ ପ୍ରଖର ଥିଲା ଯେ ବହୁସଂଖ୍ୟାରେ ଗାଡ଼ି ଭାସିଯାଇଛି। ଆହ୍ୱାନପୂର୍ଣ୍ଣ ସ୍ଥିତି ମଧ୍ୟରେ ପୋଲିସ କର୍ମଚାରୀମାନେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ନଶ୍ରୀ ଏବଂ ବେନିହାଲ ସେକ୍ସନ ମଧ୍ୟରେ ଏକାଧିକ ଭୂସ୍ଖଳନ ଓ ପଥର ଖସିବା ଯୋଗୁ ଗୁରୁତ୍ୱପୂର୍ଣ୍ଣ ରାଜପଥର ଉଭୟ ଦିଗରୁ ଗାଡ଼ି ଚଳାଚଳକୁ ବନ୍ଦ କରିଦିଆଯାଇଛି।

ରାମବନ ଜିଲାର ସେରି ବାଗ୍‌ନା ଗ୍ରାମରେ ପ୍ରବଳ ବର୍ଷାରେ ୨ ଭାଇଙ୍କ ସମେତ ୩ ଜଣ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ୨ ଦିନରେ ଜମ୍ମୁ ଅଞ୍ଚଳରେ ୫ ଜଣଙ୍କ ମୃତ୍ୟୁ ଘଟିଲାଣି। ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ, ଭୂସ୍ଖଳନ ଏବଂ କୁଆପଥର ବର୍ଷା ଲାଗିରହିଥିବାରୁ ସମଗ୍ର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏବେ ଲୋକଙ୍କ ଜୀବନ ବଞ୍ଚାଇବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବା ସେ କହିଛନ୍ତି। ବର୍ଷା ଓ ଭୂସ୍ଖଳନ ଯୋଗୁ ୨୫୦ କିଲୋମିଟ ରାଜପଥ ଅବରୋଧ ହୋଇଥିବାରୁ ଅନେକ ହଜାର ଯାତ୍ରୀ ଫସିରହିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ଥିତି ଆକଳନ ପାଇଁ ଜରୁରୀ ବୈଠକ ଡାକିଥିବାବେଳେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଯୋଗୁ ଅନେକଙ୍କ ଜୀବନ ବଞ୍ଚିଥିବାରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଜିଲା ପ୍ରଶାସନକୁ ପ୍ରଶଂସା କରିଛନ୍ତି।

## ଫୁର୍‌ସତ

## ଉଜ୍ଜ୍ୱଲ ନିକମଙ୍କ ଭୂମିକାରେ ରାଜକୁମାର


ରାଜକୁମାର ରାଓ

**ମୁମ୍ବାଇ:** ଫିଲ୍ମ ନିର୍ମାତା ଦୀନେଶ ଭିଜାନ ପ୍ରସିଦ୍ଧ ସରକାରୀ ଓକିଲ ଉଜ୍ଜ୍ୱଲ ନିକମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଫିଲ୍ମରେ ଅଭିନେତା ଆମିର ଖାନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏକ ନୂତନ ରିପୋର୍ଟ ଅନୁଯାୟୀ, ଉଜ୍ଜ୍ୱଲ ନିକମଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଆମିର ଅଗ୍ରାହ୍ୟ ପ୍ରକାଶ କରିଛନ୍ତି। ତେଣୁ ଏହି ଫିଲ୍ମର ମୁଖ୍ୟ ଅଭିନେତା ଚରିତ୍ର ପାଇଁ ଦୀନେଶଙ୍କ ପକ୍ଷରୁ ଅଭିନେତା ରାଜକୁମାର ରାଓଙ୍କୁ ଅଫର ଦିଆଯାଇଛି। ଏନେଇ ରାଜକୁମାର ଏବଂ ଦୀନେଶଙ୍କ ମଧ୍ୟରେ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଦୀନେଶଙ୍କ ଅଫରକୁ ରାଜକୁମାର ସକାରାତ୍ମକ ଭାବେ ଗ୍ରହଣ କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ସମ୍ପ୍ରତି ରାଜକୁମାର ଫିଲ୍ମ ନିର୍ମାତା ବିକ୍ରମାଦିତ୍ୟ ମୋଟ୍‌ୱାନୀଙ୍କ ଏକ ଫିଲ୍ମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ତେଣୁ ଦୀନେଶ ତାଙ୍କ ଫିଲ୍ମର ଶୁଟିଂ ଡେଟ୍ ସମ୍ପର୍କରେ ରାଜକୁମାରଙ୍କ ସହ ଶେଷ ପର୍ଯ୍ୟାୟ ଆଲୋଚନା କରୁଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ଦେଶର ଜଣେ ପ୍ରସିଦ୍ଧ ସରକାରୀ ଓକିଲ ଭାବେ ଉଜ୍ଜ୍ୱଲ ନିକମ ଜଣାଶୁଣା। ୧୯୯୩ ବମ୍ବେ ବିସ୍ଫୋରଣ, ୨୬/୧୧ ମୁମ୍ବାଇ ଆକ୍ରମଣ, ପ୍ରମୋଦ ମହାଜନ ହତ୍ୟାକାଣ୍ଡ ଆଦି ଅନେକ ହାଇପ୍ରୋଫାଇଲ ମାମଲାରେ ସେ କୋର୍ଟରେ ସରକାରଙ୍କ ପକ୍ଷ ରଖିଥିଲେ। ୨୦୧୬ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ।

## ସ୍ୱଚ୍ଛ, ନାଗରିକକୈନ୍ଦ୍ରିକ ଶାସନକୁ ଗୁରୁତ୍ୱ

### ଜାତୀୟ ନାଗରିକ ସେବା ଦିବସ



ଭାରତରେ ପ୍ରତିବର୍ଷ ୨୧ ଏପ୍ରିଲରେ ପାଳନ କରାଯାଏ ଜାତୀୟ ନାଗରିକ ସେବା ଦିବସ, ଯାହା ଦେଶର ନାଗରିକ ସେବାରେ ନିୟୋଜିତ ଅଧିକାରୀଙ୍କ ନିଷ୍ଠା, ପ୍ରତିବଦ୍ଧତା ଏବଂ ନିଷ୍ପକ୍ଷତାକୁ ସମ୍ମାନ ଜଣାଇଥାଏ। ୨୦୦୬ ମସିହାରେ ପ୍ରଥମେ ଏହି ଦିବସ ପାଳନ ହୋଇଥିଲା। କେନ୍ଦ୍ର ସରକାର ନାଗରିକ ସେବକଙ୍କୁ ସମ୍ମାନିତ କରିବା ଓ ସେମାନଙ୍କ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସେହିବର୍ଷ ଏହାକୁ ଏକ ବିଶେଷ ଦିବସ ଭାବେ ଘୋଷଣା କରିଥିଲେ। ଏହି ଦିବସ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଉତ୍ସର୍ଗୀକୃତ, ଯିଏ ଭାରତୀୟ ନାଗରିକ ସେବାର ମୂଳଦୁଆ ପକାଇଥିଲେ। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ନବସୃଜନ,ସ୍ୱଚ୍ଛ ଏବଂ ନାଗରିକକୈନ୍ଦ୍ରିକ ଶାସନ'।

ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୧/୨୦୨୫ | Bhubaneswar, Monday, April 21/2025 | ପୃଷ୍ଠା-୧



ଜମ୍ମୁ-କଶ୍ମୀରର ରାମବନ ଜିଲାରେ ରବିବାର ବାଦଲଫଟା ବର୍ଷା ଯୋଗୁ ଭୂସ୍ଖଳନ ପରେ ଗାଡ଼ିଗୁଡ଼ିକ ଫସିରହିଛି।

# ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବେ ସୁପ୍ରିମକୋର୍ଟ: ଚେଲମେଶ୍ୱର

**ସଂସଦରେ ପାରିତ ଆଇନର ନ୍ୟାୟିକ ସମୀକ୍ଷା କରି ତାକୁ ଯଦି ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଅସାମ୍ବିଧାନିକ ଘୋଷଣା କରିପାରିବେ, ତେବେ ସରକାରଙ୍କ ସର୍ବୋଚ୍ଚ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଅଦାଲତ ନିର୍ଦ୍ଦେଶନାମା ମଧ୍ୟ ଜାରି କରିପାରିବେ ବୋଲି ଜଷ୍ଟିସ୍ (ଅବସରପ୍ରାପ୍ତ) ଜସ୍ତି ଚେଲମେଶ୍ୱର କହିଛନ୍ତି। ସମ୍ପ୍ରତି ସଂସଦ, ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟଙ୍କ କ୍ଷମତାକୁ ନେଇ ଦେଶରେ ବିତର୍କ ଲାଗିରହିଥିବାବେଳେ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଚେଲମେଶ୍ୱରଙ୍କ ମନ୍ତବ୍ୟକୁ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି।**



ଜଷ୍ଟିସ୍ ଜେ. ଚେଲମେଶ୍ୱର

**ଚେନ୍ନାଇ,୨୦।୪**

୨୦୧୮ ଜାନୁଆରୀ ୧୨ରେ ତତ୍କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ଯୋଗୁ ନ୍ୟାୟପାଳିକାରେ ସଙ୍କଟ ସୃଷ୍ଟି ହୋଇଥିବା ଅଭିଯୋଗ ଆଣି ସୁପ୍ରିମକୋର୍ଟର ଯେଉଁ ୪ ଜଣ ବିଚାରପତି ଅଭୂତପୂର୍ବ ଖବରଦାତା ସମ୍ମିଳନୀର ଆୟୋଜନ ପୂର୍ବକ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ସେମାନଙ୍କ ନେତୃତ୍ୱ ନେଇଥିଲେ ଜଷ୍ଟିସ୍ ଜସ୍ତି ଚେଲମେଶ୍ୱର। ବର୍ତ୍ତମାନ ବ୍ୟବସ୍ଥାପିକାର ଆଇନ ପ୍ରଣୟନ କ୍ଷମତା ଏବଂ ଏହା ଉପରେ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ନେଇ ମତମନ୍ତବ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜଷ୍ଟିସ୍ ଚେଲମେଶ୍ୱର ମୁହଁ ଖୋଲି କହିଛନ୍ତି, ପାର୍ଲାମେଣ୍ଟରେ ପ୍ରଣୀତ ଏକ ଆଇନର ଆଇନଗତ ବୈଧତା ଯାଞ୍ଚ ସମ୍ପର୍କିତ କ୍ଷମତାର ପ୍ରୟୋଗ କରି ରାଷ୍ଟ୍ରପତିଙ୍କୁ କାର୍ଯ୍ୟ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ।

ଚେନ୍ନାଇରେ ଶନିବାର ଆୟୋଜିତ 'ସମ୍ବିଧାନର ୭୫ତମ ବର୍ଷ' ଶୀର୍ଷକ ବକ୍ତୃତାମାଳାରେ ଜଷ୍ଟିସ୍ ଚେଲମେଶ୍ୱର ବକ୍ତବ୍ୟ ରଖିବା ଅବସରରେ ବିଧାନସଭାରେ ପାରିତ ବିଲ୍‌ଗୁଡ଼ିକ ଉପରେ ସମୟବଦ୍ଧ ଭାବେ ରାଷ୍ଟ୍ରପତି ଓ ରାଜ୍ୟପାଳ ନିଷ୍ପତ୍ତି ନେବେ ବୋଲି ନିକଟରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଯଥାର୍ଥତା ପ୍ରତିପାଦିତ କରିଛନ୍ତି। ଜଷ୍ଟିସ୍ ଚେଲମେଶ୍ୱର କହିଛନ୍ତି, ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଯଦି ସଂସଦରେ ପାରିତ ଏକ ଆଇନର ନ୍ୟାୟିକ ସମୀକ୍ଷା କରି ତାକୁ ଅସାମ୍ବିଧାନିକ ଘୋଷଣା କରିପାରିବେ, ତେବେ ସରକାରଙ୍କ ସର୍ବୋଚ୍ଚ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଅଦାଲତ ନିର୍ଦ୍ଦେଶନାମା ମଧ୍ୟ ଜାରି କରିପାରିବେ। ଏହି ଦେଶରେ ଆମେ ଗ୍ରହଣ କରିନେଇଛୁ ଯେ, ଏକ ଆଇନ ସମ୍ବିଧାନ ଅନୁରୂପ କି ନୁହେଁ ତାହା ଉପରେ ନିଷ୍ପତ୍ତି ନେବା କର୍ତ୍ତୃତ୍ୱ ନ୍ୟାୟପାଳିକାର ରହିଛି। ଉଲ୍ଲେଖଯୋଗ୍ୟ, ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ୧୦ଟି ବିଲ୍‌କୁ ରାଜ୍ୟପାଳ ଆର୍. ଏନ୍. ରବି ପକାଇ ରଖିଥିଲେ। ରାଜ୍ୟର ଡିଏମ୍‌କେ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏପ୍ରିଲ ୮ରେ ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ବିଲ୍‌ଗୁଡ଼ିକୁ ଆଇନରେ ପରିଣତ କରିବା ସହ ସର୍ବୋଚ୍ଚ ଅଦାଲତ ବିଲ୍‌ର ତର୍ଜମା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୩ ମାସ ସମୟ ସୀମା ଧାର୍ଯ୍ୟ କରିଥିଲେ। ଏହା ଉପରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନ୍‌କର ଗୁରୁବାର ପ୍ରଶ୍ନ ଉଠାଇ କହିଥିଲେ, ସୁପ୍ରିମକୋର୍ଟ 'ସୁପର ପାର୍ଲାମେଣ୍ଟ' ଭଳି କାର୍ଯ୍ୟ କରୁଛନ୍ତି। ଅଦାଲତ ଗଣତାନ୍ତ୍ରିକ ଶକ୍ତିକୁ ଭେଦ କଲାଭଳି ଆଣବିକ କ୍ଷେପଣାସ୍ତ୍ର ଛାଡ଼ିପାରିବେ ନାହିଁ। ଧନକରଙ୍କ ଏହି ମନ୍ତବ୍ୟ ଉପରେ ମାଡ୍ରାସ୍ ହାଇକୋର୍ଟ ବିଚାରପତି ସି.ଟି. ସେଲ୍‌ଭମ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଷ୍ଟିସ୍ ଚେଲାମେଶ୍ୱର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ଖୁଣ୍ଟରେ ବାନ୍ଧି ପିଟିଲେ, ପରିସ୍ରା ପିଆଇଲେ

## ୨ ନାବାଳକ ଆକ୍ରମଣର ଶିକାର

**ମେଳା ବୁଲିବାକୁ ଆସିଥିଲେ, ମାତ୍ର ଆକ୍ରମଣର ଶିକାର ହେଲେ। ଶନିବାର ରାତିରେ ଜମାଣ ଉତ୍ସବରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ କୌଣସି କଥାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ଗଣ୍ଡଗୋଳକାରୀ ଯୁବକମାନେ ଖସି ପଳାଇଥିବାବେଳେ ଅନ୍ୟ ୨ଜଣ ନିରୀହ ନାବାଳକଙ୍କୁ କେତେଜଣ ଯୁବକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହାରଡ୍‌ରେ ନିସ୍ତୁକ ମାଡ଼ ମାରିବା ସହ ସିଗାରେଟ ଚେଙ୍କ ଦେଲେ। ପରେ ପରିସ୍ରା ମଧ୍ୟ ପିଆଇବାକୁ ପଛାଇଲେ ନାହିଁ। ଏଭଳି ଅମାନବୀୟ ଘଟଣା ଘଟିଛି ପୁରୀ ଜିଲା ବଳଙ୍ଗା ଥାନା କୋଟକୁସାଙ୍ଗ ଗ୍ରାମରେ। ମାଡ଼ ମାରିଥିବା ଯୁବକମାନଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡ଼ିତଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଅପରପକ୍ଷରେ ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।**

**ବଳଙ୍ଗା/ପିପିଲି,୨୦।୪**
**(କେଦାରେଶ୍ୱର ନନ୍ଦ/ଦୁର୍ଗାମାଧବ ମିଶ୍ର )**

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ କୋଟକୁସାଙ୍ଗ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଥିଲା। ଶୋଭାଯାତ୍ରା ସମୟରେ ବଳଙ୍ଗା ପ୍ରଧାନସାହି ଓ କୋଟକୁସାଙ୍ଗ ବେହେରା ସାହିର କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ କୋଟକୁସାଙ୍ଗ ଗ୍ରାମର ୨ଜଣ ଗୁରୁତର ହୋଇଥିଲେ। ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସମସ୍ତେ ପଳାଇଥିଲେ ଏବଂ ପୋଲିସ ପ୍ରଧାନସାହିର ଜଣଙ୍କୁ ଉଠାଇ ଆଣିଥିଲା। ପରେ ବଳଙ୍ଗା ବିରାଟ ସାହିରୁ ୨ଜଣ ନାବାଳକ ଜମାଣ ଦେଖିବା ପାଇଁ ଯାଇଥିବାବେଳେ ସେମାନଙ୍କୁ ବଳଙ୍ଗା ପ୍ରଧାନସାହି ପିଲା ଭାବି କୋଟକୁସାଙ୍ଗ ବେହେରା ସାହିର ଲୋକମାନେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହା ରଡ୍‌ରେ ବାଡ଼େଇବା ସହ ଗାଳିଗୁଲଜ କରିଥିଲେ। ଏଥିସହ ସେମାନଙ୍କ ଦେହରେ



ହାତରେ ଚେଙ୍କ ଦିଆଯାଇଛି।

ସିଗାରେଟ୍ ଚେଙ୍କ ଦେଇଥିଲେ। ମାଡ଼ରେ ଲହୁଲୁହାଣ ହୋଇ ଜୀବନ ବିକଳରେ ୨ ନାବାଳକ ପାଣି ମାଗିଥିଲେ। ହେଲେ ସେମାନଙ୍କୁ ପାଣି ଦେବା ପରିବର୍ତ୍ତେ ପରିସ୍ରା ପିଆଇ ଦେଇଥିଲେ। କୌଶଳକ୍ରମେ ନାବାଳକଦ୍ୱୟ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ବିରାଟ ସାହିର କେତେଜଣ ଲୋକ ଏବଂ ନାବାଳଙ୍କ ପରିବାର ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି କୋଟକୁସାଙ୍ଗର ଆଉ ୨ଜଣଙ୍କୁ ଉଠାଇ ଆଣି ବଳଙ୍ଗା ଥାନାକୁ ଆଣିଥିଲେ। ଏନେଇ ବଳଙ୍ଗା ଥାନାରେ ନଂ. ୮୨/୨୦୨୫ରେ ଏକ ମାମଲା ରୁଜୁ ହୋଇ ସମ୍ପୃକ୍ତ ୩ଯୁବକଙ୍କୁ ଗିରଫ କରାଯାଇଛି, ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

# ଆଜି ୫ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ପୁରୀ,୨୦।୪(ଅଜିତ କୁମାର ମହାନ୍ତି)**

ବୈଶାଖ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଏହି ନୀତି ସମ୍ପାଦନ କରାଯାଏ। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଏ। ସୋମବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପଇତାଲାଗି ନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ

## ପଇତାଲାଗି ନୀତି ହେବ

ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପରମ୍ପରା ଅନୁଯାୟୀ, ପାଟରା ବିଶୋଇମାନେ ପ୍ରସ୍ତୁତ କରିଥିବା ପଇତାକୁ ରବିବାର ଦେଉଳକରଣଙ୍କୁ ହସ୍ତାନ୍ତର କରିଛନ୍ତି। ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ପଇତାଲାଗି ନୀତି ହେବ। ପାଟଡୋରିରେ ନିର୍ମିତ ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଯିବ, ଯାହାକୁ ପଇତାଲାଗି ବୋଲି କୁହାଯାଏ। ବର୍ଷକରେ ଦୁଇଥର ଅର୍ଥାତ୍ ଚନ୍ଦନଯାତ୍ରା ଓ ଘୋଡ଼ଲାଗି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦଇତାପତି ସେବାୟତମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ମହାପ୍ରଭୁଙ୍କ ପଇତାଲାଗି, ରାମାଭିଷେକ ଓ ବନକଲାଗି ଆଦି ବିଶେଷ ନୀତି ହେବାକୁ ଥିବାରୁ ୪ଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦାଦନ ଖଟିବାକୁ ଯାଇ ଡଙ୍ଗରିଆ ନାବାଳିକାଙ୍କ ମୃତ୍ୟୁ

**ରାୟଗଡ଼ା,୨୦।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଜଣେ ନାବାଳିକା କେରଳ ତ୍ରିସୁର ଜିଲାକୁ ଦାଦନ ଖଟିବାକୁ ଯାଇ ଶନିବାର ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ନାବାଳିକା ହେଲେ ବିଷମକଟକ ବ୍ଲକ ନିୟମଗିରି ପାହାଡ଼ ଖଜୁରି ଗ୍ରାମର ଆଦାଇ ୱାଡାକା (୧୭)। ଗରିବ ହୋଇଥିବାରୁ ଝିଅର ମୃତଦେହ କେରଳରୁ ଆଣିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ପରିବାର ଲୋକେ କହିଛନ୍ତି। ଖବର ପାଇବା ପରେ ଜିଲାପାଳ ପାରୁଲ ପଟାୱରି ମୃତଦେହ ଫେରାଇ ଆଣିବା ପାଇଁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଫେଁରିଲା ତାତି, ଅତିଷ୍ଠ କଲା ଗୁଳୁଗୁଳି

**ଭୁବନେଶ୍ୱର,୨୦।୪**
**(ଅନୁରାଧା ମହାରଣା)**

### ୪୩.୫ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ

କାଳବୈଶାଖୀଜନିତ ବର୍ଷା ପାଇଁ କିଛିଦିନ ହେବ ରାଜ୍ୟରେ ତାପମାତ୍ରା କମିଥିଲା। ଗରମ, ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତ ଅନୁଭବ କରୁଥିବାବେଳେ ଏବେ ପାରଦ ପୁଣି ଉପରମୁହାଁ ହୋଇଛି। ରବିବାର ହଠାତ୍ ୩ ଡିଗ୍ରୀରୁ ଅଧିକ ତାପମାତ୍ରା ବଢ଼ିଯିବା ସହ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରିପକାଇଛି। ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୪୩.୫ ଡିଗ୍ରୀ ସେଲ୍‌ସିୟସ୍ ସହ ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ସେହିପରି ୧୧ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ତାପମାତ୍ରା ୩୭ ଡିଗ୍ରୀ ଅତିକ୍ରମ କରିଛି। ରାଜଧାନୀରେ ଶନିବାର ତୁଳନାରେ ତାପମାତ୍ରା ବୃଦ୍ଧି ଘଟିଥିବାବେଳେ ଦିନ ତମାମ ଆର୍ଦ୍ରତା ୬୦%ରୁ ଅଧିକ ରହିବାରୁ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହୋଇଥିଲା। ତେବେ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୪ ଦିନ ଓଡ଼ିଶା ସମେତ ପୂର୍ବଭାରତର ରାଜ୍ୟଗୁଡିକରେ ଦିନ ତାପମାତ୍ରାରେ ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇପାରେ। ଅନ୍ୟପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର



ପକ୍ଷରୁ ପୂର୍ବାନୁମାନ କରାଯାଇଥିବା ଜିଲାଗୁଡ଼ିକରେ ରବିବାର କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ସୂଚନାଥାଉ କି, କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଚଳିତବର୍ଷ ପ୍ରାକ୍ ମୌସୁମୀ ଋତୁ ମାର୍ଚ୍ଚ ୧ରୁ ଏପ୍ରିଲ ୧୯ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସ୍ୱାଭାବିକ ବର୍ଷା ୩୮.୯ ମିମିଠାରୁ ୫୫% ଅଧିକ ଅର୍ଥାତ୍ ୬୦.୫ ମିମି ବର୍ଷା ରେକର୍ଡ କରାଯାଇଛି।

## ଗୁଳିମାଡ଼, ପଥର ଛେଚି ଯୁବକଙ୍କୁ ହତ୍ୟା

**ଢେଙ୍କାନାଳ,୨୦।୪( ରତନ ନାୟାର )**

ଢେଙ୍କାନାଳ ସହର ଜୟଗୋପାଳ ସାହି ନିକଟରେ ରବିବାର ରାତ୍ରି ପ୍ରାୟ ସାଢ଼େ ୧୧ଟାରେ ମହେଶ୍ୱର ବେହେରା ଓରଫ ଟିଟନ(୩୫)ଙ୍କୁ କେତେଜଣ ଦୁର୍ବୃତ୍ତ ୨ ରାଉଣ୍ଡ ଗୁଳିମାଡ଼ କରିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ବାଲିଘାଟ ନିଲାମକୁ ନେଇ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ପୋଲିସ ଘଟଣାର ତଦନ୍ତ କରୁଛି । ମିଳିଥିବା ସୂଚନା ଅନୁସାରେ ମହେଶ୍ୱର ରାତିରେ ତାଙ୍କର କାରିଗର ସାହିସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ବାଟରେ କେତେଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ତାଙ୍କ ୨ ଗୋଡ଼ରେ ଗୁଳିମାଡ଼ ହୋଇଥିବାବେଳେ ସେ ବହୁ କଷ୍ଟରେ ଘର ଆଗକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଡାକିଥିଲେ। ମହେଶ୍ୱରଙ୍କୁ ଡାକ୍ତରଖାନାକୁ ନେବାକୁ ତାଙ୍କ ସ୍ତ୍ରୀ ପରିବାର ଲୋକଙ୍କୁ ଡାକି ବାହାରକୁ ଆସୁଥିବାବେଳେ ଉକ୍ତ ଦୁର୍ବୃତ୍ତମାନେ ପୁଣି ସେଠାକୁ ଆସି ମହେଶ୍ୱରଙ୍କୁ ଘୋଷାଡ଼ି ନେଇ ତାଙ୍କ ଉପରେ ପଥର ଛେଚି ହତ୍ୟା କରିଥିଲେ।

# ଆଜି ମୋଦି-ଭାନ୍ସ ଆଲୋଚନା



ସ୍ତ୍ରୀ ଉଷା ଭାନ୍ସଙ୍କ ସହ ଜେ.ଡି. ଭାନ୍ସ।

**ନୂଆଦିଲ୍ଲୀ,୨୦।୪(ପି.ଟି.)**

ଭାରତ ଗସ୍ତରେ ଆସୁଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଓ ତାଙ୍କ ସ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ସେକେଣ୍ଡ ଲେଡି ଉଷା ଭାନ୍ସଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସନ୍ଧ୍ୟାରେ ୭ ଲୋକକଲ୍ୟାଣ ମାର୍ଗ ବାସଭବନରେ ନୈଶଭୋଜିର ଆୟୋଜନ କରିଛନ୍ତି। ଏହା ପୂର୍ବରୁ ଆମେରିକା ନେତାଙ୍କ ସହ ମୋଦି ବାଣିଜ୍ୟ, ଟାରିଫ୍, ଆଞ୍ଚଳିକ ସୁରକ୍ଷା ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆନୁଷ୍ଠାନିକ ଆଲୋଚନା କରିବେ। ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ତୁରନ୍ତ ଚୂଡ଼ାନ୍ତ କରିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇପାରେ ବୋଲି ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଜଣାପଡ଼ିଛି।

ଭାନ୍ସ ଦମ୍ପତିଙ୍କ ସହ ସେମାନଙ୍କ ୩ ପିଲା ୪ ଦିନିଆ ଭାରତ ଗସ୍ତରେ ଆସି ସୋମବାର ପାଲାମ ଏୟାରବେସ୍‌ରେ ଅବତରଣ କରିବେ। ସେମାନଙ୍କ ସହ ପେଣ୍ଟାଗନ୍ ଏବଂ ପରରାଷ୍ଟ୍ର ବିଭାଗର ଅନ୍ୟୂନ ୫ ଜଣ ବରିଷ୍ଠ ଅଧିକାରୀ ଆସିପାରନ୍ତି ବୋଲି ଆଶା କରାଯାଉଛି। ଆଲୋଚନା ବେଳେ ମୋଦିଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏବଂ ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଉପସ୍ଥିତ ରହିବା ଆଶା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ୬୦ ଦେଶ ଉପରେ ଟାରିଫ ଲାଗୁ କରିବା ଓ ପରେ ସ୍ଥଗିତ ରଖିବାର କିଛି ସପ୍ତାହ ପରେ ଭାନ୍ସ ପ୍ରଥମ ଥର ଭାରତ ଗସ୍ତରେ ଆସୁଛନ୍ତି। ଟାରିଫ୍, ବଜାର ପ୍ରବେଶ ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ନିମନ୍ତେ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ପକ୍ଷରୁ ଆଲୋଚନା ଜାରି ରହିଛି।

ଦିଲ୍ଲୀରେ ପହଞ୍ଚିବା ପରେ ଭାନ୍ସ ଓ ତାଙ୍କ ପରିବାର ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର ଦର୍ଶନରେ ଯିବେ। ଏଥିସହିତ ପାରମ୍ପରିକ ଭାରତୀୟ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେଉଥିବା ଶପିଂ କମ୍ପ୍ଲେକ୍ସକୁ ମଧ୍ୟ ସେମାନେ ଯାଇପାରନ୍ତି। ଏଥିସହିତ ସେମାନେ ଜୟପୁର ଓ ଆଗ୍ରା ଯିବା କାର୍ଯ୍ୟକ୍ରମ ରହିଛି।

## ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ

**ସଇଁତଲା/ବେଲପଡ଼ା,୨୦।୪ (ରାଖାଲ ପ୍ରସାଦ ଶତପଥୀ/ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲାର ପୃଥକ୍ ସ୍ଥାନରେ ବଜ୍ରପାତ ଘଟି ରବିବାର ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଅପରାହ୍ନରେ ସଇଁତଲା ଅଞ୍ଚଳରେ ବଜ୍ରପାତରେ ସ୍ନେହଲତା ବୁଡେକ (୬୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କରମତଲା ପଞ୍ଚାୟତ ତୁଷ୍ଟାପାଲି ଗ୍ରାମରେ। ସ୍ନେହଲତା ଗାଁ ନିକଟ ବିଲକୁ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ସେ ଅଚେତ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସ୍ନେହଲତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରପାତରେ ବେଲପଡ଼ା ଥାନା ଅନ୍ତର୍ଗତ ସରମୁହାଣ ଗାଁର ଜଣେ ଟ୍ରାକ୍ଟର ଡ୍ରାଇଭର ଗଙ୍ଗାଧର ଧରୁଆ (୩୦)ଙ୍କ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଏକ ଚାଷଜମିରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଟ୍ରାକ୍ଟରରୁ ତଳେ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି।

# ଆଜି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ସମ୍ବଲପୁର,୨୦।୪(ପ୍ରମୋଦ ବହିଦାର)**

ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀ ରାଜଧାନୀ ଭୁବନେଶ୍ୱର ବାହାରେ ଲୋକଙ୍କ ଅଭିଯୋଗ ଶୁଣିବେ। ସୋମବାର ସମ୍ବଲପୁରରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣିକୁ ସଫଳତାର ସହିତ ସମ୍ପନ୍ନ କରିବାକୁ ପ୍ରାଥମିକତା ଦିଆଯାଉଛି। ମୁଖ୍ୟମନ୍ତ୍ରୀ ରବିବାର ରାତିରେ ସମ୍ବଲପୁରଠାରେ ପହଞ୍ଚି ମା'ସମଲେଇଙ୍କ ଦର୍ଶନ କରିଛନ୍ତି। ଅଭିଯୋଗ ଶୁଣାଣିର ଅବ୍ୟବହିତ ପୂର୍ବରୁ ରବିବାର ସକାଳେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ପ୍ରସ୍ତୁତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପରିଦର୍ଶନ କରି ପ୍ରସ୍ତୁତିର



ମା' ସମଲେଇ ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

ସମୀକ୍ଷା କରିବା ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ପଞ୍ଜୀକୃତ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି ପାଇଁ ପ୍ରୟାସ କରାଯିବ। ପଞ୍ଜୀକୃତ ହୋଇଥିବା ଏକ ହଜାର ସ୍ଲଟ ମଧ୍ୟରୁ ସର୍ବାଧିକ ପ୍ରାୟ ୫ଶହ ପାଖାପାଖି ସମ୍ବଲପୁରର ଅଭିଯୋଗକାରୀ ରହିଥିବା ବେଳେ ବରଗଡ଼ ଓ ଝାରସୁଗୁଡ଼ାର ଅଭିଯୋଗକାରୀଙ୍କ ସଂଖ୍ୟା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଏଠାରେ କେବଳ ପଶ୍ଚିମ ଓଡ଼ିଶାର ନୁହେଁ, ବରଂ କଟକର ମଧ୍ୟ କେତେଜଣ ଅଭିଯୋଗକାରୀ ପଞ୍ଜୀକୃତ ହୋଇଛନ୍ତି। ଶୁଣାଣି ବେଳେ ନାମ ପଞ୍ଜୀକରଣ ସହିତ ସମ୍ପୃକ୍ତ ଅଭିଯୋଗକାରୀ ଉପସ୍ଥିତ ରହିବା ଅନିବାର୍ଯ୍ୟ। ତେବେ ସମସ୍ତ ଅଭିଯୋଗକାରୀଙ୍କ ସମସ୍ୟାର ଶୁଣାଣି ମାଧ୍ୟମରେ ଯଥାଶୀଘ୍ର ଯେମିତି ସମାଧାନ ହୋଇପାରିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ତେବେ ବର୍ତ୍ତମାନ ଜାରି ରହିଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରୁ ଆସୁଥିବା ଅଭିଯୋଗକାରୀଙ୍କ ସୁବିଧା ଓ ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ସଫେଇ କର୍ମଚାରୀଙ୍କ ମୃତ୍ୟୁ, ଘରୁ ବାହାରିଲା ପୁଳା ପୁଳା ଟଙ୍କା, ସୁନା

ମାଲକାନଗିରି,୨୦।୪ (ନୃସିଂହ ଚରଣ ମହାନ୍ତି): ମାଲକାନଗିରି ଜିଲା ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ସଫେଇ କର୍ମଚାରୀଙ୍କର ମୃତ୍ୟୁ ପରେ ସେ ରହୁଥିବା ଘରୁ ପୁଳା ପୁଳା ଟଙ୍କା ଓ ସୁନା ବାହାରିଛି। ପଡ଼ୋଶୀ ଓ ସ୍ଥାନୀୟ ଲୋକେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଘରଟି ଅପରିଷ୍କାର ଥିବା ବେଳେ ବିଭିନ୍ନ ସ୍ଥାନରୁ ପୁଳା ପୁଳା ଟଙ୍କା ଓ ସୁନା ଦେଖିବାକୁ ମିଳିଥିଲା। ଗୋଟିଏ ବ୍ୟାଗରୁ ପାଖାପାଖି ୮୦ରୁ ୯୦ ଲକ୍ଷ ଟଙ୍କା ମିଳିଥିଲା। ଉକ୍ତ ଟଙ୍କାଗୁଡ଼ିକୁ ତାଙ୍କ ସମ୍ପର୍କୀୟମାନଙ୍କୁ ଦିଆଯିବା ସହ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ଧରି ଡମ୍ବରୁ ଗରଡ଼ା ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିବାହ କରି ନ ଥିଲେ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ରାଜ୍ୟ କଂଗ୍ରେସ ପକ୍ଷରୁ ଜାନକୀ ବାବୁଙ୍କ ସ୍ମୃତି ସଭା, ସ୍ଥାନ: କଂଗ୍ରେସ ଭବନ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ହୋଟେଲ ରୟାଲ ସୁଇଟ୍, ସତ୍ୟ ନଗର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ହିନ୍ଦୁ ପରିଷଦ ଜିଲା ଶାଖା ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୩୦ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଆଇଏମ୍ଏମ୍‌ଟି ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଲୁପ୍ତପ୍ରାୟ ଲୋକକଳା 'ନୃତ୍ୟ ନାଟିକା କୃଷ୍ଣଲୀଳା', ସ୍ଥାନ: ମୁକ୍ତା ମଞ୍ଚ, ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବିପ୍ଳବୀ କୃତିବାସ', ସମୟ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଲଙ୍କା ପୋଡ଼ି', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋତଲବିନ୍ଧା, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଇନ୍ଦ୍ରଜିତ ବଧ', ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳା ପରିବେଷଣ, ସ୍ଥାନ: ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ ବଇରୁଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳାର ନାଟକ 'କୁମ୍ଭକର୍ଣ୍ଣ ବଧ', ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ ରାମଲୀଳା ପଡ଼ିଆ ବେଣୁପୁର, ସମୟ: ରାତି ୧୧ଟା ୩୦।

### କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

### ବାଲେଶ୍ୱର

- ମା'ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ୟୁନାଇଟେଡ଼ କ୍ଲବ ପ୍ରାଙ୍ଗଣ, ଦୁବଲାଗଡି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଜଳେଶ୍ୱର, ସମୟ: ସକାଳ ୭ ଟା।
- ବସନ୍ତ ଉତ୍ସବର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ସକାଳ ୭ଟା।
- ଚାନ୍ଦବାଲି ଏନ୍ଏସିର ୩ୟ ପରିଷଦ ବୈଠକ, ସ୍ଥାନ: ଏନ୍ଏସି କାର୍ଯ୍ୟାଳୟ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସାଧନା ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

### କେନ୍ଦୁଝର

- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ,ସ୍ଥାନ:ହାଟଡିହି, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- ଅଷ୍ଟ ପ୍ରହରୀ ନାମଯଜ୍ଞ ଓ ନଗର ଭ୍ରମଣ, ସ୍ଥାନ: ବଡ଼ରମ୍ପାସ, ଛେନାପଦି, ସମୟ: ଅପରାହ୍ନ ୩ଟା।

### ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା,ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ନାଟ୍ୟ ମହୋତ୍ସବର ନାଟକ 'ସାର୍ ଭୁଲ୍ ହୋଇଗଲା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

### ବ୍ରହ୍ମପୁର

- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକ ପତ୍ର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

### କନ୍ଧମାଳ

- ମିଳିତ ମହାମଞ୍ଚ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ, ସ୍ଥାନ: କ୍ରିକେଟ କ୍ଲବ୍ ବ୍ରାହ୍ମଣୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

### ଜଗତ୍‌ସିଂହପୁର

- କଂଗ୍ରେସ ତରଫରୁ ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: କନକପୁର, ଶାରଳା ମନ୍ଦିର ନିକଟ, ସମୟ: ସକାଳ ୮ଟା।

### କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ସକାଳ ୮ଟା ୩୦।
- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ୧୦ଟା।

### ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବର, ସ୍ଥାନ: ଧର୍ମଶାଳା ବ୍ଲକ ସଭାକକ୍ଷ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ କାର୍ଯ୍ୟକ୍ରମରେ ମନୋହର ଦାସଜୀ ମହାରାଜଙ୍କ ପ୍ରବଚନ, ସ୍ଥାନ : ଯାଜପୁର ରୋଡ, ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

### ନୟାଗଡ଼

- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୬ତମ ଦିବସରେ କୁମ୍ଭକର୍ଣ୍ଣ ବଧ ଓ ନାଗଫାଶ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସୀତା ଠାବ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

### ରାୟଗଡ଼ା

- ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ସଂସ୍କୃତି ଭବନ, ରାୟଗଡ଼ା, ସମୟ: ସକାଳ ୮ ଟା।
- ବିଶ୍ୱ ବୈଦିକ ପରିବାରର ୪୨ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କୁଟିଙ୍ଗଗୁଡ଼ା ଆଶ୍ରମ ପରିସର, ମୁନିଗୁଡା, ସମୟ: ସକାଳ ୯ଟା।

### ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ୮ଟା ୩୦ ।

### କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଚାଟୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।

### ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ:ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

### ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ, ସ୍ଥାନ : ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ ଦୁର୍ଗାପାଲି ସ୍ଥିତ ଏସ୍ଏମ୍‌ସି ସଭାକକ୍ଷ, ସମୟ : ସକାଳ ୮ଟା।

### ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ ସମୟ: ସକାଳ ୭ଟା।

### ରାଉରକେଲା

- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

### ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରପାଲି, ସମୟ:ସକାଳ ୭ଟା।

### ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ: ସକାଳ ୭ଟା।

### ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବସାଲଇ, ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟ , ସମୟ: ସକାଳ ୮।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ ପରିସର, ସମୟ: ସକାଳ ୭ଟା।

### ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୭ଟା ୧୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ସକାଳ ୮ଟା ୦୫।

### ଝାରସୁଗୁଡ଼ା

- ଯୁଗ୍ମ ଜନ ଶୁଣାଣି ଅଭିଯୋଗ, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ :ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମ୍ମାନିତ ହେବେ। ଆପଣ ସମୟୋଚିତ ପଦକ୍ଷେପ ନେଇପାରିଲେ ହିଁ କୃତକାର୍ଯ୍ୟ ହେବା ସମ୍ଭାବନା ରହିବ। ସ୍ଥଗିତ କାମ ସକାଶେ ପାରସ୍ପରିକ ଦୋଷାରୋପଜନିତ ତିକ୍ତତା ଦେଖାଦେଇପାରେ। ପାରିବାରିକ ଦିଗଟି ଭଲ ରହିବ ଏବଂ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଦୂରେଇଯିବ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମାର୍ଜିକ ବିଚାରଧାରା ଶୃଙ୍ଖଳିତ ଜୀବନଯାପନରେ ସହାୟକ ହେବ। ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ବାଣିଜ୍ୟ, ବ୍ୟବସାୟ, ଯାତ୍ରା ସନ୍ତୋଷଜନକ ନ ହୋଇପାରେ।

**ମିଥୁନ** ମାନସିକ ଦ୍ୱନ୍ଦ୍ୱର ଅବସାନ ସକାଶେ ବନ୍ଧୁଙ୍କ ପରାମର୍ଶ ଗ୍ରହଣକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପରିବାରର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ଯାତ୍ରା ସମୟରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କର୍କଟ** କୌଣସି କାର୍ଯ୍ୟ ଶୃଙ୍ଖଳିତ ନ ହେବାରୁ ମନ ଚିନ୍ତାକୁଳ ରହିପାରେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ବନ୍ଧୁଙ୍କ ସହାୟତାରେ ପୁନଃ ପ୍ରତିଷ୍ଠିତ ହେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ ଏବଂ ଶିକ୍ଷା, ପରୀକ୍ଷା, ଗବେଷଣା, କଳା, ସାହିତ୍ୟାଦିରେ ସମସ୍ୟା ଦୂରେଇଯିବ। ତଥାପି ପରକଥାରେ ପ୍ରଭାବିତ ହୋଇ ସମାଲୋଚନାର ଶରବ୍ୟ ହୋଇପାରନ୍ତି।

**ସିଂହ** ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରୁ ପୂର୍ଣ୍ଣ ସନ୍ତୋଷ ପାଇବା କଷ୍ଟକର ହେବ। ଆପଣଙ୍କ ଦୂରଯାତ୍ରାର ପ୍ରସ୍ତୁତି, ବ୍ୟୟବୃଦ୍ଧି ରୋକିବା ପାଇଁ ଯୋଜନା, ବନ୍ଧୁଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖା ଦେବ। ସ୍ୱାର୍ଥକୁ ଆଖିଆଗରେ ରଖି ମିତ୍ର କେହି ଛଳନା କରିପାରେ।

**କନ୍ୟା** ବୁଝାମଣା ଅଭାବରୁ ଭ୍ରାତୃବିବାଦ, ଜମିଜମା କଳହ, ପାରିବାରିକ ଅଶାନ୍ତିର କାରଣ ହେବ । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ଶତ୍ରୁତା ଅର୍ଜନ କରିପାରନ୍ତି । ଉପରିସ୍ଥ ପଦାଧିକାରୀଙ୍କ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ। ବଳହୀନ ବୁଧ ଗ୍ରହ ବୌଦ୍ଧିକତାକୁ ବର୍ଦ୍ଧନକଲେ ମଧ୍ୟ ବନ୍ଧୁତାକୁ କ୍ଷୁଣ୍ଣ କରିବ ।

**ତୁଳା** ଆଜି କାହାକୁ କିଛି କଡ଼ା କଥା କହିବେ ନାହିଁ , ମାତ୍ର ଆପଣଙ୍କୁ କିଏ କହିଲେ ଜମା ଛାଡ଼ିବେ ନାହିଁ। ସବୁ ସମୟରେ ମିଶୁଥିବା ଲୋକ ପଛରେ ଚେର କାଟୁଥିବାର ଝଲକ ଦେଖିବାକୁ ମିଳିବ। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣକରି ସମସ୍ୟାକୁ ବଢ଼ାଇଦେଇ ପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** ଆଜି ଆପଣ ବଡ଼ଲୋକାଙ୍କ ସହ ମିଶିବେ, ହସଖୁସିରେ ରହିବା ସହ ନୂଆ ନୂଆ କାମ କରିବେ। ମାତ୍ର ବେକାର ଖର୍ଚ୍ଚ, ବୃଥା ଭ୍ରମଣ, ପରିବାରରେ ଝଗଡ଼ାରୁ ତ୍ରାହି ମିଳିବ ନାହିଁ। ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଦୁଃଖକୁ ଭୁଲିଯାଇପାରନ୍ତି। ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ** ମନ ଭିତରେ କୋହକୁ ଲୁଚାଇ ହସି କଥା କହିବେ। ବନ୍ଧୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ ଅଲଗା ଅନ୍ତର୍ନିହିତ ଉଦ୍ଦେଶ୍ୟ ନିହିତ ରଖିଥାଇପାରନ୍ତି। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ, କିନ୍ତୁ ବିଶେଷ ଅସୁବିଧା ହେବନାହିଁ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ଘରେ ହେଉ କିମ୍ବା ବାହାରେ ସବୁଠି ସ୍ନେହ, ଶ୍ରଦ୍ଧା, ଆଦର ଓ ସମ୍ମାନ ଊଣା ହେବ ନାହିଁ। କିନ୍ତୁ ମନ ଭିତରର ଅଲଗା ଚିନ୍ତାଧାରାଟି ପୂର୍ଣ୍ଣ ନ ହେବା କାରଣରୁ ଛଟପଟ ହେବାକୁ ପଡ଼ିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ କିମ୍ବା କିଛି ଭୁଲ୍ କରିପାରନ୍ତି। ଆର୍ଥିକ ସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** ଶ୍ରୁତିରୋଚକ କଥା କହି ଅନ୍ୟଙ୍କୁ ମନେଇ ନେବେ ଓ ଆର୍ଥିକ ଦିଗରୁ ଉପକୃତ ହେବେ। ହାତରେ ଥିବା କାମ ଯେତେ ଶୀଘ୍ର ସମାପ୍ତ କରିବାକୁ ଚାହୁଁଛନ୍ତି ତାହା ହେବା କଷ୍ଟକର ହୋଇପାରେ। ଯଦିଓ କୌଣସି କାମ ଅଟକି ରହିବ ନାହିଁ ତଥାପି ଧୀର ମନ୍ଥର ଗତି ହେତୁ ବିରକ୍ତିକର ମନେହେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗାନୁସରଣ କରିପାରନ୍ତି।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ଆଶଙ୍କା ଦେଖାଦେଇପାରେ। ଆଜି ଆପଣଙ୍କ ସମ୍ମୁଖରେ କିଏ କିଛି କହିବେ ନାହିଁ, କିନ୍ତୁ ପଛରେ ସମାଲୋଚନା କରିବାକୁ ଛାଡ଼ିବେ ନାହିଁ। ତଥାପି ବିଭିନ୍ନ କ୍ଷେତ୍ରରେ ସମସ୍ୟା ସମାଧନ ହୋଇପାରିବା କାରଣରୁ କିଛିଟା ଆଶ୍ୱସ୍ତି ଲାଭ କରିବେ।

ଆଜି ଏପ୍ରିଲ ୨୧ ତାରିଖ, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ଶ୍ରୀମନ୍ଦିରରେ ରାମାଭିଷେକ, ବୈଶାଖ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର। ରାଶି ନକ୍ଷତ୍ର-ଦିବା ଘ.୧୨।୩୬ ମି. ଗତେ ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୮ ମି. ଗତେ, ଘ.୦୭।୦୨ ମି. ମଧ୍ୟେ, ଘ.୧୦।୨୯ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୨ ମି. ଗତେ ଘ.୦୮।୩୭ମି. ମଧ୍ୟେ ରାହୁକାଳ ।

## 'ନାଳରେ ମୋ ଚିତାଭସ୍ମ ଭସାଇଦେବ'

### ସ୍ତ୍ରୀ ନିର୍ଯ୍ୟାତନା ଦେଉଥିବା କହି ଆତ୍ମହତ୍ୟା କଲେ ଇଞ୍ଜିନିୟର

ନଏଡା, ୨୦।୪

ଉତ୍ତରପ୍ରଦେଶର ନଏଡାସ୍ଥିତ ସ୍ଥାନୀୟ ଜଳି ହୋଟେଲର ଏକ ରୁମ୍‌ରେ ଜଣେ ଇଞ୍ଜିନିୟର ମୋହିତ ଯାଦବ ନିଜ ସ୍ତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ରବିବାର ଏହି ମାମଲାର ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ମୋହିତ କହୁଛନ୍ତି, ଯେତେବେଳେ ଆପଣମାନେ ଏହି ଭିଡିଓ ପାଇବେ ସେତେବେଳେ ମୁଁ ଏହି ଦୁନିଆରେ ନ ଥିବି। ଯଦି ପୁରୁଷମାନଙ୍କ ପାଇଁ ଦେଶରେ କୌଣସି ଆଇନ ଥାଆନ୍ତା ତେବେ ସେ ଏହି ଭୁଲ୍ ପଦକ୍ଷେପ ନେଇ ନ ଥାନ୍ତେ। ସ୍ତ୍ରୀ ଏବଂ ଶ୍ୱଶୁର ଘର ଲୋକଙ୍କ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସେ ନିଜ ମା'ବାପାଙ୍କୁ କ୍ଷମା ମାଗିଛନ୍ତି। ମୃତ୍ୟୁ ପରେ ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ତାଙ୍କ ଚିତାଭସ୍ମକୁ ନାଳରେ ଭସାଇଦେବାକୁ ସେ ଏହି ଭିଡିଓରେ ତାଙ୍କ ପରିବାରକୁ ଅନୁରୋଧ କରିଛନ୍ତି। ଉତ୍ତରପ୍ରଦେଶର ଔରୈୟା ନିବାସୀ ମୋହିତ ନଏଡାସ୍ଥିତ ଏକ ସିମେଣ୍ଟ କମ୍ପାନୀରେ ଫିଲ୍ଡ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ୭ ବର୍ଷ ଧରି ରିଲେଶନ୍‌ଶିପ୍‌ରେ ରହିବା ପରେ ୨୦୨୩ରେ ପ୍ରିୟା ଯାଦବ ନାମ୍ନୀ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ ବିବାହର ୩ ମାସ ପରେ ପ୍ରିୟା ବିହାରର ସମସ୍ତିପୁରସ୍ଥିତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ପ୍ରିୟାଙ୍କର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା ବୋଲି ମୋହିତଙ୍କ ଭାଇ ତରନ ପ୍ରତାପ କହିଛନ୍ତି। ପ୍ରିୟା ନିଜ ଭାଇ ଓ ମା'ଙ୍କ ପ୍ରରୋଚନାରେ ସ୍ୱାମୀ ମୋହିତଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଘର ଏବଂ ଜମି ତାଙ୍କ ନାମରେ କରିବାକୁ ପ୍ରିୟା ମୋହିତଙ୍କ ଉପରେ ଚାପ ପକାଇଥିଲେ। ଏପରି ନ କଲେ ମିଥ୍ୟା ଯୌତୁକ ଅଭିଯୋଗ କରି ତାଙ୍କ ପରିବାରକୁ ଫସାଇଦେବେ ବୋଲି ପ୍ରିୟା ଧମକ ଦେଇଥିବା ତରନ ପ୍ରତାପ କହିଛନ୍ତି। ପୋଲିସ ହୋଟେଲରୁ ମୋହିତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୋହିତଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପୌଷର କୁହୁଡ଼ି ବୈଶାଖେ ଫଳ**
**ଯେଉଁଦିନ କୁହୁଡ଼ି ସେହିଦିନ ଫଳ**
**ଶନି ସାତ, ମଙ୍ଗଳ ତିନି**
**ଆଉ ସବୁ ବାର ଦିନ ଦିନ ।**

ଋତୁ ଚକ୍ର। ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ସାତଦିନ, ମଙ୍ଗଳବାର ହୋଇଥିଲେ ତିନିଦିନ ଲାଗିରହେ। ସେହିପରି ଅନ୍ୟ ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏଁ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରକୁ ମାନ କରି**
**ଖପରାରେ ଖାଇବା।**

ସାଧାରଣତଃ ନିଜ ଲୋକ ଉପରେ ରାଗରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ। କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ପର ଉପରେ ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କର୍ମଯୋଗୀ ହେବାକୁ ଅନିଚ୍ଛୁକ

### ବହୁ କର୍ମଚାରୀ 'ଆଇଗଟ୍ କର୍ମଯୋଗୀ'ରେ ଯୋଡ଼ି ହୋଇନାହାନ୍ତି

ଭୁବନେଶ୍ୱର,୨୦।୪ (ରବିନାରାୟଣ ଜେନା)

କର୍ମଚାରୀମାନଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ କର୍ମଯୋଗୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ କେତେକ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ବିକଶିତ 'ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ'ରେ ସାମିଲ ହୋଇନାହାନ୍ତି। ଏହାକୁ ନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଅସନ୍ତୋଷ ବ୍ୟକ୍ତ କରିବା ସହିତ ସବୁ ବିଭାଗ ମୁଖ୍ୟଙ୍କୁ 'ନୋଟିସ୍'ଜରିଆରେ ତ୍ୱରିତ୍ ପଦକ୍ଷେପ ନେବାକୁ ଦର୍ଶାଇଛନ୍ତି। ମୁଖ୍ୟସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ନିକଟରେ ସଚିବସ୍ତରୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯେଉଁ ବିଭାଗଗୁଡ଼ିକ ୭୦ ପ୍ରତିଶତ କର୍ମଚାରୀଙ୍କ ପଞ୍ଜୀକରଣ କରିଛନ୍ତି ବା ତା'ଠାରୁ କମ୍ କରିଛନ୍ତି ସେମାନଙ୍କୁ ଶତପ୍ରତିଶତ ପଞ୍ଜୀକରଣ କରିବାକୁ ହେବ। ଏହାସହିତ 'କର୍ମଯୋଗୀ ପୋର୍ଟାଲ'ରେ ଯୋଡ଼ିହୋଇ କର୍ମଚାରୀମାନେ ସେମାନଙ୍କ ଦକ୍ଷତା ବିକାଶ ପ୍ରମାଣ ସହ ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ହେଲେ ଅଧିକାଂଶ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ ଏହି ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇ ନାହାନ୍ତି।

ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ଜଣାଯାଇଛି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଧିକ କର୍ମଚାରୀ ଏହି ପ୍ଲାଟଫର୍ମରେ ଯୋଡ଼ି ହୋଇଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ, ଗଣଶିକ୍ଷା ବିଭାଗରେ ୧ଲକ୍ଷ ୮୮ହଜାର ୮୬୨ କର୍ମଚାରୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ୧୫୬ଜଣ କର୍ମଚାରୀ ସକ୍ରିୟ ରହିଛନ୍ତି। ସଂପୃକ୍ତ କର୍ମଚାରୀମାନେ ବିଭିନ୍ନ ଯୋଜନାରେ ଦକ୍ଷତା ପ୍ରମାଣିତ କରି ୪ଲକ୍ଷ ୬୨ହଜାର ୪୦୦ ପ୍ରମାଣପତ୍ର ପାଇ ସାରିଛନ୍ତି। ଏହା ତଳକୁ ଗୃହ ବିଭାଗ ରହିଛି। ଉକ୍ତ ବିଭାଗରେ ୬୯ହଜାର ୫୯ କର୍ମଚାରୀ ରହିଥିବାବେଳେ ୧୧ହଜାର ୯୬୭ କର୍ମଚାରୀ ଏଥିରେ ସାମିଲ ହୋଇ ବିଭିନ୍ନ ଯୋଜନାରେ ୩୧୯୬୮୪ ପ୍ରମାଣପତ୍ର ପାଇ ସାରିଛନ୍ତି। ହେଲେ ଶିଳ୍ପ ବିଭାଗ, ସାଧାରଣ ଉଦ୍ୟୋଗ ବିଭାଗ ଏବଂ ମିଶନଶକ୍ତି ବିଭାଗରେ ଏପର୍ଯ୍ୟନ୍ତ ମାତ୍ର ୨ରୁ ୩ଜଣ କର୍ମଚାରୀ ଏହି ପ୍ରମାଣପତ୍ର ପାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ ସମ୍ପୂର୍ଣ୍ଣ ଭାବେ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ଏହା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ଦକ୍ଷତା ମାପିବା ଏବଂ ବିକାଶ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କର୍ମଚାରୀମାନେ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଅନ୍‌ଲାଇନ ଜରିଆରେ ଦେଇ ପ୍ରମାଣପତ୍ର ହାସଲ କରିବା ଏହାର ଲକ୍ଷ୍ୟ। ହେଲେ ରାଜ୍ୟ ସରକାରଙ୍କ ବହୁ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ ଏହି ପ୍ଲାଟଫର୍ମରେ ଯୋଡ଼ି ହୋଇ ନାହାନ୍ତି ; ଯାହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ମୁଖ୍ୟଶାସନ ସଚିବଙ୍କ ପତ୍ରକୁ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ବିଭାଗୀୟ ଅତିରିକ୍ତ ସଚିବ ଟି. ସୁଜାତା ରାଓ ଚଳିତମାସ ୧୧ରେ ସମସ୍ତ ସର୍ବୋଚ୍ଚଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଓଡ଼ିଶା ଉଠାଜଳସେଚନ ପରିଚାଳନା ନିର୍ଦ୍ଦେଶକ, ୱାଲମୀ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ବିଭାଗ ଅଧୀନରେ ଥିବା କର୍ମଚାରୀଙ୍କୁ ତୁରନ୍ତ ଏହି ପ୍ଲାଟଫର୍ମରେ ଯୋଡ଼ି ହେବାକୁ କହିଛନ୍ତି।

## ଯୋଗଦେବେ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଅଧିକାରୀ

ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ରାଜ୍ୟ ପ୍ରଶାସନରେ ଦକ୍ଷତା ବୃଦ୍ଧି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେବ। ଲୋକସେବା ଭବନସ୍ଥିତ ସଭାକକ୍ଷରେ ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହେବାକୁ ଥିବା ସିଭିଲ ସର୍ଭିସ ଦିବସରେ ଯୋଗଦେବା ଲାଗି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅନେକ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ପୋଲିସ ସେବା(ଆଇପିଏସ୍), ଭାରତୀୟ ବନସେବା(ଆଇଏଫଏସ୍) ଅଧିକାରୀଙ୍କ ସମେତ ଓଏଏସ୍, ଅର୍ଥନୈତିକ ପରାମର୍ଶଦାତା ଓ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ପତ୍ରରେ ଦର୍ଶାଇଛନ୍ତି, ଏହି ସିଭିଲ ସର୍ଭିସ ଦିବସ ପାଳନ ବେଳେ ଆମେ ସମସ୍ତେ ସାଧାରଣ ଲୋକଙ୍କ ପ୍ରତି କିଭଳି ସେବା ପ୍ରଦାନ କରୁଛେ ଏବଂ ପ୍ରତିଶ୍ରୁତିବଦ୍ଧ ରହିଛେ ତାହା ବର୍ଣ୍ଣନା କରିବାର ଅବକାଶ ରହିଛି। ଏଥିରେ ମୁଖ୍ୟଶାସନ ସଚିବ ସମ୍ବୋଧନ କରିବେ। ତେଣୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଆପଣମାନେ ବହୁମୂଲ୍ୟ ପରାମର୍ଶ ପ୍ରଦାନ କରିବେ, ଯଦ୍ୱାରା ରାଜ୍ୟରେ ସାଧାରଣ ପ୍ରଶାସନ ଲୋକାଭିମୁଖୀ ହୋଇପାରିବ ବୋଲି ସେ କହିଛନ୍ତି।

**ଆଜି 'ସିଭିଲ ସର୍ଭିସ' ଦିବସ**

## ଖବରଦାତାଙ୍କ ମାତୃ ବିୟୋଗ

ସୁନାବେଡା,୨୦।୪(କୃତ୍ତିବାସ ପ୍ରଧାନ)



କୋରାପୁଟ ଧରିତ୍ରୀ ଜିଲା ପ୍ରତିନିଧି ଅମିତାଭ ବେହେରାଙ୍କ ମା' ସୌଦାମିନୀ ବେହେରା(୮୦)ଙ୍କ ରବିବାର ସକାଳ ୭ଟାରେ ଦେହାନ୍ତ ହୋଇଛି। ସେ କିଛିଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଦେହାନ୍ତ ସମୟରେ ୩ ପୁଅ ଅନିରୁଦ୍ଧ ବେହେରା, ଅନୁପମ ବେହେରା, ଅମିତାଭଙ୍କ ସହ ୨ ଝିଅ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରାଯାଇଛି। ସୌଦାମିନୀ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ ଓ ସହୃଦୟା ମହିଳା ଥିଲେ। ତାଙ୍କ ବିୟୋଗରେ କୋରାପୁଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା
# ଚେନାବ ରେଲ ବ୍ରିଜ୍

**ପୋଲର ବୈଶିଷ୍ଟ୍ୟ**

**ଦାୟିତ୍ୱ:** ନର୍ଦ୍ଦନ ରେଲୱେ
**କାର୍ଯ୍ୟକାରୀ ଏଜେନ୍ସି:** ମେସର୍ସ କୋଙ୍କଣ ରେଲୱେ କର୍ପୋରେସନ
**ଖର୍ଚ୍ଚ:** ୧,୪୮୬ କୋଟି ଟଙ୍କା
**ଠିକାଦାର:** ମେସର୍ସ ଚେନାବ ବ୍ରିଜ୍ ପ୍ରୋଜେକ୍ଟ ଅଣ୍ଡରଟେକିଂ
**ବ୍ରିଜ୍‌ର ଲମ୍ବ:** ୧,୩୧୫ ମିଟର
**ସ୍ପାନ୍ ସଂଖ୍ୟା:** ୧୭
**ମୋଟ ଷ୍ଟିଲ୍ ଲାଗିଛି:** ୨୮,୬୬୦ ଟନ୍
**ବ୍ରିଜ୍‌ର ଜୀବନ:** ୧୨୦ ବର୍ଷ



ଭୁବନେଶ୍ୱର, ୨୦।୪
(ଜିତେନ୍ଦ୍ର କୁମାର ନାୟକ)

କଶ୍ମୀରରୁ କନ୍ୟାକୁମାରୀ। ଭାରତର ଭୌଗୋଳିକ ସ୍ଥିତିକୁ ଦେଖି ଅନେକେ ଏପରି କହିଥାଆନ୍ତି। ଦେଶର ଜୀବନରେଖା ଭାବେ ପରିଚିତ ଭାରତୀୟ ରେଳପଥ ଏବେ କଶ୍ମୀର ସହ କନ୍ୟାକୁମାରୀକୁ ଯୋଡ଼ିବାରେ ସକ୍ଷମ ହେବାକୁ ଯାଉଛି। କାରଣ ପୂର୍ବରୁ ଦୁର୍ଗମ ପ୍ରାକୃତିକ ଅବସ୍ଥିତି ଯୋଗୁ ଜମ୍ମୁ ଓ କଶ୍ମୀର ସହ ଜାତୀୟ ରେଳ ନେଟ୍‌ୱର୍କ ସମ୍ପୂର୍ଣ୍ଣ ସ୍ଥାପନ ସମ୍ଭବ ହୋଇପାରୁ ନ ଥିଲା। ଏ ଦିଗରେ ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା ଭାବେ ଚେନାବ ରେଳ ବ୍ରିଜ୍ ଏବେ ଯାନ୍ତ୍ରିକ କୌଶଳର ନୂଆ ହସ୍ତାକ୍ଷର ଲେଖିଛି। ଚେନାବ ନଦୀ ଉପରେ ଆର୍କ ଆକାରରେ ନିର୍ମିତ ପୋଲ ବିଶ୍ୱର ସବୁଠୁ ଉଚ୍ଚତମ ବ୍ରିଜ୍ ହୋଇଥିବାରୁ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଆଶ୍ଚର୍ଯ୍ୟଚକିତ କଲା ଭଳି ନିର୍ମାଣ କୌଶଳ ଦେଖିବା ଲାଗି ଭାରତୀୟ ରେଳପଥ ପକ୍ଷରୁ ଦେଶର ସାମ୍ବାଦିକ ଓ ୟୁଟ୍ୟୁବରମାନଙ୍କୁ ସେହି ସ୍ଥାନ ପରିଦର୍ଶନ କରାଇବାର ସୁଯୋଗ ସୃଷ୍ଟି କରାଯାଇଥିଲା। ସେଥିରେ ନିଜକୁ ସାମିଲ କରିପାରିଥିବାରୁ ଧନ୍ୟ ମନେ କରୁଛି।

ଏପ୍ରିଲ ୧୫ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆମେ ଜମ୍ମୁ ଅଭିମୁଖେ ଯାତ୍ରା କରିଥିଲୁ। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବାର ଦେଢ଼ ଘଣ୍ଟା ପରେ ଜମ୍ମୁ ବିମାନବନ୍ଦର ଆଡ଼କୁ ମୁହାଁଇଲୁ। ଦିଲ୍ଲୀରୁ ୧ ଘଣ୍ଟା ୧୦ ମିନିଟ୍ ପରେ ଜମ୍ମୁ ବିମାନବନ୍ଦରରେ ପହଞ୍ଚିବା କଥା। କିନ୍ତୁ ପ୍ରତିକୂଳ ପାଗ ଯୋଗୁ ବିମାନ ଅଧଘଣ୍ଟା ଆକାଶରେ ଚକର ମାରିଲା ଓ ନିର୍ଦ୍ଦିଷ୍ଟ ସମୟଠାରୁ ବିଳମ୍ବରେ ଜମ୍ମୁ ବିମାନ ବନ୍ଦରରେ ପହଞ୍ଚିଲୁ। ଜମ୍ମୁରେ ଆର୍ମି ବେସ୍ ଥିବାରୁ ଘୋଷଣା କରି ଦିଆଗଲା କେହି ଫଟୋ ଉତ୍ତୋଳନ କରିପାରିବେ ନାହିଁ। କଡ଼ା ଯାଞ୍ଚ ଭିତରେ ବିମାନବନ୍ଦର ବାହାରକୁ ଗଲୁ। ୧୬ ତାରିଖ ସକାଳୁ ଜମ୍ମୁରୁ ବାହାରି ରିଆସି ଜିଲା ଅନ୍ତର୍ଗତ କାଟରା ଦେଇ ଗନ୍ତବ୍ୟସ୍ଥଳକୁ ଛୁଟି ଚାଲିଥିଲା କାର୍। ପାହାଡ଼ର ବକ୍ଷ ଚିରି ନିର୍ମାଣ କରାଯାଇଥିବା ରାସ୍ତା ଉପରେ ଗଲା ବେଳେ ଦେହ ଶିହରି ଉଠୁଥିଲା। ଲାଗୁଥିଲା ମୁଣ୍ଡ ଉପରେ ଆକାଶ ଆଉ କିଛି ଦୂରରେ ଥିବାବେଳେ ତଳକୁ ଅନାଇଲେ ଆଖି ପାଉ ନ ଥିବା ଦୂରତା। ପାଗ ସାମାନ୍ୟ ଅନୁକୂଳ ଥିଲେ ମଧ ଭୂସ୍ଖଳନର ଭୟ ପ୍ରତି ମୁହୂର୍ତ୍ତରେ ଭୀତି ସୃଷ୍ଟି କରୁଥିଲା। ଯାତ୍ରା ବେଳେ ଲକ୍ଷ୍ୟ କରୁଥିଲୁ ରାସ୍ତାକଡ଼ ପାହାଡ଼କୁ ଅନେକ ସ୍ଥାନରେ ଜାଲି ଦିଆଯାଇ ତା' ଭିତରକୁ ବିଶାଳ ଲୁହା ରଡ଼ ଭର୍ତ୍ତି କରାଯାଇଛି। ପଥର ଯେଭଳି ନଖସିବ ସେଥିପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ଗାଡ଼ିଚାଳକ ଆମକୁ ବୁଝାଉଥାଆନ୍ତି। ଜମ୍ମୁରୁ ଚେନାବ ବ୍ରିଜ୍ ପ୍ରାୟ ୧୦୦ କିଲୋମିଟର। ସାଢ଼େ ୩ ଘଣ୍ଟାର ଯାତ୍ରା ପରେ ପହଞ୍ଚିଗଲୁ ଭ୍ୟୁପଏଣ୍ଟରେ। ସେଠାରୁ ସ୍ପଷ୍ଟ ଭାବେ ଆର୍କ ଉପରେ ବିଛାଯାଇଥିବା ରେଳ ପୋଲକୁ ଦେଖି ଫଟୋ ଉଠାଇଲୁ। ଶେଷରେ ଉତ୍କଣ୍ଠାର ଅବସାନ ଘଟିଲା ଓ ଚେନାବ ପୋଲ ମୁଣ୍ଡରେ ପାଖାପାଖି ଦିନ ଗୋଟାଏରେ ଗାଡ଼ି ଅଟକିଲା। ସେଠାରେ ଆମକୁ ଅପେକ୍ଷା କରିଥିବା ନର୍ଦ୍ଦନ ରେଲୱେର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆମ୍ଭ ପରିଚୟର ସମସ୍ତ ବିବରଣୀ ଦେବା ପରେ ରେଜିଷ୍ଟରରେ ଦସ୍ତଖତ କଲୁ। ସମୟ ଦିଆଗଲା ୧ ଘଣ୍ଟା। ଏଥର ଭିତରକୁ ପ୍ରବେଶ।

ସବୁ ରେଳଲାଇନ୍ ଭଳି ପଥ ବିଛାଯାଇଥିଲେ ମଧ ଉଭୟ ପାର୍ଶ୍ୱରେ ଥିଲା ତାରଜାଲି ଥିବା ପଦଚଲା ରାସ୍ତା। ଭିତରକୁ ଅନାଇବାରୁ ଦେଖିବାକୁ ପାଇଲୁ ଅନେକ ଯନ୍ତ୍ରପାତି ଖଞ୍ଜାଯାଇଛି। ନର୍ଦ୍ଦନ ରେଲୱେର ସିନିୟର ପିଆର୍‌ଓ ରାଜେଶ ଖେରଙ୍କୁ ଏଭଳି ବ୍ୟବସ୍ଥା ବିଷୟରେ ପଚାରନ୍ତେ ସେ ଉତ୍ତର ଦେଇଥିଲେ ଯେହେତୁ ଜମ୍ମୁ ଓ କଶ୍ମୀର ଭାରତର ସମ୍ବେଦନଶୀଳ ଭୂଖଣ୍ଡ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। କଥାବାର୍ତ୍ତା ବେଳେ ଜଣାପଡ଼ିଥିଲା ଯେ ଚେନାବ ରେଳ ପୋଲ ଉଧାମପୁର-ଶ୍ରୀନଗର-ବାରମୁଲ୍ଲା ରେଲ୍ ଲିଙ୍କ୍ (ୟୁଏସ୍‌ବିଆର୍‌ଏଲ୍)ର ଅଂଶବିଶେଷ। ଜମ୍ମୁ ଓ କଶ୍ମୀରକୁ ସବୁଦିନିଆ ପରିବହନ ବ୍ୟବସ୍ଥା ମଧକୁ ଆଣିବା ପାଇଁ ଭାରତ ସରକାର କଶ୍ମୀର ଉପତ୍ୟକା ସହ ଭାରତୀୟ ରେଳପଥକୁ ସଂଯୋଗ କରିବା ଲାଗି ୧୯୯୯ରେ ଚିନ୍ତା କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ୨୦୦୨ରେ ଏହା ଜାତୀୟ ପ୍ରକଳ୍ପର ମାନ୍ୟତା ପାଇଥିଲା। ସଡ଼କ ପଥରେ ଜମ୍ମୁ ଓ କଶ୍ମୀରକୁ ସଂଯୋଗ ହେବା ଅସମ୍ଭବ ମନେ କରିବା ପରେ ଏହି ରେଳ ପ୍ରକଳ୍ପ ସେବେଠାରୁ ଆଗେଇ ଚାଲିଥିଲା। ଦୀର୍ଘ ଦୁଇ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ଏହା ଫଳବତୀ ହେବାକୁ ଯାଉଛି। ଚେନାବ ନଦୀ ଉପରେ ନିର୍ମିତ ଏହି ରେଳ ପୋଲ ୩୫୯ ମିଟର ଅର୍ଥାତ୍ ୧,୧୭୮ ଫୁଟ ଉଚ୍ଚତାରେ ରହିଛି, ଯାହା ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଅବସ୍ଥିତ ଐତିହାସିକ ଆଇଫେଲ୍ ଟାୱାରଠାରୁ ୩୫ ମିଟର ଉଚ୍ଚ। ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ ମୋଦି ଚେନାବ ପୋଲ ଉପରୁ ଏହି ଜାତୀୟ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି। ଫଳରେ ୨୭୨ କିଲୋମିଟର ୟୁଏସ୍‌ବିଆର୍‌ଏଲ୍ ପ୍ରକଳ୍ପର କାଟ୍ରା-ସଙ୍ଗଲଦାନ୍‌ର ଚୂଡ଼ାନ୍ତ ସେକ୍ସନ୍ ଏବଂ କାଟ୍ରାରୁ ଶ୍ରୀନଗର ସ୍ପେଶାଲ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଛି।

ପୋଲ ଉପରେ ଘଣ୍ଟେ ରହଣି ବେଳେ ଆଇଫେଲ୍ ଟାୱାରଠାରୁ ଉଚ୍ଚରେ ରହିଥିବା ଭଳି ମନେ କଲାବେଳେ ତଳକୁ ଅନାଇଦେଲି। ଚେନାବର ସ୍ୱଚ୍ଛ ଜଳରାଶି ଓ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ସନ୍ଦର୍ଶନ କଲା ପରେ ଭାବୁଥିଲି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ରେଳବ୍ରିଜ୍ ନିଶ୍ଚିତ ମୋ ଭଳି ଅନ୍ୟମାନଙ୍କୁ ଆକର୍ଷିତ କରିଚାଲୁଥିବ।

**ଅନ୍ୟାନ୍ୟ ଖବର**

## ପ୍ଲାଷ୍ଟିକ ବର୍ଜ୍ୟ ସୁପରିଚାଳନାକୁ ଗୁରୁତ୍ୱ

### ମଙ୍ଗ ଧରିଛନ୍ତି ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ

ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)

ରାଜ୍ୟ ସରକାର ପ୍ଲାଷ୍ଟିକ ବର୍ଜ୍ୟର ସୁପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ସୁନ୍ଦରଗଡ଼ ଏବଂ ଗଞ୍ଜାମରେ ଦୁଇଟି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର କାର୍ଯ୍ୟକ୍ଷମ ହେଉଛି। ଏହାବାଦ୍ ବିଭିନ୍ନ ସହରାଞ୍ଚଳରେ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନେ ଏହାର ସୁପରିଚାଳନା ମଙ୍ଗ ଧରିଛନ୍ତି ବୋଲି ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ସ୍ୱଧାଦେବ ସିଂହ କେନ୍ଦ୍ରକୁ ଜଣାଇଛନ୍ତି।

ଚଳିତମାସ ୧୫ରେ ସ୍ୱଧାଦେବ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) ନିର୍ଦ୍ଦେଶକ କରନଜିତ୍ ସିଂହଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ସହରାଞ୍ଚଳ-ଗ୍ରାମୀଣ ସମନ୍ୱିତ ମଡେଲ ମାଧ୍ୟମରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଠିକଣା ଢଙ୍ଗରେ ହୋଇପାରୁଛି; ଯାହା ଅଧୀନରେ ଗ୍ରାମାଞ୍ଚଳରେ ସଂଗୃହୀତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ବ୍ୟବସ୍ଥାଗତ ଭାବରେ ପୌରାଞ୍ଚଳରେ ଥିବା ପ୍ଲାଷ୍ଟିକ ପୁନଃବ୍ୟବହାର ଯୋଗ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ପରିବହନ କରାଯାଉଛି। ବର୍ତ୍ତମାନ ପଞ୍ଚାୟତଗୁଡ଼ିକରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ପୃଥକୀକରଣ ଏବଂ ପ୍ରକ୍ରିୟାକରଣ ପାଇଁ ସହରାଞ୍ଚଳକୁ ପଠାଯାଉଛି ବୋଲି ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶକ ଜଣାଇଛନ୍ତି।

ସେ ଦର୍ଶାଇଛନ୍ତି, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଓଡ଼ିଶାରେ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ସହଯୋଗରେ ରାଜ୍ୟବ୍ୟାପୀ ଗ୍ରାମାଞ୍ଚଳରେ ୩୦ଟି ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ୟୁନିଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି।

ଏହି ୟୁନିଟ୍‌ଗୁଡ଼ିକୁ ବ୍ଲକ୍ କ୍ଲଷ୍ଟର ପଦ୍ଧତି ବ୍ୟବହାର କରି ବିକଶିତ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀ ୟୁନିଟ୍‌ଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବେ; ଯେଉଁଥିରେ ସଂଗ୍ରହ, ପୃଥକୀକରଣ ଏବଂ ସଚେତନତା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହା ମାଧ୍ୟମରେ ବିଶେଷକରି ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୃଷ୍ଟି କରାଯିବ। ଏହି କାର୍ଯ୍ୟର ସୁପରିଚାଳନା ଲାଗି ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଉଛି। ଚଳିତ ଆର୍ଥିକବର୍ଷରେ ପର୍ଯ୍ୟାୟକ୍ରମେ ଏହା କାର୍ଯ୍ୟାନ୍ୱୟନ କରାଯିବ ବୋଲି ସ୍ୱଧାଦେବ ପତ୍ରରେ ଦର୍ଶାଇଛନ୍ତି।

## ଆଦାନୀ ପ୍ରୀତି ପାଇଁ ଏତୋଙ୍କ ମୃତ୍ୟୁ ହୋଇଛି: ଭକ୍ତ

### ମୃତ ଯୁବକଙ୍କ ପରିବାରକୁ ୧କୋଟି ଏବଂ ଜଣଙ୍କୁ ଚାକିରି ଦିଅ

ଭୁବନେଶ୍ୱର/ବାରିପଦା, ୨୦।୪
(ରବିନାରାୟଣ ଜେନା/ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭାଜପା ସରକାରଙ୍କ ଆଦାନୀ ପ୍ରୀତି ପାଇଁ ଏତୋ ଏକ୍କାଙ୍କ ମୃତ୍ୟୁ ହୋଇଛି। ଏହା ମୃତ୍ୟୁ ନୁହେଁ, ପୋଲିସର ହତ୍ୟା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ଅବସରରେ ଭକ୍ତ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ରାଉରକେଲାରେ ନୂତନ ରେଳ ଲାଇନ ନିର୍ମାଣ ବେଳେ ସ୍ଥାନୀୟ ଅଧିବାସୀ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ପୋଲିସ ବଳପୂର୍ବକ ଏତୋ ଏକ୍କାଙ୍କ ଉପରେ ଜେସିବି ଚଢ଼ାଇ ହତ୍ୟା କରିଛି। ଏହାଦ୍ୱାରା ସେଠାରେ ଉତ୍ତେଜନା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ମୃତଯୁବକଙ୍କ ପରିବାରକୁ ୧କୋଟି ଟଙ୍କାର ସହାୟତା ସହ ତାଙ୍କ ପରିବାରର ଜଣଙ୍କୁ ଚାକିରି ଦିଅନ୍ତୁ। ଯେପର୍ଯ୍ୟନ୍ତ ସ୍ଥାନୀୟ ଅଧିବାସୀଙ୍କ ସହିତ ବିଚାର ଆଲୋଚନା କରି ପରିସ୍ଥିତିରେ ଶାନ୍ତି ନ ଫେରିଛି ସେପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ। କଂଗ୍ରେସ କର୍ମୀମାନେ ସେଠାରେ ଯେଭଳି ଉତ୍ତମ ବାତାବରଣ ବଜାୟ ରହିବ ସେଦିଗରେ କାର୍ଯ୍ୟ କରିବାକୁ ଭକ୍ତ କହିଛନ୍ତି।

ସେ କହିଛନ୍ତି, ଗ୍ରାହମଷ୍ଟେନ୍ସ ଓ ଦୁଇ ଶିଶୁପୁତ୍ର ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେତେବେଳେ ଆର୍‌ଏସ୍‌ଏସ୍ ଓ ଭାଜପା ଦଳର ତୁଙ୍ଗ ନେତା ଭାବେ ରହି ଉକ୍ତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂକୁ ଖଲାସ କରିବାକୁ ଦାବି କରିଥିଲେ। ଆଜି ସେ ମୁଖ୍ୟମନ୍ତ୍ରୀ। ଦଳର ନୁହନ୍ତି, ରାଜ୍ୟବାସୀଙ୍କ ମୁଖ୍ୟମନ୍ତ୍ରୀ। ଆଦିବାସୀମାନଙ୍କୁ ବିସ୍ଥାପିତ କରିବା, ବୁଲ୍‌ଡୋଜର ଲଗାଇ ହତ୍ୟା କରିବା କିମ୍ବା ହତ୍ୟାକାରୀଙ୍କୁ ଖଲାସ କରିବା ଶୋଭା ପାଉନାହିଁ। ଏଥିପ୍ରତି ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଯୁବକଙ୍କୁ ହତ୍ୟା କରୁଥିବା ଲୋକ କେବେ ବି ଭଲ ହୋଇପାରିବ ନାହିଁ। ତା'ର ପରିବର୍ତ୍ତନ କେବେ ବି ସମ୍ଭବ ନୁହେଁ। ଅଭିଯୁକ୍ତଙ୍କ ଜେଲଦଣ୍ଡକୁ କୋହଳ କରି ଖଲାସ କରିବାକୁ ପ୍ରୟାସ କରାଯାଉଛି। ହତ୍ୟାକାରୀଙ୍କୁ ସରକାର ସୁଯୋଗ ଦିଅନ୍ତୁ ନାହିଁ ବୋଲି ଭକ୍ତ କହିଥିଲେ।

ଦଳକୁ ମଜଭୁତ କରିବା ଓ କର୍ମୀମାନଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ଭକ୍ତଙ୍କ ନେତୃତ୍ୱରେ ଏକ ରାଲି ଉଭୟ ରାଇରଙ୍ଗପୁର ଓ ବାରିପଦା ସହରରେ ଅନୁଷ୍ଠିତ ହୋଇଯାଇଛି। ପରେ ଉଭୟ ସ୍ଥାନରେ କର୍ମୀମାନଙ୍କୁ ନେଇ ସାଙ୍ଗଠନିକ ଦିଗରେ ଆଲୋଚନା କରି ମୟୂରଭଞ୍ଜ ଜିଲାରେ କଂଗ୍ରେସର ପ୍ରତ୍ୟାବର୍ତ୍ତନକୁ ଦୋହରାଇବାକୁ ପରାମର୍ଶ ଦେଇଛନ୍ତି। ମିଳିମିଶି କାର୍ଯ୍ୟକଲେ କଂଗ୍ରେସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

ଜିଲାରେ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନକୁ ନେଇ ଭକ୍ତ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ୧୯ତାରିଖ ରାଇରଙ୍ଗପୁର ଉପଖଣ୍ଡ ପୁରୁଣାପାଣି ଗ୍ରାମରେ ନୂତନ ନିର୍ମାଣକୁ ନେଇ ତିନିଟି ଗ୍ରାମର ଲୋକଙ୍କୁ ବିଚ୍ଛିନ୍ନ କରାଯାଇଛି। ଜମି ଅଧିଗ୍ରହଣ କରିବା ପୂର୍ବରୁ ଗ୍ରାମସଭା କିମ୍ବା ପଲ୍ଲିସଭା କରା ନ ଯିବା ଓ ନୋଟିସ ପ୍ରଦାନ ନ କରି ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅମାନବୀୟ ଭାବେ ଶହ ଶହ ଲୋକଙ୍କ ଜୀବନଜୀବିକାରେ ବାଧା ଉପୁଜିଛି। ୫୦ବର୍ଷ ଧରି ବସବାସ କରୁଥିବା ମଣିଷ ସଭ୍ୟତାକୁ ଧ୍ୱଂସ କରି ବିମାନବନ୍ଦର ନିର୍ମାଣ ଆଦୌ ଉଚିତ ନୁହେଁ। ଭୂମିହୀନ ପରିବାରଙ୍କୁ ନେଇ ରାଜନୀତି କରା ନ ଯାଇ ସ୍ଥାୟୀ ପଟ୍ଟା ସହ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରାଯାଉ। ସେହିପରି ଆଦିବାସୀ ନେତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମୟରେ ଏପରି କାର୍ଯ୍ୟ ରାଜ୍ୟ, ଦେଶ ଓ ସମ୍ବିଧାନ ପ୍ରତି ଆଘାତ ଦେଇଛି ବୋଲି ଭକ୍ତ କହିଛନ୍ତି।

ସେହିପରି ନିର୍ବାଚନରେ ସୁଧାର ଆଣିବା ପାଇଁ ସମସ୍ତ ପ୍ରକାର ରଣନୀତି ଆରମ୍ଭ କରିଛୁ ବୋଲି ଭକ୍ତ କହିଛନ୍ତି। ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ, ସୁବର୍ଣ୍ଣରେଖା କେନାଲର ପୁନରୁଦ୍ଧାରପୂର୍ବକ ଜଳସେଚନ, ସବାଇଘାସ, ସ୍ପିନିଂ ମିଲ, ଅନ୍ୟାନ୍ୟ ଶିଳ୍ପଗୁଡ଼ିକର ପୁନରୁଦ୍ଧାର, ବେକାର ସମସ୍ୟାର ସମାଧାନ, ଧାନର କଟ୍‌ନୀଛଟ୍‌ନୀକୁ ବିରୋଧ, ଦାଦନ ଖଟିବା, ଚାଷୀଙ୍କ ପାଇଁ ସୁବିଧା ଦିଗରେ କଂଗ୍ରେସ ପକ୍ଷରୁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଅଶୋକ ଦାସ, ପୂର୍ବତନ ସିଡବ୍ଲ୍ୟୁସି ସଦସ୍ୟା ସୁଶୀଳା ତିରିଆଙ୍କ ସମେତ ଜିଲାସ୍ତରୀୟ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବାରିପଦା ସଭାରେ ଉପସ୍ଥିତ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ ।

## ସିପିଆଇ ନେତା ଦିବାକର ନାୟକଙ୍କ ପରଲୋକ

ଭୁବନେଶ୍ୱର/ବନ୍ତ,୨୦।୪
(ବନ୍ଦନା ସେଠୀ)/ହରି ନାରାୟଣ ମହାନ୍ତି)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ କମ୍ରେଡ ଦିବାକର ନାୟକଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ। ଦୁଇଦିନ ତଳେ ଏମ୍‌ସରୁ ଡିସ୍‌ଚାର୍ଜ ହୋଇ ସିପିଆଇର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନରେ ରହିଥିଲେ। ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବାବେଳେ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ବିଶ୍ୱଜିତ୍ ଜେନା, ବଡ଼ ଭଉଣୀ ବନଲତା ଜେନା, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ସିପିଆଇ(ଏମ)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ଦୁଷ୍ମନ୍ତ କୁମାର ଦାସ, ଜମେଶ୍ୱର ସାମନ୍ତରାୟ ଏବଂ ବଦ୍ରି ନାରାୟଣ ଦାଶ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଭଗବତୀ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଜନ୍ମମାଟି ଭଦ୍ରକ ଜିଲା ବନ୍ତ ବ୍ଲକ୍ ଷେଣ୍ଟେଇରା ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଦିବାକରଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତିକାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଗଭୀର ଶୋକ ପ୍ରକାଶ କରିବା ସହିତ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସାମ୍ପ୍ରତିକ କଠିନ ରାଜନୈତିକ ପରିସ୍ଥିତିରେ ତାଙ୍କ ମୃତ୍ୟୁ ବାମ ଏବଂ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଅପୂରଣୀୟ କ୍ଷତି ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦିବାକରଙ୍କ ମରଶରୀରକୁ କେନ୍ଦୁଆପଦାଠାରୁ ଶୋଭାଯାତ୍ରାରେ ନିଆଯିବା ବେଳେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କ୍ଷୀରୋଦ କୁମାର ସିଂଦେଓ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସମେତ ବହୁ ରାଜନେତା ସେଣ୍ଟେଇରାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦିବାକରଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେହିପରି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସ୍ୱର୍ଗତ ଦିବାକର ନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ବୋଲି ବିଜେଡି ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଦିବାକର ଭଦ୍ରକ କଲେଜରେ ପଢୁଥିବା ସମୟରେ ବାମପନ୍ଥୀ ଛାତ୍ର ସଂଘ ଓ ଅଖିଳ ଭାରତ ଛାତ୍ର ସଂଘରେ ଯୋଗଦେଇଥିଲେ। ୧୯୭୨ରେ ଭଦ୍ରକ କଲେଜ ଛାତ୍ର ୟୁନିୟନ ସମ୍ପାଦକ ହେବା ସହ ଲଗାତର ୨ବର୍ଷ ସମ୍ପାଦକ ନିର୍ବାଚିତ ହୋଇଥିଲେ। ୧୯୮୨ରେ ଉଚ୍ଚଶିକ୍ଷା ପାଇଁ ଜର୍ମାନ ଯାଇଥିଲେ। ସେଠାରୁ ଆସି 'ନୂଆ ଦୁନିଆ' ଖବରକାଗଜର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ।

**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**


ଦିବାକର ନାୟକ

## ଭୋଟର ତାଲିକାରେ ଓଡ଼ିଶାରେ ଅନିୟମିତତା ଦାବି ନାହିଁ

ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)

ଓଡ଼ିଶା ସମେତ ଅନ୍ୟ ୨୬ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟରତାଲିକା ଅନିୟମିତତା ଦାବି ନାହିଁ। କେବଳ ମହାରାଷ୍ଟ୍ରରେ ୮୯ଟି ଆବେଦନ ଜିଲା ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲ ହୋଇଥିବାବେଳେ ଗୋଟିଏ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ରହିଛି ବୋଲି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ପେଶାଲ ସମରୀ ରିଭିଜନ(ଏସ୍‌ଏସ୍‌ଆର୍)-୨୦୨୫ ପରେ ଆୟୋଗଙ୍କ ପକ୍ଷରୁ କୁହାଯାଇଛି, ଭାରତରେ ମୋଟ ପଞ୍ଜୀକୃତ ୯୯. ୨୨ କୋଟି ଭୋଟର ରହିଥିବାବେଳେ ୧୦.୪୯ଲକ୍ଷ ବୁଥ୍‌ସ୍ତରୀୟ ଅଧିକାରୀ ଓ ୧୩.୮୭ ଲକ୍ଷ ବୁଥ୍‌ସ୍ତରୀୟ ଏଜେଣ୍ଟ ରହିଛନ୍ତି। ଏଥିମଧ୍ୟରେ ଓଡ଼ିଶାରେ ୩କୋଟି ୪୧ଲକ୍ଷ ୨୧ହଜାର ୧୦୪ ଭୋଟର ରହିଥିବାବେଳେ ୩୭ହଜାର ୮୦୯ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ୯ହଜାର ୫୬୩ ବୁଥ୍‌ସ୍ତରୀୟ ଏଜେଣ୍ଟ ରହିଛନ୍ତି। ହେଲେ ଏସ୍‌ଏସ୍‌ଆର ବେଳେ ଓଡ଼ିଶାରେ ଜଣେ ହେଲେ ବି ଅନିୟମିତତା ଦାବି ଆୟୋଗଙ୍କ ନିକଟକୁ ଆସିନାହିଁ।

ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଭୋଟରତାଲିକା ଅନିୟମିତତା ଅଭିଯୋଗ ଉଠାଯାଇଥିଲା। ଏହାକୁ ନେଇ ଭାରତର ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହିତ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ଏମ୍‌ପିଙ୍କ ଦ୍ୱାରା ଦାବି କରାଯାଇଥିଲା, ୨୦୧୪ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନିୟମିତ ଭାବେ ତାଲିକାରେ ଯୋଡ଼ାଯାଇଛି। ପ୍ରତି ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛନ୍ତି। ତେବେ ନିର୍ବାଚନ କମିଶନ ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଅନୁସାରେ, ଭୋଟରତାଲିକା ସୁଦୃଢ଼ ଓ ଠିକ୍ ରହିବା ନିମନ୍ତେ ବାର୍ଷିକ ଅପ୍‌ଡେଟ କାର୍ଯ୍ୟ ଚାଲୁ ରହିଛି। ଏସ୍‌ଏସ୍‌ଆର୍ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ୍ କରାଯାଉଛି। ଭୋଟରତାଲିକାରେ ସ୍ୱଚ୍ଛତା ବଜାୟ ରଖିବାକୁ ଭାରତର ନିର୍ବାଚନ ଆୟୋଗ ପ୍ରାଥମିକତା ଦେଉଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

“ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ- ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ- ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର। -ଶ୍ରୀଅରବିନ୍ଦ



# ଭାଷା ଭେଳିକି

ସାଧାରଣରେ କୁହାଯାଇଥାଏ ଆମେ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। ସମ୍ବିଧାନରେ ସବୁ ପ୍ରକାର ନିରପେକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ବାସ୍ତବରେ ଦେଖିଲେ ଏଠାରେ ତା'ର ଓଲଟା ପ୍ରତିଫଳନ ହେଉଛି। ଜାତିଗତ ବିଭେଦ, ଉଚ୍ଚ ନୀଚ ପ୍ରଭେଦ, ଲୋକମାନଙ୍କ ପାଇଁ ଧର୍ମକୁ ଅଫିମ କରି ଦିଆଯିବା ପରେ ଭାଷାକୁ ନେଇ ଏବେ ରାଜନୀତି ସର୍ବୋଚ୍ଚରେ ପହଞ୍ଚାଇ ଦିଆଗଲାଣି। ଭାଷା ବିଭାଜନର ଐତିହାସିକ ପୃଷ୍ଠଭୂମିକୁ ଦେଖିଲେ ୧୯୫୦ରୁ ୧୯୬୦ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଭାଷା ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସେଥିମଧ୍ୟରୁ ତାମିଲନାଡୁ ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯିବା ଘଟଣାରୁ ସେତେବେଳେ କିଭଳି ହିଂସାତ୍ମକ ସ୍ଥିତି ଉପୁଜିଥିଲା, ତାହା ଇତିହାସ ହୋଇ ରହିଛି। ଏବର ସମୟକୁ ଦେଖିଲେ କେନ୍ଦ୍ରର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ୩ ଭାଷା ସୂତ୍ର ମଧ୍ୟରେ ପୁଣି ସେହି ହିନ୍ଦୀ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କଣ୍ଟା ହୋଇ ଛିଡ଼ା ହୋଇଛି। ତାମିଲନାଡୁ ଓ କେରଳ ପରେ ହିନ୍ଦୀ ଲଦିଦେବାରୁ ବିରୋଧ ନିଆଁ ଏବେ ମହାରାଷ୍ଟ୍ରରେ ପହଞ୍ଚିଛି। ମରାଠୀ ଭାଷା ମହାରାଷ୍ଟ୍ରବାସୀଙ୍କ ଅସ୍ମିତାର ପ୍ରତୀକ ହୋଇଥିବା ବେଳେ ସେଠାକାର ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଯାଏ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରାଯିବା ପାଇଁ ସରକାରୀ ଘୋଷଣା ହୋଇଛି। ଭାଜପା ପରିଚାଳିତ ମହାୟୁତି ସରକାରର ନିଷ୍ପତ୍ତିକୁ ବିରୋଧ କରି ଶିବସେନା (ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କକା ପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ରାଜ୍ ଠାକ୍‌ରେ ଏକାଠି ହେବାର ସଙ୍କେତ ଦେଲାଣି।

ଦେଖିବାକୁ ଗଲେ ଗତ ୨୦୨୪ ନିର୍ବାଚନରେ ଭାଜପାର ବାରମ୍ବାର ଡାକରା ଥିଲା 'ଅବ୍‌କି ବାର୍ ୪୦୦ ପାର୍'। ଏପରିକି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ୍ ଶାହା ଏହି ଧ୍ୱନିକୁ ବାରମ୍ବାର ନିର୍ବାଚନୀ ସଭାରେ କହୁଥିବାର ଦେଖାଯାଇଥିଲା। ଏହା ସତ୍ତ୍ୱେ ଭାଜପାକୁ ଏକାକୀ ସଂଖ୍ୟାଗରିଷ୍ଠତା ମିଳିପାରିଲା ନାହିଁ, ଯେଉଁଥିପାଇଁ ଆନ୍ଧ୍ରପ୍ରଦେଶର ଟିଡିପି ଓ ବିହାରର ଜେଡିୟୁ ସହିତ ମିଳିତ ସରକାର କରିବାକୁ ମୋଦି ବାଧ୍ୟ ହେଲେ। ଗତ ନିର୍ବାଚନ ଆହୁରି ମଧ୍ୟ ପ୍ରମାଣ କରିଦେଲା ଯେ କେବଳ ଅଯୋଧ୍ୟାରେ ପରାଜୟ ଅଟକି ଗଲାନାହିଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଶକ୍ତି ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ସେହି ଅଞ୍ଚଳର ପୁନର୍ବାର ଶକ୍ତି ବୃଦ୍ଧି ପାଇଁ ୱାକ୍‌ଫ ଆଇନଠାରୁ ଆରମ୍ଭ କରି ଅନ୍ୟ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଲଦିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ପ୍ରେମ ହିନ୍ଦୀ ପାଇଁ ନୁହେଁ, ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଶକ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା। ନିକଟ ଭବିଷ୍ୟତରେ ଓଡ଼ିଶାରେ ମଧ୍ୟ ହିନ୍ଦୀକୁ ଆହୁରି ଅଧିକ କଡ଼ାକଡ଼ି ପ୍ରଚଳନ କରାଇବାର ମସୁଧା କରାଯାଉଛି।

> **ଗତ ନିର୍ବାଚନ ପ୍ରମାଣ କରିଦେଲା ଯେ କେବଳ ଅଯୋଧ୍ୟାରେ ପରାଜୟ ଅଟକି ଗଲାନାହିଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଶକ୍ତି ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ସେହି ଅଞ୍ଚଳର ପୁନର୍ବାର ଶକ୍ତି ବୃଦ୍ଧି ପାଇଁ ୱାକ୍‌ଫ ଆଇନଠାରୁ ଆରମ୍ଭ କରି ଅନ୍ୟ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଲଦିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ପ୍ରେମ ହିନ୍ଦୀ ପାଇଁ ନୁହେଁ, ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଶକ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା।**

ୱାକ୍‌ଫ ଓ ହିନ୍ଦୀ ଭାଷା ଭଳି ପ୍ରସଙ୍ଗକୁ ଦେଶବାସୀଙ୍କ ଆଡ଼କୁ ମୁହାଁଇ ଦେଇପାରିଲେ ବିଫଳ ଆର୍ଥିକ ନୀତିଠାରୁ ଦୃଷ୍ଟି ଏଡ଼ାଇ ଦିଆଯାଇପାରିବ। ଗତ ଦଶନ୍ଧି ମଧ୍ୟରେ ଭାରତର ଉତ୍ପାଦନ କ୍ଷମତା ନୈରାଶ୍ୟଜନକ ହୋଇପଡ଼ିଛି। ସେହି ଶକ୍ତିକୁ ପୁନର୍ଜୀବିତ କରିବା ପାଇଁ ସରକାରଙ୍କ କୌଣସି ଦୀର୍ଘମିଆଦୀ ନୀତି ସ୍ପଷ୍ଟ କରାଗଲା ନାହିଁ। ଅପରପକ୍ଷେ ହାତଗଣତି କେତେଜଣ ଶିଳ୍ପପତିଙ୍କୁ ଅଭୂତପୂର୍ବ ଲାଭ ପ୍ରଦାନ କରିବା ସହିତ ଜାତୀୟ ସମ୍ପତ୍ତି ଧରାଇଦେବା ଫଳରେ ଉତ୍ପାଦନ କ୍ଷେତ୍ର ବାଧାପ୍ରାପ୍ତ ହେଲା। ଗୋଟିଏ ଦୁଇଟି ମୋବାଇଲ୍ ଫୋନ୍ କାରଖାନା ଏବଂ କେତୋଟି ମୋଟରଗାଡ଼ି ତିଆରି କାରଖାନା ବ୍ୟତୀତ ଗଣେଶ ପୂଜାର ଗଣେଶ ମୂର୍ତ୍ତି ମଧ୍ୟ ଚାଇନାରୁ ଆମଦାନୀ କରାଯାଉଛି, ଯାହାଫଳରେ ଦେଶର ଅର୍ଥ ବିଦେଶକୁ ଚାଲିଯାଉଛି। ବିଶ୍ୱ ଅର୍ଥନୀତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭୂମିକା ବୃଦ୍ଧି ପାଇବା ଫଳରେ ଭାରତ ସମ୍ପୂର୍ଣ୍ଣ ଭାବେ ଅପ୍ରସ୍ତୁତ ପରିସ୍ଥିତିରେ ପଡ଼ିଯାଇଛି। ଭାରତର ମୁଖ୍ୟ ଏବଂ ଏକମାତ୍ର ଶତ୍ରୁ ଚାଇନା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହେବାକୁ ଆମ ଦେଶ ଯାଉଛି। ନିକଟ ଭବିଷ୍ୟତରେ ବୁଝା ପଡ଼ି ନ ପାରେ। କିନ୍ତୁ ଭାରତର ଅର୍ଥନୈତିକ ଭବିଷ୍ୟତ ଆହୁରି ଅଧିକ ଦୁର୍ବଳ ଓ ଦୋଦୁଲ୍ୟମାନ ହେବା ନିଶ୍ଚିତ।

# ମଣିଷ ଦର



ଡ. ସତ୍ୟନାରାୟଣ ମିଶ୍ର

ସାମଗ୍ରିକ ଭାବେ ବିଚାରକଲେ ଦର ହେଉଛି ଏକ ମୂଲ୍ୟ ନିରୂପଣର ମାଧ୍ୟମ। ତେବେ ବସ୍ତୁ, ସାମଗ୍ରୀ ଆଦି ଯଥାର୍ଥରେ ମୂଲ୍ୟ ନିରୂପଣ ଯୋଗ୍ୟ ବା କରିବା ବିଧେୟ, ଯେଉଁଥିରେ ନିହିତ ଥାଏ ଆବଶ୍ୟକତା। ମାତ୍ର ମଣିଷର ଦର କଥା ଆଲୋଚନାକଲେ ସ୍ୱତଃ ଏକ ପ୍ରଶ୍ନ ମନକୁ ଆନ୍ଦୋଳିତ କରେ ସତରେ ମଣିଷ କ'ଣ ଗୋଟିଏ ବିକ୍ରୟ ବା କ୍ରୟବସ୍ତୁ, ଯାହାକୁ ମୂଲ୍ୟ ବା ଦରରେ ମୂଲ୍ୟାୟନ କରାଯାଏ। ସାମ୍ପ୍ରତିକ ସମାଜରେ ପ୍ରାୟ ସମସ୍ତ ମଣିଷର ଦର ନିରୂପଣ ହୋଇଥାଏ। କେତେକ ଆନୁଷ୍ଠାନିକ ଭାବେ ହୋଇଥାଏ ତ ଆଉ କେତେକ ଅଣାନୁଷ୍ଠାନିକ ଭାବେ ହୋଇଥାଏ। ମଣିଷର ଦର ସାମ୍ପ୍ରତିକ ସମାଜରେ ନିଶ୍ଚିତଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ, ଯାହାର ଦର ଯେତେ ଅଧିକ ତାହାର ମାନ୍ୟତା ସମାଜରେ ସେତେ ଅଧିକ। ମଣିଷକୁ ସମ୍ମାନ, ଆଦର, ସ୍ନେହ, ଆତିଥ୍ୟ, ବ୍ୟବହାର ଆଦି ମଣିଷର ଦର ଉପରେ ଆଧାରିତ ବୋଲି ସ୍ପଷ୍ଟ ପ୍ରମାଣ ହୋଇଥାଏ। ମଣିଷ ହେଉଛି ସୃଷ୍ଟିରେ ଏକମାତ୍ର ପ୍ରାଣୀ ଯିଏ ନିଜ କାର୍ଯ୍ୟ ପାଇଁ ଦାୟୀ ରହିଥାଏ, କାରଣ ମାନବିକ ମୂଲ୍ୟବୋଧ ହେଉଛି ମୂଳ ମୂଲ୍ୟ ଯାହା ବ୍ୟକ୍ତିତ୍ୱ ଗଠନକରେ ଓ ଜୀବନରେ ବ୍ୟକ୍ତି କିପରି କାର୍ଯ୍ୟ କରେ ତାହା ବ୍ୟାଖ୍ୟାକରେ। ସମାଜ ପାଇଁ ଏହି ମୂଲ୍ୟବୋଧକୁ ଚିହ୍ନିବା ଓ ଏହାକୁ ସାମାଜିକ ବ୍ୟବସ୍ଥା, ଅନୁଷ୍ଠାନ ତଥା ସଙ୍ଗଠନରେ ସ୍ପଷ୍ଟକରିବା ଅତ୍ୟନ୍ତ ଜରୁରୀ। ମଣିଷ ମୂଲ୍ୟବୋଧର ଅନେକ ଭିନ୍ନ ଦିଗ ହେଉଛି ଅଖଣ୍ଡତା, ନୈତିକତା ଓ ଦୟା। ଏହାର ଅର୍ଥ ହେଉଛି କେତେଜଣ ବ୍ୟକ୍ତି ପାଇଁ ଗୋଟିଏ ପ୍ରସଙ୍ଗ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ରହିଥିବାବେଳେ ଅନ୍ୟ ପ୍ରସଙ୍ଗରେ ଅନ୍ୟ ବ୍ୟକ୍ତି ପାଇଁ ତାହା ସମ୍ପୂର୍ଣ୍ଣ ଭିନ୍ନ ମୂଲ୍ୟ ଥାଇପାରେ। ତେଣୁ ମୂଲ୍ୟବୋଧର ଏକ ନିର୍ଦ୍ଦିଷ୍ଟ ଦିଗ ହେଉଛି ଆତ୍ମ ସମ୍ମାନର ଧାରଣା। ଆତ୍ମସମ୍ମାନର ଦୁଇଟି ରୂପ ଅଛି: ଆଭ୍ୟନ୍ତରୀଣ ଓ ବାହ୍ୟ। ବାହ୍ୟ ଆତ୍ମସମ୍ମାନ ଅନ୍ୟମାନଙ୍କ ସହ ବ୍ୟକ୍ତିକୁ କିପରି ଅନୁଭବ କରେ, ମାତ୍ର ଆଭ୍ୟନ୍ତରୀଣ ଆତ୍ମସମ୍ମାନ ନିଜକୁ କିପରି ଅନୁଭବ କରୁଛି, ତାହା ଶିକ୍ଷା ଦିଏ। ମୂଲ୍ୟବୋଧ ହେଉଛି ସଚ୍ଚୋଟତା, ନ୍ୟାୟ, ସମ୍ମାନ, ଦାୟିତ୍ୱ, ଯତ୍ନ ଓ ଦକ୍ଷ ନାଗରିକତା। ସଚ୍ଚୋଟତା କେବଳ ସତ୍ୟ କହିବା ନୁହେଁ, ବରଂ ବ୍ୟକ୍ତି କେତେ ମାତ୍ରାରେ ବିଶ୍ୱାସଯୋଗ୍ୟ ହୋଇପାରୁଛି ତାହା ସୂଚିତ କରେ। ନିରପେକ୍ଷତା କେବଳ ସୁନିଶ୍ଚିତ କରି ନ ଥାଏ ଯେ ମୌନ ରହି ନିରପେକ୍ଷତା ଅବଲମ୍ବନ ବରଂ ସମାଜ ସହ ନୈତିକ ବ୍ୟବହାର କରିବା ହେଉଛି ନିରପେକ୍ଷତା। ସମ୍ମାନ ମୌଳିକ ଭଦ୍ରତା ଓ ଉତ୍ତମ ଆଚରଣ ବାହାରେ ଯାହା ଅନ୍ୟର ସଫଳତାକୁ ଚିହ୍ନିବା ସହିତ ସେମାନଙ୍କର ପାର୍ଥକ୍ୟକୁ ଅନ୍ତର୍ଭୁକ୍ତ କରେ। ଦାୟିତ୍ୱ ଅନ୍ୟମାନଙ୍କ ପାଇଁ ଯତ୍ନନେବା ଆବଶ୍ୟକ,ମାତ୍ର ତାହା ନିୟମର ପରିଧି ମଧ୍ୟରେ କେତେ ସ୍ୱୀକାରଯୋଗ୍ୟ ତାହା ସୁନିଶ୍ଚିତ କରିବା



ଉଚିତ। ଯତ୍ନନେବା କେବଳ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ଭାବପ୍ରବଣ ସମର୍ଥନ ଯୋଗାଇବା ନୁହେଁ, ବରଂ ବ୍ୟକ୍ତିଗତ ଭାବରେ ନିଜ ପାଇଁ କିଛି ନ ଥିଲେ ମଧ୍ୟ ଅନ୍ୟର ଆବଶ୍ୟକତା ପାଇଁ ଚିନ୍ତା ସହ କାର୍ଯ୍ୟ କରିବାକୁ ବୁଝାଇଥାଏ। ନାଗରିକତ୍ୱର ଅର୍ଥ ହେଉଛି ନିଜ ଦେଶର ବିଶ୍ୱସ୍ତ ନାଗରିକ ହେବା, କିନ୍ତୁ ସମଗ୍ର ବିଶ୍ୱରେ ନ୍ୟାୟ ଓ ଶାନ୍ତି ପ୍ରତିପାଦନ କରିବା। ଆଲବର୍ଟ ଆଇନ୍‌ଷ୍ଟାଇନ ଥରେ କହିଥିଲେ, ମଣିଷ ନିଜକୁ ଅଧିକ ମୂଲ୍ୟବାନ୍ ବା ଦାମୀ ଭାବୁଥାଉ, ମାତ୍ର ଉକ୍ତ ବ୍ୟକ୍ତି ମଧ୍ୟ ଅନ୍ୟମାନଙ୍କ ପ୍ରତି ସଚ୍ଚୋଟତା, ସମାନତା ବା ସହାନୁଭୂତି ରକ୍ଷା କରିବା ଉଚିତ। ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନଙ୍କର ସଫଳତା ମାର୍କ ଦ୍ୱାରା ମୂଲ୍ୟାୟନ କରାଯାଏ, ବୃତ୍ତିରେ ସଫଳତା ଟଙ୍କା ଦ୍ୱାରା ମାପ କରାଯାଉଥିବା ବେଳେ ଅନେକ କ୍ଷେତ୍ରରେ ବ୍ୟକ୍ତିର ମୂଲ୍ୟ ବା ଦର ସାମାଜିକ ପାରିପାର୍ଶ୍ୱିକ ପରିସ୍ଥିତି ଓ ମୁଷ୍ଟିମେୟ ପ୍ରଭାବିତ ବ୍ୟକ୍ତି ସମାଜ ଉପରେ ନିର୍ଭର କରିଥାଏ। ପ୍ରତ୍ୟେକ ମଣିଷର ବଞ୍ଚିବାର ଉଦ୍ଦେଶ୍ୟ ଓ ମୂଲ୍ୟ ମଧ୍ୟ ଅଛି। କେତେବେଳେ ତାହା ପରିବ୍ୟାପ୍ତ ହୋଇ ଆଲୋଚ୍ୟ ହୋଇଥାଏ ତ ପୁଣି କେତେବେଳେ ଅନାଲୋଚିତ ହୋଇ ନୀରବ ହୋଇଯାଏ। ତେବେ ସାମଗ୍ରୀର ଉତ୍ପାଦନ, ପରିବହନ ପରିସ୍ଥିତି ତଥା ପରିବେଶ ଆଦିକୁ ନେଇ ଦର ବା ମୂଲ୍ୟ ନିରୂପଣ ହୋଇଥାଏ, କିନ୍ତୁ ମଣିଷର ଦର ଏକ ଅନିୟନ୍ତ୍ରିତ ବିଚାରଧାରା ଓ ବ୍ୟବସ୍ଥା ମଧ୍ୟରେ ହୋଇଥାଏ ଯାହାର କୌଣସି ବିଧିବଦ୍ଧ ଆଇନ ନ ଥାଏ।

ସମ୍ପ୍ରତି ସମାଜରେ ମଣିଷ ଦରର ହିସାବ ଚାକିରି କ୍ଷେତ୍ରରେ ଯଦି ପରିଲକ୍ଷିତ କରାଯାଏ ତେବେ ଯିଏ ଯେତେ ବଡ଼ ଚାକିରି କରିଥାଏ ବା ଯିଏ ଅଧିକ କ୍ଷମତା ଓ ଅର୍ଥ ରୋଜଗାର କରିଥାଏ ତାହାର ମୂଲ୍ୟ ନିମ୍ନ କ୍ଷମତାସମ୍ପନ୍ନ ବ୍ୟକ୍ତି ବା ରୋଜଗାର କରୁଥିବା ବ୍ୟକ୍ତିଠାରୁ କେତେ ଉଚ୍ଚରେ ତାହା ଏ ସମାଜ ଉପଲବ୍ଧି କରିଥାଏ। ବିବାହ କ୍ଷେତ୍ରରେ ଉଭୟ ପୁଅ ଓ ଝିଅର ଦର ଯଦି ନିରୂପଣ କରାଯାଏ ତେବେ ପୁଅ ବା ଝିଅ କୌଣସି ଧନୀ ସମ୍ଭ୍ରାନ୍ତ ଘରର ହୋଇଥାଏ ବା ଉଭୟେ କୌଣସି ବଡ଼ ପଦପଦବୀ କିମ୍ବା ଅଧିକ ଧନ ରୋଜଗାର କରୁଥାନ୍ତି, ସେମାନେ ସେହି ଦରର ପ୍ରତିଯୋଗୀ ଚୟନ କରିଥାନ୍ତି। ଏତଦ୍ ଭିନ୍ନ ଉକ୍ତ ବିବାହରେ ଯେଉଁ ମାନର ଖର୍ଚ୍ଚ ହୋଇଥାଏ, ଜଣେ କ୍ଷମତାହୀନ ସ୍ୱଳ୍ପ ରୋଜଗାର ବା ରୋଜଗାର ବିହୀନ ପୁଅ ଝିଅ ବା ପରିବାରର ବିବାହ ଉକ୍ତ ବିବାହଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ, ଯାହା ସେଠାରେ ମଣିଷର ଦର ନିରୂପଣ ଏକ ମାପକାଠି ହୋଇଥାଏ। ଉକ୍ତ ଆଭିଜାତ୍ୟ ବିବାହରେ କେବଳ ଗୁରୁତ୍ୱ ଦିଆଯାଏ ଆତିଥ୍ୟର ପ୍ରକାର ଭେଦ, ଆଭୂଷଣ, ସୌଖୀନ ସାମଗ୍ରୀର ଉପହାର ଇତ୍ୟାଦି ଇତ୍ୟାଦି। ଅନ୍ୟ ଜୀବଜନ୍ତୁ ବା ପ୍ରାଣୀମାନେ ବଜାରରେ ବିକ୍ରି ହୁଅନ୍ତି, ମଣିଷ ତାହାକୁ ଆଣି ଘରେ ପାଳନ କରେ। ସେହି ପ୍ରାଣୀଙ୍କୁ ଯେତେବେଳେ ବ୍ୟକ୍ତି କ୍ରୟ କରିଥାଏ ସେତେବେଳେ ସେ ବିଭିନ୍ନ ପ୍ରାଣୀର ବିଭିନ୍ନ ଦରର ସମ୍ମୁଖୀନ ହୁଏ। ଘୋଡ଼ା, କୁକୁର, ଗୋରୁ, ପକ୍ଷୀ ଇତ୍ୟାଦି ଯେତେବେଳେ କ୍ରୟ କରାଯାଏ, ସେତେବେଳେ ବିଭିନ୍ନ ଦର ଦ୍ୱାରା ମୂଲ୍ୟାୟନ ହୋଇଥାଏ। ମଣିଷ ମଧ୍ୟ ଦର ଦ୍ୱାରା ନିଜକୁ ସଜ୍ଜିତ କରିବାରେ ଆନନ୍ଦ ପାଇଥାଏ ବୋଲି ସାମ୍ପ୍ରତିକ ସମାଜ ଅନୁଭବ କରେ। ବର୍ତ୍ତମାନ ଚଳଚ୍ଚିତ୍ର, ଯାତ୍ରା, ବକ୍ତୃତା, କଳା ପ୍ରଦର୍ଶନ ଆଦିରେ ଯାହାର ଯେତିକି ଖ୍ୟାତି ବା ଆଲୋଚନା ରହିଛି ତାହାର ଦର ସେତିକି ଅଧିକ ଥାଏ। ସେଥିରେ ମଣିଷର ମୂଲ୍ୟ ନିରୂପଣ ବ୍ୟକ୍ତିର ମର୍ଯ୍ୟାଦା ଆକୃତି ବା ନୈତିକତା ପାଇଁ ଦର ନିଶ୍ଚିତ ହୋଇ ନ ଥାଏ ବରଂ ବ୍ୟକ୍ତି ଦର ଦ୍ୱାରା ଚିହ୍ନିତ ହୋଇଥାନ୍ତି ଓ ସେଇଥିପାଇଁ ସେମାନଙ୍କର ଅଧିକ ଗୁରୁତ୍ୱ ଥାଏ ବୋଲି ପ୍ରତିପାଦନ କରାଯାଏ।

ମଣିଷ ଜୀବିତାବସ୍ଥାରେ ଦର ଦ୍ୱାରା ଯେତେବେଳେ ଆକ୍ରାନ୍ତ ହୋଇଥାଏ, ଅନେକ ଜୀବିତାବସ୍ଥାରେ ଦର ନିୟନ୍ତ୍ରିତ ହୋଇପାରି ନ ଥିବା ମଣିଷ ମୃତ୍ୟୁ ପରେ ଚିକିତ୍ସାଳୟର ଅନୈତିକ ଉପାୟ ଦ୍ୱାରା ସେମାନଙ୍କର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ବିକ୍ରି କରିବାରେ ମଧ୍ୟ ଦର ନିରୂପଣ ହୋଇଥାଏ ଯାହା ଏକ ବିଡ଼ମ୍ବନା। ଯିଏ ସ୍ୱଇଚ୍ଛାରେ ଅଙ୍ଗଦାନ କରେ ତାହା ସ୍ୱାଗତଯୋଗ୍ୟ। ମାତ୍ର ମୃତବ୍ୟକ୍ତିର ଆତ୍ମୀୟସ୍ୱଜନଙ୍କ ଆଢୁଆଳରେ ମଣିଷର ଆଭ୍ୟନ୍ତରୀଣ ଅଙ୍ଗକୁ ଅସାଧୁ ଉପାୟରେ ବିକ୍ରିକରିବା କେତେଦୂର ଯଥାର୍ଥ ତାହା ଏ ସମାଜ ଅତି ଗମ୍ଭୀରତାର ସହ ବିଚାରକରିବା ଉଚିତ। ଅନ୍ୟପକ୍ଷରେ କେତେଜଣ ମଣିଷ ଉତ୍କଟ ଅର୍ଥାଭାବରେ ଶରୀରର କିଛି ଆଭ୍ୟନ୍ତରୀଣ ଅଂଶ ବିକ୍ରି କରିଥାନ୍ତି ଯାହା ଉକ୍ତ ମଣିଷର ଦର ହୋଇ ବିଚାରକରାଯାଏ। ଦେଖିବାକୁ ଗଲେ ଅନ୍ୟକୁ ସାହାଯ୍ୟ, ପରୋପକାର, ନିଃସାର୍ଥପର ସେବା ଆଦିରେ ମଣିଷର ବାସ୍ତବ ଦର ନିୟନ୍ତ୍ରିତ ହୋଇଥାଏ। ମାନସିକତାର ଦର ଈଶ୍ୱରଙ୍କଠାରେ ଅନ୍ତିମ ମୂଲ୍ୟାଙ୍କନ ହୋଇ ନିଶ୍ଚିତ ହେଉଥିବା ବେଳେ ମନୁଷ୍ୟକୃତ ଦର ନିୟନ୍ତ୍ରଣ ମଣିଷର ବୟସର ସ୍ଥିତିରେ ତାହା 'ଦର', 'ଅନାଦର' ଓ 'ହତାଦର'ର ପରିଭାଷାରେ ସୂଚିତ ହୋଇଥାଏ। ତେଣୁ ମଣିଷ ଦର ସାମାଜିକ ବାହ୍ୟ ଦୃଷ୍ଟିକୋଣରେ ନ ହୋଇ ଆଭ୍ୟନ୍ତରୀଣ ମୂଲ୍ୟବୋଧରେ ଚୟନକରିବା ବିଧେୟ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

# ବୁଦ୍ଧିଜୀବୀ ବନାମ ରାଜନେତା



ଡା. ଗୋପାଳ ଚନ୍ଦ୍ର ଦାଶ

ଜନସାଧାରଣଙ୍କ ପୁଞ୍ଜିରେ ନିର୍ମିତ ବିଭିନ୍ନ ପ୍ରକାର ଲୋକାର୍ପଣ ଉତ୍ସବଗୁଡ଼ିକରେ ଫିତାକଟା ସମୟରେ ଅତିଥି ଭାବରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଖ୍ୟତଃ ରାଜନେତାଙ୍କର ଫଟୋ ଦେଖିବାକୁ ମିଳୁଛି। ଡାକ୍ତର ହିସାବରେ ବିଗତ ୫୦ ବର୍ଷ ଧରି ଦେଖିଆସୁଛି ଯେ ଚିକିତ୍ସାଳୟରେ କୌଣସି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେଲେ ସେଠାରେ ଚିକିତ୍ସା ସେବାରେ ନିୟୋଜିତ ଚିକିତ୍ସକଙ୍କ ବଦଳରେ ରାଜନେତା ଓ ନିଜକୁ ସମାଜସେବୀ ବୋଲାଉଥିବା ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳିଥାଏ। ଗତ ଏପ୍ରିଲ ୧୪ ତାରିଖରେ କଟକ ଶିଶୁ ଭବନରେ ଏକ ଲୋକାର୍ପଣ ଉତ୍ସବରେ କେନ୍ଦ୍ର ଓ ରାଜ୍ୟର ରାଜନେତାମାନଙ୍କର ଫଟୋ ଏକ ଦୈନିକ ଖବରକାଗଜର ଶୋଭାମଣ୍ଡନ କରିଥିଲା। ଏପରି କି କ୍ୟାମେରା ସମ୍ମୁଖରେ ନିଜର ଫଟୋଟିକୁ ପ୍ରଦର୍ଶନ କରିବା ପାଇଁ ପ୍ରତିଯୋଗିତା ହେବା ପରି ଲାଗୁଥିଲା। ଏହିସବୁ ଦୃଶ୍ୟ ଦେଖିବା ସମୟରେ ମୋର ଛାତ୍ର ଅବସ୍ଥାରେ ଗୋଟିଏ ଘଟଣା ମନେପଡ଼ିଗଲା, ଯାହା ଏଠାରେ ବର୍ଣ୍ଣନା କରିବା ପାଇଁ ଇଚ୍ଛା ପ୍ରକଟ କରୁଛି। ଯଦି ଏହା କାହାର ମାନସିକତାକୁ ଆଘାତ କରେ କ୍ଷମା ଦେବେ। ଆମ୍ଭେମାନେ ସେତେବେଳେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର। ନୂଆ ନୂଆ କ୍ଲିନିକାଲ୍ କ୍ଲାସ୍ ଆରମ୍ଭ ହୋଇଥାଏ। ଉଦ୍ଦୀପନାର ସହିତ ଆମେ ରୋଗୀ ଦେଖିବା ପାଇଁ ୱାର୍ଡକୁ ଯାଉଥାଉ। ହଠାତ୍ ଶଲ୍ୟ ବିଭାଗର ଚୂଡ଼ାରେ ଏକ ନାଲିବତି ଜଳିବାର ଦେଖିବାକୁ ପାଇଲୁ। ଅନୁଧ୍ୟାନ ପରେ ଜଣାପଡ଼ିଲା ଯେ ତତ୍କାଳୀନ ଗଭର୍ନର ନିଜର ଏକ ଅପରେଶନ ପାଇଁ ସର୍ଜରି ୱାର୍ଡର ସ୍ପେଶାଲ କ୍ୟାବିନ୍‌ରେ ଭର୍ତ୍ତି ହୋଇଛନ୍ତି। ସେତେବେଳେ ଓଡ଼ିଶାରେ ଛତୁଫୁଟିବା ପରି ପ୍ରାଇଭେଟ ହସ୍ପିଟାଲ ନ ଥିଲା। ତେଣୁ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଓ ସାଧାରଣ ଜନତା ସରକାରୀ ହସ୍ପିଟାଲ ଉପରେ ନିର୍ଭର କରୁଥିଲେ। ଗଭର୍ନରଙ୍କ ଅପରେଶନ କରିବେ ସେତେବେଳର ନାମଧାରୀ ଶଲ୍ୟ ଚିକିତ୍ସକ। ଅପରେଶନ ସମୟରେ ନିଶା ଦେବା ପାଇଁ ମଧ୍ୟ ନିଶ୍ଚେତକ ବିଭାଗର ପ୍ରଫେସର ଉପସ୍ଥିତ ରହିବେ। ପ୍ରାସଙ୍ଗିକ ଦୃଷ୍ଟିରୁ ମୁଁ ସେମାନଙ୍କର ନାମ ନେବାକୁ ଚାହୁଁନାହିଁ। ଅପରେଶନ ସୁରୁଖୁରୁରେ ସମ୍ପାଦିତ ହେଲା ଓ ଗଭର୍ନର ଆରୋଗ୍ୟ ହେଲେ। ଅପରେଶନ ପରଦିନ ଆମର ଆନାସ୍ଥେସିଆର ଥିଓରି କ୍ଲାସ୍ ଥାଏ। ସାର୍ ପଢ଼ାଇବାବେଳେ ଗତ ଦିବସର ଦୁଇଗୋଟି ଘଟଣା ବର୍ଣ୍ଣନା କରିଥିଲେ, ଯାହା ମୁଁ ଏଠାରେ ଉପସ୍ଥାପନ କରୁଛି। ଗଭର୍ଣ୍ଣର ବୟସ୍କ ହୋଇଥିବାରୁ ତାଙ୍କୁ ବେହୋସ ନ କରି ଅପରେଶନ ହେବାକୁ ଥିବା ଅଙ୍ଗକୁ ବଧିରା କରି ଶଲ୍ୟକ୍ରିୟା କରାଯାଉଥିଲା। ଅପରେଶନ କରୁଥିବା ଚିକିତ୍ସକ ଓ ତାଙ୍କୁ ସହାୟତା କରୁଥିବା ସହଯୋଗୀ ବିନା ମୁଖା(ମାସ୍କ)ରେ ଅପରେଶନ କରୁଥିଲେ, ଯାହା ଅପରେଶନ ଥିଏଟର ପ୍ରୋଟୋକଲର ନିୟମ ବିରୁଦ୍ଧ। ଏହାର କାରଣ ପଚାରିବାରୁ ସାର୍ କହିଲେ ଯେ ସେମାନଙ୍କୁ ଗଭର୍ନର ଦେଖିବେ ଯାହା ପରବର୍ତ୍ତୀ ଅବସରରେ ତାଙ୍କର କାମରେ ଆସିବ। ଆମ୍ଭେମାନେ ପଚାରିଲୁ, ସାର୍ କିପରି? ସାର୍ କହିଲେ, ସେତେବେଳେ ଓଡ଼ିଶାରେ ତିନିଟି ମେଡିକାଲ କଲେଜ। ସମସ୍ତେ କଟକରେ ରହିବାକୁ ଚାହାନ୍ତି। ଯଦି ପ୍ରଫେସରଙ୍କର ବଦଳି ଆଦେଶ ଆସେ, ତାକୁ ରୋକିବା ପାଇଁ ସେ ଗଭର୍ନରଙ୍କ ସହାୟତା ଲୋଡ଼ିବେ। ତେଣୁ ଅପରେଶନ ସମୟରେ ମୁହଁଟା ଦେଖିଥିଲେ ତାଙ୍କ ଚେହେରା ଗଭର୍ନରଙ୍କୁ ଅଛପା ରହିବ ନାହିଁ। ଏଠାରେ କହି ରଖିବାକୁ ଚାହେଁ ଯେ, ତାହା ବରିଷ୍ଠ ଗଭର୍ନର ମହାଶୟଙ୍କର ମେମୋରି ଉପରେ ନିର୍ଭର କରିଥାଏ।

ମାତ୍ର ଦ୍ୱିତୀୟ ଘଟଣାଟି ଆହୁରି ମଜାଦାର ବିଷୟ। ସାର୍ କହିଲେ ଯେ ଅପରେଶନ ଥିଏଟର ଓ ବାହାରେ ଏତେ ଲୋକାରଣ୍ୟ ଥିଲା ଯେ ଅପରେଶନ ହୋଇଥିବା ଅଙ୍ଗ ମଧ୍ୟରେ ଥିବା ଜଳକୁ ସଂଗ୍ରହ କରି ଯଦି ବଣ୍ଟାଯାଇଥାଆନ୍ତା, ହୁଏତ ଜଣକ ଭାଗରେ ଏକବିନ୍ଦୁ ପଡ଼ି ନ ଥାନ୍ତା ଓ ଅନେକ ଏଥିରୁ ବଞ୍ଚିତ ହୋଇଥାଆନ୍ତେ। ଏହା କ୍ଲାସ୍ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା। ସେ ଡାକ୍ତର ହେଉ ବା ଇଞ୍ଜିନିୟର ଯେଉଁ ଆଗରୁ ହେଉଥିବା ଉଦ୍‌ଘାଟନ ଉତ୍ସବଗୁଡ଼ିକର ଏମାନେ ଥିଲେ ଆଗଧାଡ଼ିରେ ଓ ପଛରେ ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ରହି ପ୍ରୋତ୍ସାହନ ଦେଉଥିଲେ, ଯାହା ବୁଦ୍ଧିଜୀବୀଙ୍କ ମନୋବଳକୁ ବଢ଼ାଉଥିଲା। ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଭାବେ ଓଲଟା। କୌଣସି ଏକ ସମ୍ମିଳନୀରେ ରାଜନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ, ଆମେ ବୁଦ୍ଧିଜୀବୀଙ୍କ ପରିବର୍ତ୍ତେ ରାଜନେତାମାନଙ୍କର ଅନୁଗାମୀ ହେଉଛୁ। ତାହା ପଛରେ ଆମର ବ୍ୟକ୍ତିଗତ ସ୍ୱାର୍ଥ ସାଧନର ଉଦ୍ଦେଶ୍ୟ। କିଏ କ'ଣ ଭାବୁ ପଛେ ମୋର କ'ଣ ଯାଉଛି, ମୋର ଉଦ୍ଦେଶ୍ୟ ସାଧନ ହେଲେ ଗଲା। ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଆମେ ଏପରି କାର୍ଯ୍ୟ କରିବୁ ପଶ୍ଚାତ୍‌ପଦ ହେଉନାହୁଁ। ସେମାନେ ଲୋକପ୍ରତିନିଧି ଓ ସମ୍ମାନର ଯୋଗ୍ୟ ଅଟନ୍ତି। ମାତ୍ର ଲୋକପ୍ରତିନିଧି ବୁଝିବା ଦରକାର ଯେ ନିର୍ମିତ ହୋଇ ଲୋକାର୍ପଣ ହେଉଥିବା ଅନୁଷ୍ଠାନଟି ବୁଦ୍ଧିଜୀବୀଙ୍କ ବିନା ଚାଲିବା ଅସମ୍ଭବ। ତେଣୁ ସେମାନଙ୍କୁ ଯଥେଷ୍ଟ ସମ୍ମାନ ଦେବା ଦରକାର। ଏହାର ଫଳାଫଳ ଯେ ଉଦ୍‌ଘାଟନ ପରେ ଅନେକ ସ୍ଥାନର ଅନେକ ମେଶିନ ଚାଲୁ ନ ହୋଇ ଖରାପ ହୋଇ ପଡ଼ିରହିଛି। ଆମ୍ଭମାନଙ୍କର ଏହିପରି ମାନସିକତା କଦାପି ଆମର ସ୍ୱାଭିମାନକୁ ଉଚ୍ଚସ୍ତରକୁ ନେଇପାରିବ ନାହିଁ। ଏହା ମୋର ବ୍ୟକ୍ତିଗତ ମତ।



**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ନିନ୍ଦା, ଟାହିଟାପରା କରିବା ଲୋକେ ଆଜିର ସମାଜରେ ଅନେକ ମିଳନ୍ତି, କିନ୍ତୁ ଲୋକନିନ୍ଦାକୁ ନିଜର ସାମର୍ଥ୍ୟ କରି ଗଢ଼ି ତୋଳନ୍ତି କ୍ୱଚିତ୍। ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ବିହାର ରାଜ୍ୟ ମୁଜାଫରପୁରର ସଞ୍ଜୟ କୁମାର। ୨୫ ବର୍ଷ ହେଲା ସେ ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ଶିକ୍ଷାଦାନ କରି ସ୍ୱାବଲମ୍ବୀ କରାଇବା ପାଇଁ ପ୍ରୟାସ ଚଳାଇଛନ୍ତି। ସେମାନଙ୍କୁ ମାନସିକଭାବେ ସଶକ୍ତ କରାଇବା ଉଦ୍ଦେଶ୍ୟରେ ମଧ୍ୟ ନାଚ, ଗୀତ, ଯୋଗ, କମ୍ପ୍ୟୁଟର, ପେଣ୍ଟିଂ, ହ୍ୟାଣ୍ଡିକ୍ରାଫ୍ଟ ଆଦି ଶିକ୍ଷା ଦେଉଛନ୍ତି। ୨୦୦୮ରୁ ସେ ଏହି କାମ କରି ଆସୁଛନ୍ତି। ଏବେ ସରକାରଙ୍କଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ପିଲାଙ୍କୁ ପଢ଼ାଇବାର ଅନୁମତି ବି ପାଇଛନ୍ତି। ଏଭଳି କାମ ପାଇଁ ତାଙ୍କୁ ଲୋକେ ଖୁବ୍ ସହଯୋଗ ବି କରୁଛନ୍ତି। ବିଭିନ୍ନ ସ୍ଥାନରୁ ଡୋନେସନ୍ ନେଇ ସେ ଏଭଳି ଶିକ୍ଷାଦାନ କରୁଛନ୍ତି। ତେବେ ସବୁ କାମ କରି ପାରିଥିବା ସଞ୍ଜୟ କିନ୍ତୁ ପ୍ରେରଣା ପାଇଛନ୍ତି ସମାଜର ନିନ୍ଦୁକ ଗୋଷ୍ଠୀଙ୍କଠାରୁ। ତାଙ୍କ କହିବା ଅନୁସାରେ, ତାଙ୍କ ମା' ଦୃଷ୍ଟିବାଧିତ ଥିବାରୁ ଲୋକେ ତାଙ୍କୁ ଟାହିଟାପରା କରୁଥିଲେ। ଏଣୁ ସେ ଚିନ୍ତା କରିଥିଲେ, ଦିବ୍ୟାଙ୍ଗ ଲୋକଙ୍କ ପାଇଁ ସେ ଏମିତି କିଛି କାମ କରିବେ ଯାହାଫଳରେ ଲୋକେ ସେମାନଙ୍କୁ ହୀନଦୃଷ୍ଟିରେ ଦେଖିବା ବଦଳରେ ସମ୍ମାନ କରିବେ। ଏଥିପାଇଁ ସେ ଶିକ୍ଷାଦାନକୁ ମାଧ୍ୟମ କରି ତାଙ୍କର କାର୍ଯ୍ୟ କରିଚାଲିଲେ। ଏବେ ତାଙ୍କର ଏହି କାର୍ଯ୍ୟ ଦିବ୍ୟାଙ୍ଗମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ମାର୍ଗ ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଏପ୍ରିଲ ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଚିନ୍ତାମଣି ଜେନା ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବାଙ୍କବିହାରୀ ଦାସଙ୍କୁ କଂଗ୍ରେସ ଦଳରୁ ସସ୍‌ପେଣ୍ଡ କରିଛନ୍ତି।
- ଜାପାନର ପରିବହନ କର୍ମଚାରୀମାନେ ଅଧିକ ଦରମା ଦାବି କରି ୩ ଦିନିଆ ଧର୍ମଘଟ ଘୋଷଣା କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 9 | | | | | | |
| | | | 9 | | | 5 | | |
| | 2 | | | | 6 | 3 | | 1 |
| | | | | | 4 | | | |
| | | 5 | | | | 1 | | |
| | | 4 | | 2 | 1 | 6 | 8 | |
| | | | | | 2 | 4 | | 5 |
| | | 6 | | | | | 1 | |
| | | 2 | 4 | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 8 | 5 | 6 | 9 | 4 | 3 |
| 3 | 5 | 9 | 1 | 4 | 2 | 7 | 6 | 8 |
| 4 | 6 | 8 | 9 | 7 | 3 | 2 | 1 | 5 |
| 2 | 1 | 5 | 3 | 8 | 9 | 4 | 7 | 6 |
| 9 | 4 | 3 | 7 | 6 | 5 | 1 | 8 | 2 |
| 7 | 8 | 6 | 2 | 1 | 4 | 3 | 5 | 9 |
| 8 | 9 | 4 | 6 | 3 | 7 | 5 | 2 | 1 |
| 5 | 2 | 1 | 4 | 9 | 8 | 6 | 3 | 7 |
| 6 | 3 | 7 | 5 | 2 | 1 | 8 | 9 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶିଳ୍ପପତି ଓଡ଼ିଶା ପ୍ରତି ବିମୁଖ କାହିଁକି

ମହାଶୟ,

କିଛିଦିନ ତଳେ ବିଶିଷ୍ଟ ଶିଳ୍ପପତିଙ୍କର ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟରେ ବହୁ ପୁଞ୍ଜିର ନିବେଶ ପାଇଁ ସମାବେଶ ହୋଇଥିଲା। କେତେକ କମ୍ପାନୀ ବିପୁଳ ପୁଞ୍ଜିର ବିନିଯୋଗକରି ଓଡ଼ିଶାର ଖଣିଜ ସମ୍ପଦର ସୁଯୋଗ ନେଇ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରତିଶ୍ରୁତି ଦେଇ ଆଶା ସଞ୍ଚାର କରିଥିଲେ। ଏବେ ଆନ୍ଧ୍ରପ୍ରଦେଶରେ ରଜୟାପେଟାରେ ୭.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ପ୍ରଥମ ପର୍ଯ୍ୟାୟରେ ହେବ ବୋଲି କୁହାଯାଉଛି। ବିଜେଡି ଶାସନ ସମୟରେ ଜଗତ୍‌ସିଂହପୁର ଓ କେନ୍ଦୁଝରରେ ଦୁଇଟି କମ୍ପାନୀ ବୃହତ୍ ଶିଳ୍ପ ପ୍ରତିଷ୍ଠା ସକାଶେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରତିରୋଧର ସମ୍ମୁଖୀନ ହୋଇ ସେଥିରୁ ଓହରିଯିବାରେ ଅନ୍ତର୍ଜାତିକ ସ୍ତରରେ ଓଡ଼ିଶା ଶିଳ୍ପ ପ୍ରତିଷ୍ଠା ଲାଗି ଅନୁକୂଳ ନ ଥିବାର ନକାରାତ୍ମକ ସୂଚନା ମିଳିଥିଲା। ନବୀନଙ୍କ ଶାସନ କାଳ ମଧ୍ୟରେ ଶିଳ୍ପପତି ସମାବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ମିଳିଥିଲେ ହେଁ ପରବର୍ତ୍ତୀ କାଳରେ ଫଳବତୀ ହୋଇ ନ ଥିଲା। ଏବେ ଓଡ଼ିଶାର ପଡ଼ୋଶୀ ରାଜ୍ୟରେ ଆର୍ସେଲ ମିତ୍ତଲ ବିରାଟ ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ଜମି ଗ୍ରହଣ ଆରମ୍ଭ କରିଛି। ଓଡ଼ିଶା ସରକାର ଏ ବିଷୟରେ ଗୁରୁତ୍ୱ ସହ ବିଚାରକରି ଭବିଷ୍ୟତ ପାଇଁ ଓଡ଼ିଶାରେ ଭିତ୍ତିଭୂମି ତିଆରି କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ସମୀଚୀନ ମନେହୁଏ। ନଚେତ୍ ଶିଳ୍ପ ଜଗତରେ ଓଡ଼ିଶାରେ ଅନୁକୂଳ ବାତାବରଣ ସୃଷ୍ଟି ନ ହେଲେ କେବଳ ଖଣିଜ ପଥର ରପ୍ତାନୀ ହେଉଥିବ ଓ ବେକାରି ସମସ୍ୟାର ସମାଧାନ କେବଳ ଆକାଶ କଇଁଆ ହୋଇରହିଥିବ। ଶିଳ୍ପପତି ଓଡ଼ିଶା ପ୍ରତି ବିମୁଖ କାହିଁକି ?

**-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଭାଗୀୟ ଅବହେଳାକୁ ଦାୟୀ କଲେ ଐତିହ୍ୟ ବିଶାରଦ

## ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲିକଢ଼ା ପ୍ରକ୍ରିୟାରେ ବିଳମ୍ବ

**କୋଣାର୍କ,୨୦।୪ (ଜ୍ୟୋତିରାଜ ମହାନ୍ତି)**

ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ଲାଗି ୩ବର୍ଷ ସମୟ ଧାର୍ଯ୍ୟ ହୋଇଥିଲାବେଳେ ଅବଧି ପୂରିବାକୁ ବସିଥିବା ବେଳେ ବାଲି କାଢ଼ିବା ପ୍ରକ୍ରିୟା ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ଅଢ଼େଇ ବର୍ଷ ବିତିଗଲାଣି ତଥାପି ପ୍ରକ୍ରିୟା ନାଲିଫିତା ତଳେ ବନ୍ଧାପଡ଼ିଛି ବୋଲି କୋଣାର୍କ ଅଞ୍ଚଳର ଶିକ୍ଷାବିତ୍, ଐତିହ୍ୟ ବିଶାରଦ, ସଂସ୍କୃତି ବିଶାରଦ, ଐତିହାସିକ ଓ ଗବେଷକଙ୍କ ମହଲରେ ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ସୂର୍ଯ୍ୟମନ୍ଦିର ବାଲିକଢ଼ା ପ୍ରକ୍ରିୟା ଅଧାରୁ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ସୂର୍ଯ୍ୟମନ୍ଦିରରୁ ବାଲିକଢ଼ାକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି ଐତିହ୍ୟ ବିଶାରଦ ସୁବାସ ଚନ୍ଦ୍ର ବରାଳ।

୨୦୨୨ ସେପ୍ଟେମ୍ବର ୮ରେ ଏଏସ୍ଆଇ ଓ ବିଡିଆର (ବିଜନେସ୍ ଡେଭଲ୍‌ପମେଣ୍ଟ ରିପ୍ରେଜେଣ୍ଟେଟିଭ୍) ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ଭୂମିପୂଜନ ସହିତ ହୋମଯଜ୍ଞ କରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ପରେ ଲୁହା ବିମ୍ ଲଗାଯାଇଥିଲା। ପରେ ପରେ ଟନେଲ ଓ ଲିଫ୍ଟ ନିର୍ମାଣ ନିମନ୍ତେ ଫର୍ମାଟ ଓ ଲେଆଉଟ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ସୂର୍ଯ୍ୟ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଲୁହା ବିମ୍ ସହାୟତାରେ ମନ୍ଦିର ଚୂଡ଼ାକୁ ପାହାଚ ନିର୍ମାଣ, ଉତ୍ତର ପଶ୍ଚିମ କୋଣରେ ମନ୍ଦିର ପାଦଦେଶରୁ ଚୂଡ଼ା ପର୍ଯ୍ୟନ୍ତ ଏକ ଲିଫ୍ଟ ଲଗା କାର୍ଯ୍ୟ କରାଯାଇଛି। ୧୯୦୩ ମସିହାରେ ସୂର୍ଯ୍ୟ ମନ୍ଦିର ଗର୍ଭଗୃହରେ ଏସିଏଟିକ ସୋସାଇଟି ମାଧ୍ୟମରେ ସାମୁଦ୍ରିକ ଝଡ଼ ଓ ଲୁଣା ପବନ ଦାଉରୁ ମନ୍ଦିର ସୁରକ୍ଷା ନିମନ୍ତେ ବାଲି ଭର୍ତ୍ତି କରାଯାଇଥିଲା। ଏହି ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡ଼ାରୁ ଗର୍ଭଗୃହରେ ରହିଥିବା ବାଲିଗୁଡ଼ିକୁ



କୋଣାର୍କ ସୂର୍ଯ୍ୟ ମନ୍ଦିର।

ପର୍ଯ୍ୟାୟକ୍ରମେ ବାହାର କରାଯିବା ନେଇ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଚୂଡ଼ାରେ ୪ଫୁଟ ଓ ୫ଫୁଟରେ ଗର୍ତ୍ତ କରାଯାଇ ବାଲିଗୁଡ଼ିକ ଲିଫ୍ଟ ମାଧ୍ୟମରେ ବାହାରକୁ ବାହାରିବା ପାଇଁ ଏଏସ୍ଆଇ ବିଶେଷଜ୍ଞ କମିଟି ଓ ବୈଜ୍ଞାନିକଙ୍କୁ ନେଇ ଗଠିତ କମିଟି ନିଷ୍ପତ୍ତି ନେଇଥିଲା। ପର୍ଯ୍ୟାୟକ୍ରମେ କାମ ଆରମ୍ଭ ହୋଇଥିଲାବେଳେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ସଂସ୍କୃତି ମାରଣନୀତି ଯୋଗୁ କାର୍ଯ୍ୟର ଅବଧି ଶେଷ ହେବାକୁ ଥିଲାବେଳେ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳିଛି। ବାଲି ନିଷ୍କାସନ ସରିଲେ ପର୍ଯ୍ୟଟକଙ୍କ ପାଇଁ ଜଗମୋହନ ଦ୍ୱାର ଖୋଲି ଦିଆଯିବ ବୋଲି ଏଏସ୍ଆଇ ସୂଚନା ଦେଇଥିଲା।

ସୂଚନାଯୋଗ୍ୟ, ଡିସେମ୍ବର ୭ରେ ଏଏସ୍ଆଇ ଏଡିଜି ଜାନଭିଜ ଶର୍ମା, ଏଏସ୍ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲୀପ କୁମାର ଖମାରୀ, ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଡି. ବି. ଗଡ଼ନାୟକ, ଆଇଆଇଟି ଚେନ୍ନାଇ, ଆଇଆଇଟି ଦିଲ୍ଲୀ, କୋର୍ କମିଟିର ବିଶେଷଜ୍ଞ ଦଳ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟା ଓ ସୂର୍ଯ୍ୟମନ୍ଦିର ଅବସ୍ଥିତି ନେଇ ଅନୁଧ୍ୟାନ କରିଥିଲେ। ମନ୍ଦିର ଚୂଡ଼ାରୁ ୫ଫୁଟ ତଳକୁ ବାଲି ରହିଥିବା ଜାଣିବାକୁ ପାଇଥିଲେ।

ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପ୍ରକ୍ରିୟା ବିଳମ୍ବ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବାଲି କାଢ଼ିବା ପ୍ରକ୍ରିୟା ଶେଷ ନ ହେବା ବିଭାଗୀୟ ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବର ପରିଚାୟକ ଛଡ଼ା ଆଉ କିଛି ନୁହେଁ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସ୍ଆଇ ମହାନିର୍ଦ୍ଦେଶକ ଦୃଷ୍ଟିଦେବାକୁ ସେ କହିଛନ୍ତି।

ଏନେଇ କୋଣାର୍କ ଅଞ୍ଚଳର ଗବେଷକ ସଞ୍ଜୟ କୁମାର ବରାଳ କହିଛନ୍ତି ଏଏସ୍ଆଇର ମନମୁଖି ଓ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ ଯୋଗୁ ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ ଏଏସ୍ଆଇର ଉଚ୍ଚ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏଏସ୍ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯାଇ ଶେଷ କରାଯିବ।

## ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ...




ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଅନୁଗୋଳ ଜିଲାର ଚିନ୍ମୟୀ ଦାସ ନିଜକୁ ଗଛ ରୂପରେ ସଜେଇ ହୋଇ ଭୁବନେଶ୍ୱର ସଚିବାଳୟ ମାର୍ଗରେ ପଥଚାରୀଙ୍କୁ ଅଭିନବ ଭାବେ ସଚେତନ କରୁଛନ୍ତି। ଏଥିସହ 'ଆମକୁ ଆମ ପରିବେଶ ଫେରାଇ ଦିଅ'ର ଆହ୍ୱାନକୁ ନେଇ ନିଆରା ମଡେଲ ପ୍ରଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ଓୟୁଏଟି ସ୍ନାତକ ନାମଲେଖା: ୨୪ରେ ସରୁଛି ଆବେଦନ

**ଭୁବନେଶ୍ୱର,୨୦।୪(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ନାତକ ବିଭାଗର ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଅନ୍‌ଲାଇନ୍ ଆବେଦନ ଚାଲିଛି। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୦ଟି କଲେଜରେ ଛାତ୍ରୀଛାତ୍ର ନିଜ ପସନ୍ଦ ବିଷୟଗୁଡ଼ିକରେ ନାମ ଲେଖାଇପାରିବେ। ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଜରିଆରେ ଫର୍ମ ପୂରଣ କରିପାରିବେ। ବର୍ତ୍ତମାନ ଓୟୁଏଟି ୱେବ୍‌ସାଇଟ୍‌ରେ ଫର୍ମ-ଏ ଆବେଦନର ଶେଷ ତାରିଖ ୨୪ ରହିଛି। ଆସନ୍ତା ଜୁନ ୨ ଓ ୩ରେ ସିବିଟି ମୋଡ୍‌ରେ ବିଭିନ୍ନ କେନ୍ଦ୍ରରେ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଆବେଦନ ପାଇଁ ଓୟୁଏଟି ୱେବ୍‌ସାଇଟରେ ଫର୍ମ ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

## ମହାନଦୀରୁ ଅଚିହ୍ନା ମୃତଦେହ ଜବତ

**ଖୁଣ୍ଟୁଣୀ,୨୦।୪(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ନୂଆଶାସନ ଗ୍ରାମ ନିକଟ ମହାନଦୀ କୂଳରୁ ରବିବାର ଅପରାହ୍ନରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ କଳାରଙ୍ଗର ହାଫ ପ୍ୟାଣ୍ଟ ଓ ବ୍ଲୁ ରଙ୍ଗର ଗଞ୍ଜି ପିନ୍ଧିଥିବା ବେଳେ ତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୫) ରୁଜୁ ହୋଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିବ୍ୟରାଜ



@ ଖଗେଶ୍ୱର



@ ପଦ୍ମଲୋଚନ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱ କଳା ଦିବସ ପାଳନ କଲା ବେଦାନ୍ତ

### ସଉରା କଳାରେ ଆଦିବାସୀଙ୍କ ଜନଜୀବନ




ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ସଉରା ଚିତ୍ରକଳା ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର,୨୦।୪ (ଅନୁରାଧା ମହାରଣା)**

ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ବିଶ୍ୱ କଳା ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲା ଭବାନୀପାଟଣାର ଥୁଆମୂଳ ରାମପୁରସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ସହ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବେଦାନ୍ତର ସିଜିମାଳି ବକ୍ସାଇଟ ଟିମ୍ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। କଳାହାଣ୍ଡି କଳା ଓ ଗବେଷଣା ମହାବିଦ୍ୟାଳୟ ଅଧ୍ୟାପକଙ୍କ ଦ୍ୱାରା ଓଡ଼ିଶାର ସର୍ବପୁରାତନ ଆଦିବାସୀଙ୍କ ସଉରା କଳା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସଉରା କଳାର ଉତ୍ପତ୍ତି, ପ୍ରତୀକବାଦ ଏବଂ କୌଶଳ ବିଷୟରେ ୧୨୦ରୁ ଅଧିକ ଅଂଶଗ୍ରହଣକାରୀ ଏହି ଅଞ୍ଚଳର ଦେଶୀୟ ସଂସ୍କୃତି ଏବଂ ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ କଳା ମାଧ୍ୟମରେ ଲୋକକଥା ଏବଂ ଦୈନନ୍ଦିନ ଜୀବନର ଜୀବନ୍ତ ଚିତ୍ରଣକୁ ଦର୍ଶାଇ ଅପାର ଉତ୍ସାହର ସହ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ବେଦାନ୍ତର ବକ୍ସାଇଟ ମାଇନ୍ସ ସିଇଓ ନିତିନ ତିୱାରୀ କହିଛନ୍ତି, ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ କଳା ବିଷୟରେ ଗର୍ବ ଓ ସଚେତନତା ସୃଷ୍ଟି ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଯୁବ ପିଢ଼ିକୁ ସେମାନଙ୍କ ସୃଜନଶୀଳ ସାମର୍ଥ୍ୟ ଅନ୍ୱେଷଣ କରିବା ସହିତ ସେମାନଙ୍କ ଜଡ଼ ସହିତ ପରିଚିତି କରିବାକୁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖୁଛୁ।

## 'ମରାମତି ହୋଇ ନ ଥିଲେ ରତ୍ନଭଣ୍ଡାର ଭୁଶୁଡ଼ିପଡ଼ିଥାନ୍ତା'

**ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଯେଉଁଭଳି ଭାବେ କ୍ଷତିଗ୍ରସ୍ତ ହୋଇଥିଲା ତାହାକୁ ଯଦି ମରାମତି କରାଯାଇ ନ ଥାନ୍ତା, ତା'ହେଲେ ଆଗାମୀ ଦିନରେ ଭୁଶୁଡ଼ି ପଡ଼ିଥାଆନ୍ତା। ତାହାକୁ ଦୃଷ୍ଟିରେ ରଖି ସୁଦୃଢ଼ ଭାବେ ମରାମତି କାର୍ଯ୍ୟ କରାଯାଉଛି। ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ପରେ ରତ୍ନଭଣ୍ଡାର ଆଗାମୀ ୧୦୦ରୁ ୨୦୦ ବର୍ଷ ପାଇଁ ସୁରକ୍ଷିତ ରହିପାରିବା ନେଇ ଆଶା କରାଯାଉଛି। ବର୍ତ୍ତମାନ ଭିତର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଭୁବନେଶ୍ୱରଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାରଙ୍କ ଅନୁମତି ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ପକ୍ଷରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର କାର୍ଯ୍ୟ କରାଯାଉଛି। ଶ୍ରୀମନ୍ଦିର ଛତିଶା ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଉଛି। ଗତବର୍ଷ ଡିସେମ୍ବର ୧୭ରୁ କାମ ଆରମ୍ଭ ହୋଇଛି। ଦୀର୍ଘ ସ୍ଥାୟୀ କାର୍ଯ୍ୟ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ତେବେ କାର୍ଯ୍ୟ କରିବାକୁ ଏଏସ୍ଆଇକୁ କମ୍ ସମୟ ମିଳୁଥିବାରୁ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେଉଛି । ତେବେ ସ୍ନାନପୂର୍ଣ୍ଣିମା ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରାଯାଉଛି। ରନ୍ତ୍ରଭଣ୍ଡାର ମରାମତି ସରିବା ପରେ ଅଳଙ୍କାର ଗଣତିମଣତି କରାଯିବ। ସେହିପରି ଚଳିତ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। ଏହାପରେ ଝୁଣ୍ଟି ସ୍ଥାନାନ୍ତର କରାଯାଇ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି।

## ଐତିହ୍ୟ ଗ୍ରାମ ରଘୁରାଜପୁର ବୁଲିଲେ ରାଜ୍ୟପାଳ

**ପୁରୀ,୨୦।୪ (ଅଜିତ୍ କୁମାର ମହାନ୍ତି)**

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ରବିବାର ଅପରାହ୍ନରେ ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରିଛନ୍ତି। ରାଜ୍ୟପାଳ ଦମ୍ପତି ରଘୁରାଜପୁରରେ ପହଞ୍ଚିବା ପରେ ଗୋଟିପୁଅ କଳାକାରମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ଦମ୍ପତି ରଘୁରାଜପୁରର ପଟ୍ଟଚିତ୍ର ଏବଂ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖି ଅଭିଭୂତ ହୋଇଥିଲେ। କଳା ଗୁରୁ ଓ ଶିଳ୍ପୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୁରୀ ସଦର ବିଡିଓ ସସ୍ମିତ ଶତପଥୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଉମାପତି



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ପଟ୍ଟଚିତ୍ର ଏବଂ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖୁଛନ୍ତି।

ବେହେରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗ୍ରାମ ସମ୍ପାଦକ ଅଭିରାମ ଦାସ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦର ସମ୍ପାଦକ ସେବେନ୍ଦ୍ର ଦାସ, ଶିଳ୍ପୀଗୁରୁ ବନମାଳୀ ମହାପାତ୍ରଙ୍କ ସମେତ ଅନ୍ୟ ଶିଳ୍ପୀ ପ୍ରମୁଖ ଉପସ୍ଥିତ ଥିଲେ।


झारखण्ड सरकार

**आदिवासी कल्याण आयुक्त कार्यालय, झारखण्ड, राँची**

स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025

**सूचना (Corrigendum)**

इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पनी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं **jharkhandtenders.gov.in** पोर्टल पर दिनांक: 31.03.2025 को निविदा Tender ID संख्या: **2025_WELFR_9920_1** प्रकाशित की गई थी।

2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।

**आदिवासी कल्याण आयुक्त**

PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SAMBALPUR IRRIGATION DIVISION, SAMBALPUR**

E-mail id: sidsambalpur@gmail.com

**e-Procurement Notice No. SESID-01/2025-26**
**Bid Identification No. SESID-01 (01-28)/2025-26**

No. 1485 Date: 10.04.2025

No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in** complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of Works | : | 28 Nos. |
| 3. | Bid Identification No. | : | SESID-01 (01-28)/2025-26 |
| 4. | Estimated Cost | : | 8.45 - 31.78 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.02.05.2025 upto 17.00 P.M. |
| 10. | Date of Bid Opening | : | Dt.03.05.2025 at 11.00 A.M. |
| 11. | Clarification seeking date | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: **sidsambalpur@gmail.com** |

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in said website.

**Sd./- Superintending Engineer**
**Sambalpur Irrigation Division, Sambalpur**

OIPR-32530/11/0004/2526

**୨ ବାଇକ୍ ମୁହାଁମୁହିଁ, ୨ ଗୁରୁତର**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ରବିବାର ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ ଜଣ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି। ଏଥିସହ ନୟାହାଟ ପୋଲିସ ୨ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।




୨୦।୪।୨୦୨୫

| | |
|---|---|
| ୬,୧୮,୨୬୬ ଟଙ୍କା | |
| ସୁନା | ୬୧.୮୫୦ ଗ୍ରାମ୍ |
| ରୁପା | ୬୮.୮୦୦ ଗ୍ରାମ୍ |

# ନିଖୋଜ ନାବାଳକଙ୍କ ଉଦ୍ଧାର ଦାବିରେ ରାସ୍ତାରୋକୋ

ଡେଲାଙ୍ଗ,୨୦।୪(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ରତନପୁର ଗ୍ରାମର ମାନସ ସାହୁଙ୍କ ପୁଅ ଆଶୀର୍ବାଦ ସାହୁ (୧୧) ଗତ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ବେଳେ ରବିବାର ସନ୍ଧ୍ୟା ସୁଦ୍ଧା ପୋଲିସ କୌଣସି ସୁରାକ ପାଇ ନ ଥିଲା। ଏହାର ତଦନ୍ତ ଦାୟିତ୍ୱ ରାଜ୍ୟ କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର ଦାବିକରି ସୁଜନପୁର ଓ କୋଠବାଡ଼ ପଞ୍ଚାୟତର ସହସ୍ରାଧିକ ଲୋକ ଡେଲାଙ୍ଗ ହାଟବଜାର ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ ପୂର୍ବକ ପ୍ରତିବାଦ କରିଥିଲେ। ପ୍ରଶାସନ କ୍ରାଇମ୍ ବ୍ରାଞ୍ଚ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

୨ ପଞ୍ଚାୟତବାସୀଙ୍କୁ ସମର୍ଥନ ଜଣାଇ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, କଂଗ୍ରେସ କର୍ମୀ ନିର୍ମଳ ପରିଡ଼ା, ସାମାଜିକ କର୍ମୀ କିଶୋର ଦାଶ ପ୍ରମୁଖ ପହଞ୍ଚି ପୋଲିସ ନିଷ୍କ୍ରିୟତାର ତୀବ୍ର ସମାଲୋଚନା କରିବା ସହ ତଦନ୍ତ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ଖବରପାଇ ଥାନା ନିରୀକ୍ଷକ ଶ୍ୟାମଘନ ବାରିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର,


୨ ପଞ୍ଚାୟତବାସୀ ହାଟବଜାର ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।

## କ୍ରାଇମ୍ ବ୍ରାଞ୍ଚ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଲା ପ୍ରଶାସନ

ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି, ସ୍ଥାନୀୟ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ସଦଳବଳ ପ୍ରତିବାଦସ୍ଥଳରେ ପହଞ୍ଚି ରାସ୍ତାରୋକୋ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ଆଲୋଚନାକ୍ରମେ କ୍ରାଇମ ବ୍ରାଞ୍ଚ ଦ୍ୱାରା ତଦନ୍ତ ଓ ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିବାକୁ ଉପସ୍ଥିତ ପୋଲିସ କର୍ତ୍ତୃପକ୍ଷ ସମ୍ମତ ହେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଡେଲାଙ୍ଗ ହାଟ ଛକର ତିନି ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା।

# ଜ୍ଞାନ ହୋତାଙ୍କୁ ରମାକାନ୍ତ ରଥ ସାହିତ୍ୟ ସମ୍ମାନ


କାର୍ଯ୍ୟକ୍ରମରେ ହାସ୍ୟ କବି ଜ୍ଞାନ ହୋତା ଉଦ୍‌ବୋଧନ ଦେଉଛନ୍ତି ।

## ପୁରୀ ଲିଟେରାରି ଫେଷ୍ଟିଭାଲ ହେଉଛି ସାହିତ୍ୟ, ସଂସ୍କୃତି, ଐତିହ୍ୟର ସଙ୍ଗମ

ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ପୁରୀର ଅଧ୍ୟୟନ ଫାଉଣ୍ଡେଶନ୍, ଭାରତ ସରକାରଙ୍କ ଯୁବ ବ୍ୟାପାର ବିଭାଗ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ଆୟୋଜିତ ତିନିଦିନିଆ ପୁରୀ ଲିଟେରାରି ଫେଷ୍ଟିଭାଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଲିଟେରାରି ଫେଷ୍ଟିଭାଲ ହେଉଛି ଭାଷା, ସାହିତ୍ୟ, ସଂସ୍କୃତି, ସୃଜନ ଓ ଐତିହ୍ୟର ସଙ୍ଗମ ବୋଲି ଫେଷ୍ଟିଭାଲ୍‌ର ନିର୍ଦ୍ଦେଶକ ଓମ୍ ପ୍ରିୟଦର୍ଶୀ ଛୋଟରାୟ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବରେ 'ଉପନିବେଶୀକରଣ ଓ ଦକ୍ଷିଣ ବିଶ୍ୱ ବହୁପାକ୍ଷିକତାର ପୁନଃ ଆକୃତି', 'ଜଗନ୍ନାଥ: ଓଡ଼ିଶା ଅସ୍ମିତା', 'ସ୍ଥିରତା: ଏକ ଜଳବାୟୁ-ପ୍ରତିରୋଧୀ ଭାରତ ଗଠନ' ଭଳି ବିଭିନ୍ନ ବିଷୟରେ ବିଶେଷ ଆଲୋଚନା ହୋଇଛି। ପ୍ରଥମ ସତ୍ରରେ ମଞ୍ଚରେ କଳା, କଲମ, କାନୁନ୍, କଳାକାର ଏବଂ ଖେଳ ଭଳି ବିଭିନ୍ନ କ୍ଷେତ୍ରରୁ ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ। ଶେହଜାଦା ପୁନେୱାଲା, ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର, ପଦ୍ମଶ୍ରୀ ସୁଧା ସିଂ, ନବିନ ସକ୍ସେନା, ଜିତୁ କଭର, ଡ. ନିଧି ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ଓଡ଼ିଶାର ଅସ୍ମିତା ବିଷୟରେ ଡ. ଭାସ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ଅସିତ୍ ମହାନ୍ତି, ହରିହର ହୋତା, ଆଶ୍ରୟ ମିଶ୍ର, ଅନିଲ ଧିର ପ୍ରମୁଖ ଆଲୋଚନା କରିଥିଲେ। ପଞ୍ଚମୀ ମନୋକିଲ୍ ମଞ୍ଚ ପରିଚାଳନା କରି ପୁରୀ ଜଗନ୍ନାଥ ଧାମ କିଭଳି ବିଶ୍ୱର ନାଗରିକଙ୍କ ଆବେଗ ସେ ବିଷୟରେ କହିଥିଲେ। ଅନ୍ୟତମ ଅତିଥି ଶାନ୍ତି ରଥ ହାସ୍ୟ କବି ଜ୍ଞାନ ହୋତାଙ୍କୁ ରମାକାନ୍ତ ରଥ ସାହିତ୍ୟ ସମ୍ମାନରେ ସମ୍ମାନିତ କରିଥିଲେ। ପ୍ରଯୋକ୍ତା କୋଲି ଏବଂ ଦୀପ୍ ହାଲଦରଙ୍କ ଲିଖିତ ପୁସ୍ତକକୁ ପୁରୀ ଲିଟେରାରି ଫେଷ୍ଟିଭାଲ ପୁସ୍ତକ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଡ. ହେନେରିଟା ମିଶ୍ରଙ୍କ ଦ୍ୱାରା ରଚିତ 'ନାରୀ ଜୀବନର ମିଥ୍-ମୁଟିଫ-ମେଟାଫର ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ଓମ୍ ପ୍ରିୟଦର୍ଶୀ ଛୋଟରାୟ ଏବଂ ମିଲିନ୍ଦ ମରାଠେ କାର୍ଯ୍ୟକ୍ରମର ରିପୋର୍ଟ ଦେଇଥିଲେ।

## ସଂକ୍ଷେପରେ

### ରନ୍ଧନ ଗ୍ୟାସ୍ ମୂଲ୍ୟବୃଦ୍ଧି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ରନ୍ଧନ ଗ୍ୟାସ୍‌ର ମୂଲ୍ୟବୃଦ୍ଧି ପ୍ରତ୍ୟାହାର ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ରବିବାର ପୁରୀ ଷ୍ଟେଶନବଜାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରନ୍ଧନ ଗ୍ୟାସ୍‌ର ବାରମ୍ବାର ମୂଲ୍ୟ ବୃଦ୍ଧି ଦ୍ୱାରା ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥା ଦୋହଲି ଯାଉଛି। ଏହି ମୂଲ୍ୟବୃଦ୍ଧି ସିଧାସଳଖ ହାଣ୍ଡିଶାଳ ଉପରେ ମାଡ଼ ହେଉଛି। ତୁରନ୍ତ ଦର ବୃଦ୍ଧି ପ୍ରତ୍ୟାହାର କରିବା ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପୁରୀ ଜିଲା କମିଟି ପକ୍ଷରୁ ଦାବି କରାଯାଇଛି। ବିକ୍ଷୋଭରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ରଘୁନାଥ ଦାସ, ଜିଲା କମିଟି ସମ୍ପାଦକ ସୁବାସ ବରାଳ, ବରିଷ୍ଠ ନେତା ବଟକୃଷ୍ଣ ସ୍ୱାଇଁ, ପଦ୍ମଚରଣ ଜେନା, ତ୍ରିନାଥ ପ୍ରଧାନ, ସୁବାସ ବେହେରା ଏବଂ ଦୀନବନ୍ଧୁ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

### ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀର କାର୍ଯ୍ୟକାରିଣୀ ବୈଠକ

ପୁରୀ,୨୦।୪(ଅଜିତ କୁମାର ମହାନ୍ତି)

ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପୀଠ-ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଗୋବର୍ଦ୍ଧନ ପୀଠ ସତସଙ୍ଗ ଭବନରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ୧୨ଥର ହନୁମାନ ଚାଳିଶା ପାଠ ସହିତ ଦୀପ ପ୍ରଜ୍ୱଳନ ପୂର୍ବକ ଗୁରୁଜୀ ମହାରାଜାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଆସନ୍ତା ଶଙ୍କର ଜୟନ୍ତୀ କାର୍ଯ୍ୟକ୍ରମ ସହ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ସେବା ଯୋଗାଇବା, ସଦସ୍ୟତା ସଂଗ୍ରହ ଅଭିଯାନ, ରାଜ୍ୟରେ ସାଂଗଠନିକ ଶାଖା ବିସ୍ତାର ଓ ପ୍ରବାସ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମସ୍ତ ବିଭାଗର ଉପସଭାପତି, ସଂଗଠନ ସଚିବ, ସମ୍ପର୍କ ସଚିବ, କ୍ଷେତ୍ରୀୟ ସମ୍ପାଦକମାନେ ବୈଠକରେ ଉପସ୍ଥିତ ଥିଲେ।

### ଦାଦି ଡ. ରତନମୋହିନୀ ଜୀଙ୍କ ସ୍ମୃତି ସମାରୋହ

କାକଟପୁର/ସାକ୍ଷୀଗୋପାଳ, ୨୦।୪
(ଶୁଭଦର୍ଶନ ମିଶ୍ର/ଭରତ ରାଉତ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାକଟପୁର ଶାଖା ତରଫରୁ ଦାଦି ଡ. ରତନମୋହିନୀ ଜୀଙ୍କର ଶ୍ରଦ୍ଧାଞ୍ଜଳି ସଭା ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ଜ୍ଞାନରଞ୍ଜନ ସାହୁ, ଶାଖା ମୁଖ୍ୟ ପରିଚାଳିକା ଭଉଣୀ ବ୍ରହ୍ମାକୁମାରୀ କୁନ୍ତଳା, ଭାଇ ବ୍ରହ୍ମାକୁମାର ରବି ନାରାୟଣ ଓ ବହୁ ସଂଖ୍ୟାରେ ଭଉଣୀଭାଇ ଉପସ୍ଥିତ ଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ମାଉଣ୍ଟ ଆବୁ, ରାଜସ୍ଥାନରେ ରହି ଈଶ୍ୱରୀୟ ସେବାକୁ ତ୍ୱରାନ୍ୱିତ କରି ବାବାଙ୍କ ଅବ୍ୟକ୍ତ ମୁରଲୀକୁ ବିଶ୍ୱର କୋଣଅନୁକୋଣରେ ଥିବା ଆତ୍ମାଙ୍କ ପାଖରେ ପହଞ୍ଚାଇବାରେ ତାଙ୍କର ସହଯୋଗ ଅତୁଳନୀୟ। ରାଜଯୋଗ ଦ୍ୱାରା ମନକୁ ଶାନ୍ତି ଓ ଶରୀରକୁ ନୀରୋଗ ରଖିବାର ବାର୍ତ୍ତା ବି.କେ. ରବିନାରାୟଣ ପ୍ରଦାନ କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସାକ୍ଷୀଗୋପାଳ ଉପ ସେବାକେନ୍ଦ୍ର ପରିସରରେ ରତନମୋହିନୀଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥିମାନେ ଯୋଗଦେଇ ରତନମୋହିନୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜ୍ୟୋତିଷବିତ୍ କୈଳାସ ଚନ୍ଦ୍ର ମିଶ୍ର ଓ ତାଙ୍କର ସହଧର୍ମିଣୀ ସରୋଜିନୀ ଦେବୀ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମକୁମାର ପରିଚାଳନା କରିଥିଲେ।

# ସରିଲା ଭାରତ ସଂସ୍କୃତି ଯାତ୍ରା, ଓଡ଼ିଶା ଫେଷ୍ଟିଭାଲ

ପୁରୀ,୨୦।୪(ଅଜିତ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଭାରତ ସଂସ୍କୃତି ଯାତ୍ରା ଏବଂ ଓଡ଼ିଶା ଫେଷ୍ଟିଭାଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ତଥା ଭାରତର କୋଣ ଅନୁକୋଣରୁ ଆସିଥିବା ଅନ୍ୟୁନ ଏକ ହଜାର ଶିଳ୍ପୀ ଏଥିରେ ସାମିଲ ହୋଇଥିଲେ। ଅନ୍ତିମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନିତ ଅତିଥି ଭାବେ କୋଲକାତା ପୌରପାଳିକାର କର୍ପୋରେଟର ସୁଦୀପ ବୋଲେ, କୋଲକାତାର ସଂସ୍କୃତି ଅଧିକାରୀ ପ୍ରେମାନନ୍ଦ ମହାପାତ୍ର, ଚିନ୍ତା ଚେତନାର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସ, ପ୍ରତିଭା ପଣ୍ଡା, ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ସମ୍ପାଦକ ପ୍ରସନ୍ନଜିତ ପୋଦାର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଭା ପରେ କର୍ଣ୍ଣାଟକ, କୋଲକାତା, କଟକ, ବୌଦ୍ଧ, ପୁରୀ, ହିନ୍ଦୁସ୍ଥାନ, ତ୍ରିଧାରାର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଇଣ୍ଡୋ ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍‌ର ସଭାପତି ଶ୍ରୀମନ୍ତ କୁମାର ଦାସ ପରିଚାଳନା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ସିଭିଲ ସୋସାଇଟି କର୍ମକର୍ତ୍ତା

ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ସିଭିଲ ସୋସାଇଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସାମାଜିକ ଅନୁଷ୍ଠାନ ଦି ବେଲ୍ ଅଧ୍ୟକ୍ଷ ତଥା ପୁରୀ ଜିଲା ଦିବ୍ୟାଙ୍ଗ ସଂଘର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନର ସମ୍ପାଦକ ଗଗନ ବିହାରୀ ଦାସ ଓ ପିପୁଲ୍ସ ଫୋରମ୍‌ର ପ୍ରୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟପାଳଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗଙ୍ଗୁଆ ନଦୀର ପ୍ରଦୂଷିତ ଜଳ ଦୟା ନଦୀରେ ଯେପରି ନ ମିଶିବ ଏବଂ କଣାସବାସୀ ସ୍ୱଚ୍ଛ ଜଳ କିପରି ପାଇବେ ସେଥିପାଇଁ ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ସୁବିଧା ପାଇଁ ତୁରନ୍ତ ବାହାରକୁ ରୋଗୀ ନେବା ପାଇଁ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ବ୍ୟବସ୍ଥା, ଜିଲା ଚିକିତ୍ସାଳୟରେ ବର୍ନ ୟୁନିଟ ବ୍ୟବସ୍ଥା, ପୁରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜିଲାକୁ ଦୁଇରୁ ତିନୋଟି ସବ୍‌ଡିଭିଜନରେ ବିଭକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ସ୍ୱର୍ଗଦ୍ୱାର ସମ୍ପ୍ରସାରଣ ଓ କର୍ପସ ଫଣ୍ଡ ବ୍ୟବସ୍ଥା, ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପାଇଁ ଆଧୁନିକ ପ୍ରଶିକ୍ଷଣ ଓ ଯନ୍ତ୍ରପାତି, ଜେଟି ଏବଂ ଏଫ୍‌ଏଲ୍‌ସି ବ୍ୟବସ୍ଥା, ଐତିହ୍ୟ ସ୍ଥଳର ସୁରକ୍ଷା ସହିତ ଏହାର ଚିହ୍ନଟ, ପିଲିଗ୍ରିମ ଟୁରିଜମ୍‌କୁ ବଢ଼ାଇବା, ସମୁଦ୍ର ତଟ ସୁରକ୍ଷା, ଜିଲାର ସମସ୍ତ ଜଳମାର୍ଗରେ ପର୍ଯ୍ୟଟନ କ୍ରୀଡା ବା ସ୍ପୋର୍ଟ୍ସ ଟୁରିଜମ ପାଇଁ ସରକାରୀ ପ୍ରୋତ୍ସାହନ, ଟ୍ରାନ୍ସଜେଣ୍ଡରମାନଙ୍କ ଥଇଥାନ, ଜରାନିବାସ ବ୍ୟବସ୍ଥା ଇତ୍ୟାଦି ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଅବସରରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲିଲିଟ୍‌ଷ୍ଟାର ଗ୍ରୁପ୍‌ର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା



କର୍ମଶାଳାରେ ଅତିଥିମାନେ ଶିଶୁ ପତ୍ରିକା 'ମୋ ଆଶା'କୁ ଉନ୍ମୋଚନ କରୁଛନ୍ତି।

ନିମାପଡ଼ା,୨୦।୪(ବିଚିତ୍ରାନନ୍ଦ ସାହୁ)

ସମାଜରେ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଓ ବିକାଶ କର୍ମଶାଳାର ମୁଖ୍ୟଲକ୍ଷ୍ୟ। ବ୍ୟକ୍ତିତ୍ୱର ବିକାଶ ହେଲେ ପ୍ରତ୍ୟେକ ଛାତ୍ର, ଯୁବକ ସମାଜରେ ଭଲ ମଣିଷ ଓ ଉତ୍ତମ ନାଗରିକ ହୋଇପାରିବେ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଲିଟ୍‌ଷ୍ଟାର ଗ୍ରୁପର ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅଣ୍ଡିଆ ସାହି ମା' ଦକ୍ଷିଣେଶ୍ୱରୀ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଲିଟିଲ୍‌ଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ବରିଷ୍ଠ ଶିକ୍ଷାବିତ୍ ନିର୍ମଳ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉଳ, ମା' ଦକ୍ଷିଣେଶ୍ୱରୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ମେଡିକାଲର ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ସାମାଜିକ କର୍ମୀ ଅଜୟ ମିଶ୍ର ପ୍ରମୁଖ ଯୋଗଦେଇ ଲିଟିଲ୍‌ଷ୍ଟାର ଗ୍ରୁପର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଗ୍ରୁପର ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମସଂଖ୍ୟା ଓ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସମ୍ପାଦିତ ଶିଶୁ ପତ୍ରିକା 'ବାନରସେନା' ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୧୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆଜି ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

ଅସ୍ତରଙ୍ଗ,୨୦।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ କୁହୁଡ଼ିଠାରେ ସୋମବାର ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପାଳନ ହେବ। ଏଥିନେଇ ରବିବାର ଏକ ପ୍ରସ୍ତୁତି ବୈଠକ କୁହୁଡ଼ିସ୍ଥିତ ଲବଣ ସତ୍ୟାଗ୍ରହ ସ୍ୱାମୀ ଜି. ପୂର୍ଣ୍ଣାନନ୍ଦ ସ୍ମୃତି ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମିୟ କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମାରୋହରେ ପ୍ରତ୍ୟୁଷରୁ ପ୍ରଭାତଫେରି, ଗଣଦୌଡ଼, ସ୍ମୃତିସ୍ତମ୍ଭ ନିକଟରେ ଶ୍ରଦ୍ଧାସୁମନ ଅର୍ପଣ, ବନ୍ଦେ ମାତରଂ, ବନ୍ଦେ ଉତ୍କଳ ଜନନୀ ଗାନ, ବିଶେଷ ବ୍ୟକ୍ତି ଓ ସ୍ୱାଧୀନତା ସଂଗ୍ରାମୀ ଦାୟାଦଙ୍କୁ ସମ୍ବର୍ଦ୍ଧନା, ସ୍ମରଣିକା ଉନ୍ମୋଚନ, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ମହାସମାରୋହରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଉପଦେଷ୍ଟା ମହେଶ୍ୱର ନାୟକ, ପ୍ରମୋଦ ନାୟକ, ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, ଭୋଳାନାଥ ସ୍ୱାଇଁ, ଅର୍ଜୁନ ମଲ୍ଲିକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଶଙ୍କର ମିଶ୍ର, କ୍ଷେତ୍ରବାସୀ ଦାସ, ଗୋବିନ୍ଦ ସ୍ୱାଇଁ, ସତ୍ୟବ୍ରତ ଲେଙ୍କା, କ୍ଷୀରୋଦ ମହାନ୍ତି, ବନବିହାରୀ ଗ୍ରହାଚାର୍ଯ୍ୟ, ଶ୍ରୀଧର ନାୟକ, ଦେବ ନାୟକ, ହେମନ୍ତ ମଲ୍ଲ, ପବିତ୍ର ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ହରିହର ସ୍ୱାଇଁ, ବାଇଧର ମୁଦୁଲି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟୁତ୍ ତାରଟଣାକୁ ଖେଲାର ବଜାରବାସୀଙ୍କ ବିରୋଧ

ନିମାପଡ଼ା,୨୦।୪(ରଞ୍ଜନ ପଟ୍ଟନାୟକ)

## ଅଧାରୁ କାମ ଛାଡ଼ି ଚାଲିଗଲେ ଶ୍ରମିକ

ଟାଟା ପାୱାର ବିଦ୍ୟୁତ୍ ବଣ୍ଟନ କମ୍ପାନୀ ପକ୍ଷରୁ ୩୩ କେଭି ବିଦ୍ୟୁତ ତାରଟଣାକୁ ନେଇ ବଜାର ଓ ଗ୍ରାମବାସୀ ବିରୋଧ କରିଛନ୍ତି। ଫଳରେ କର୍ମଚାରୀମାନେ ଅଧାରୁ କାମ ଛାଡ଼ି ପଳାଇଯିବାରୁ ତାର ଟଣା ନ ହୋଇପାରି ବନ୍ଦ ରହିଥିଲା।

ସୂଚନା ମୁତାବକ, ଖେଲାର ବଜାର ଏବଂ ହରିସପୁର ଗ୍ରାମ ବାଟଦେଇ ଖୁଣ୍ଟ ପଡ଼ି ୩୩ କେଭି ବିଦ୍ୟୁତ୍ ତାର ଟଣାଯିବା ପାଇଁ ଟାଟା ପାୱାର ବିଦ୍ୟୁତ୍ ବଣ୍ଟନ କମ୍ପାନୀ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ଖୁଣ୍ଟ ପୋତାଯିବା ପାଇଁ ମାଟିଖୋଳା ଯନ୍ତ୍ର ସମେତ ସିମେଣ୍ଟ ଗୋଡ଼ି ଗଦା ହୋଇଥିଲା। ହେଲେ ଖୁଣ୍ଟ ପକାଇବା ଓ ବିଦ୍ୟୁତ୍ ତାରଟଣାକୁ ଖେଲାର ବଜାରବାସୀ ବିରୋଧ କରିଥିଲେ। ଟାଟା ପାୱାର ଉଚ୍ଚ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ କାମ ହେବ ବୋଲି ସ୍ଥାନୀୟ ବାସିନ୍ଦା କହି କାମ ବନ୍ଦ ରଖିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବାରୁ ଠିକାଦାର ସମସ୍ତ ସାମଗ୍ରୀ ଧରି ପଳାଇଥିଲେ।

# କବିତା ସଙ୍କଳନ 'ଭାବ ନୈବେଦ୍ୟ' ଉନ୍ମୋଚିତ



ଅତିଥିମାନେ କବିତା ସଙ୍କଳନ 'ଭାବ ନୈବେଦ୍ୟ' ଉନ୍ମୋଚନ କରୁଛନ୍ତି ।

ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠ ସଭାଗୃହରେ ପ୍ରିୟପତ୍ର ପକ୍ଷରୁ ରବିବାର ରେଣୁକା ମିଶ୍ରଙ୍କ ରଚିତ କବିତା ସଙ୍କଳନ 'ଭାବ ନୈବେଦ୍ୟ'ର ଉନ୍ମୋଚନ ସହ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ସଭାପତିତ୍ୱ କରିଥିଲେ। ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ହେମନ୍ତ କୁମାର ଛୋଟରାୟ, ବିଜୟ କୁମାର ପଣ୍ଡା, ଶିବ ସୁନ୍ଦର ମିଶ୍ର, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରଘୁନାଥ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ଭାବ ନୈବେଦ୍ୟ'କୁ ଉନ୍ମୋଚନ କରିଥିଲେ। ପରେ ଉପସ୍ଥିତ କବିମାନେ ଉକ୍ତ ସଙ୍କଳନରୁ କବିତା ଆବୃତ୍ତି କରିଥିଲେ। ସୁଶ୍ରୀ କ୍ରିଷ୍ଟା ମହାପାତ୍ର, ଅନୁପମା ପଣ୍ଡା ଏବଂ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋରମ ଅଭାବରୁ ବସିପାରିଲାନି ବୈଠକ

ନିମାପଡ଼ା,୨୦।୪(ବିଚିତ୍ରାନନ୍ଦ ସାହୁ/ରଞ୍ଜନ କୁମାର ପଟ୍ଟନାୟକ)

ନିମାପଡ଼ା ଏନ୍‌ଏସିର ସ୍ୱତନ୍ତ୍ର କାଉନ୍‌ସିଲ ବୈଠକ ଶନିବାର ଅନୁଷ୍ଠିତ ହୋଇ ନ ପାରି ବନ୍ଦ ରହିଛି। ଏନ୍‌ଏସିର ବାର୍ଷିକ କାର୍ଯ୍ୟପନ୍ଥା, ଆୟବ୍ୟୟର ଅଟକଳ, ବଜେଟର ଆଲୋଚନା ନିମନ୍ତେ ଅଧ୍ୟକ୍ଷା ସସ୍ମିତା ସାହୁ ଏହି ବୈଠକ ଡାକିଥିଲେ। ବୈଠକ ସମ୍ପର୍କରେ ସମସ୍ତ କାଉନ୍‌ସିଲରଙ୍କୁ ଚିଠି କରି ଅବଗତ କରିଥିଲେ। ହେଲେ ବୈଠକରେ ଏନ୍‌ଏସିର ମୋଟ ୧୧ ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୨ନଂ. ୱାର୍ଡ କାଉନ୍‌ସିଲର ନିରଞ୍ଜନ ନାୟକ ଓ ୪ନଂ. ୱାର୍ଡ କାଉନ୍‌ସିଲର ଧନୁର୍ଦ୍ଧର ଦାସ ଯୋଗଦେଇଥିଲେ ଏବଂ ୧ନଂ, ୩ ନଂ, ୫ନଂ, ୬ନଂ, ୭ନଂ, ୮ନଂ, ୯ନଂ, ୧୦ ନଂ, ୧୧ ନଂ ୱାର୍ଡ ସମେତ ମୋଟରେ ୯ ଜଣ ବରିଷ୍ଠ କାଉନ୍‌ସିଲର ଅନୁପସ୍ଥିତ ଥିଲେ। ଏପରିକି ଏନ୍‌ଏସିର ଖୋଦ ଉପାଧ୍ୟକ୍ଷ ସନ୍ତୋଷ ଦାଶ ମଧ୍ୟ ବୈଠକରେ ଯୋଗଦେଇ ନ ଥିଲେ। ତେବେ ଉପାଧ୍ୟକ୍ଷ ଦାଶଙ୍କ ସମେତ ମୋଟରେ ୯ ଜଣ କାଉନ୍‌ସିଲର ଉକ୍ତ ବୈଠକକୁ ବର୍ଜନ କରିଥିବା ସ୍ପଷ୍ଟ ଜଣାପଡ଼ିଛି। ଏଥିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି ଉପସ୍ଥିତ ଥିଲେ। ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାସଙ୍କୁ ପଚାରିବାରେ, କୋରମ ଅଭାବରୁ ବୈଠକ ହୋଇ ନ ପାରି ବନ୍ଦ ରହିଲା ବୋଲି କହିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ସାହୁଙ୍କୁ ପଚାରିବାରେ କୋରମ ଅଭାବରୁ ବୈଠକ ହୋଇ ପାରି ନଥିବା କହିଥିଲେ। ଅଧ୍ୟକ୍ଷା କାଉନ୍‌ସିଲରଙ୍କ ସହ କୌଣସି ଆଲୋଚନା ନ କରି ମନମୁଖି ବୈଠକର ତାରିଖ ଧାର୍ଯ୍ୟ କରିବା, ବିଧି ମୁତାବକ ସାଧାରଣ ବୈଠକ ଡକା ନ ଯାଇ ସ୍ୱତନ୍ତ୍ର ବୈଠକ ଡକାଯିବା, ପରିଷଦର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ କାଉନ୍‌ସିଲରଙ୍କୁ ଅବଗତ ନ କରି ମନମୁଖି କାର୍ଯ୍ୟ କରାଯାଉଥିବା, କାର୍ଯ୍ୟକଳାପରେ ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନ୍‌ସିଲର କବିତା ପ୍ରଧାନ, ଅନସୂୟା ପାଣି, ନିବେଦିତା ପଟ୍ଟନାୟକ, ରାଜକିଶୋର ସାହୁଙ୍କ ସମେତ ବହୁ କାଉନ୍‌ସିଲର ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କ ମନମୁଖି କାର୍ଯ୍ୟକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ବୈଠକ ଡକା ନ ଯିବା, ଡକାଯାଇଥିବା ବୈଠକ କୋରମ ଅଭାବରୁ ବନ୍ଦ ହେବା ଫଳରେ ଏନ୍‌ଏସିର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କାଉନ୍‌ସିଲର ନିରଞ୍ଜନ ନାୟକ କହିଛନ୍ତି।

# ରାଜ୍ୟସ୍ତରୀୟ କୋଣାର୍କ କ୍ରିକେଟ୍ କପ୍: ସେମିରେ ପୁରୀ ମହାବୀର ସ୍ପୋର୍ଟିଂ

କୋଣାର୍କ,୨୦।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବକୁ ହରାଇ ପୁରୀ ମହାବୀର ସ୍ପୋର୍ଟିଂ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି।

ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ଦଳ ନିର୍ଦ୍ଧାରିତ ୧୮ ଓଭରରେ ୭ ଉଇକେଟ ହରାଇ ୧୪୭ ରନ୍ ସଂଗ୍ରହ କରିଥିଲେ। ମୁକ୍ତେଶ୍ୱର ଦଳର ଶ୍ରେୟାଂସୁ କୁମାର ପଟ୍ଟନାୟକ ସର୍ବାଧିକ ୬୯ ରନ୍ କରିଥିଲେ। ମହାବୀର ସ୍ପୋର୍ଟିଂର ପଦ୍ମଲୋଚନ ପଣ୍ଡା ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ମହାବୀର ସ୍ପୋର୍ଟିଂ ୭ ଉଇକେଟ ହରାଇ ୧୭.୧ ଓଭର ଖେଳି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଅଜୟ ମାଝୀ ସର୍ବାଧିକ ୩୮ ରନ୍, ଚନ୍ଦନ ଜେନା ୭ଟି ବଲ୍‌ରେ ଅପରାଜିତ ୨୫ ରନ୍ କରି ମୁକ୍ତେଶ୍ୱରଠାରୁ ମ୍ୟାଚ୍ ଛଡ଼ାଇ ନେଇଥିଲା। ଚନ୍ଦନ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ।

ଓସିଏ ପ୍ୟାନେଲ୍ ଅମ୍ପାୟାର ଅୟସ୍କାନ୍ତ ମିଶ୍ର, ସତ୍ୟବ୍ରତ ମହାପାତ୍ର ଉଦ୍‌ଘାଟନୀ ମ୍ୟାଚକୁ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତଥା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲାପରିଷଦ ସଦସ୍ୟା ପୁଷ୍ପରାଣୀ ସ୍ୱାଇଁ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶ ରାଉତରାୟ, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲ୍‌ୱେ ଓ ଭାରତ ଭୂଷଣ କ୍ରିକେଟ୍ ଏକାଡେମୀ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଏହି ସମାରୋହକୁ ସ୍ପୋର୍ଟସ ଏକାଡେମୀର କୋଷାଧ୍ୟକ୍ଷ ଶିଶିର କୁମାର ସେଠ, ସମ୍ପାଦକ ରମାକାନ୍ତ ଖଟୋଇ, ଉପସଭାପତି ରଶ୍ମିରଞ୍ଜନ ବିଶ୍ୱାଳ, ସ୍ୱାଧୀନ ନାୟକ, ରମେଶ ନାୟକ, ସୁଜିତ୍ ରାଉତରାୟ, ଗିରିଜା ଶଙ୍କର ବେହୁରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳାଇ, ପ୍ରଦୀପ୍ତ ସିହ୍ନା, ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ସ୍କୋର ବୋର୍ଡ ପରିଚାଳନା କରିଥିଲେ।


କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

## ସଂକ୍ଷେପରେ

### ବ୍ୟଙ୍ଗ କଳାକାର ଅଜୟଙ୍କ ପରଲୋକ

ଭୁବନେଶ୍ୱର, ୨୦।୪(ସୌମ୍ୟରଞ୍ଜନ ରାଉତ)

ବ୍ୟଙ୍ଗ କଳାକାର ଅଜୟ ନାୟକଙ୍କ ରବିବାର ରାତି ୧୦ଟାରେ ପରଲୋକ ହୋଇଛି। ସେ ବିଭିନ୍ନ ଟେଲିଭିଜନ ସଂସ୍ଥାରେ କାର୍ଯ୍ୟ କରିଥିବାବେଳେ ଲୋକପ୍ରିୟ କାର୍ଯ୍ୟକ୍ରମ 'ଦ ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ'ରେ ମଧ୍ୟ ଅଭିନୟ କରୁଥିଲେ। ସନ୍ଧ୍ୟାରେ ସେ ତାଙ୍କ ଘର ପାଖ ବଜାରରୁ ଜିନିଷପତ୍ର କିଣି ଘରକୁ ଫେରୁଥିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ଅଜୟ ନାୟକ

### ଓଡ଼ିଆ ସିନେମା 'ରାକେଟ'ର ଟ୍ରେଲର ରିଲିଜ୍

ଭୁବନେଶ୍ୱର, ୨୦।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସିନେମା 'ରାକେଟ' ଆସନ୍ତା ୨୫ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଭୁବନେଶ୍ୱର ପ୍ରେସକ୍ଲବ୍‌ଠାରେ ରବିବାର ଏହାର ଟ୍ରେଲର ରିଲିଜ ହୋଇଛି। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡ୍‌ର ବହୁ ଖ୍ୟାତନାମା ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଶ୍ରୀ ମୋଶନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ଅଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। କାହାଣୀ ରଚନା କରିଛନ୍ତି ହେମନ୍ତ ପାତ୍ର। ସଂଳାପରେ ଅଛନ୍ତି ବିଜୟ ମଲ୍ଲ। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ମ୍ୟୁଜିକ ସାଇଣ୍ଟିଷ୍ଟ ପ୍ରେମ ଆନନ୍ଦ। ଓଡ଼ିଶାର ଆଗଧାଡ଼ିର କଣ୍ଠଶିଳ୍ପୀ ଏଥିରେ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଞ୍ଜୀ, ସ୍ମୃତି ରଞ୍ଜନ ମହାନ୍ତି (ନଟିଆ ), ଧର୍ମାନନ୍ଦ ମହାକୁଡ଼ ଏବଂ ଶିଶୁ କଳାକାର ଶୀତୁଲ ଓ ବବୁଲ ନଜର ଆସିବେ। ସାମ୍ପ୍ରତିକ ସମୟକୁ ଆଖିରେ ରଖି କାହାଣୀ ରଚନା କରାଯାଇଛି। ଏଥିରେ ସସ୍‌ପେନ୍ସ ଓ ଇମୋଶନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକାଶ ଫିଲ୍ମସ ଏହାର ବିତରଣ ଦାୟିତ୍ୱ ନେଇଥିବାବେଳେ କ୍ରିଏଟିଭ ହେଡ୍ ଅଛନ୍ତି ସମ୍ମିତ ଜେନା।

### ୩୧ତମ ବାର୍ଷିକ ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା, ୨୦।୪(ନୀଳମାଧବ ସାହୁ)

ସୁନ୍ଦରାପାଟଣା–ରୁଦ୍ରପୁରର ଗେହ୍ଲା ଦେବୀ ପାଲା ଅନୁଷ୍ଠାନ ପକ୍ଷରୁ ମା' ଗେହ୍ଲା ଦେବୀଙ୍କ ବିଜେସ୍ଥଳୀ ସମ୍ମୁଖ ମଣ୍ଡପରେ ୫ ଦିନ ଧରି ଚାଲିଥିବା ୩୧ତମ ବାର୍ଷିକ ବାଦି ପାଲା ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୁରୀ ପାରିକୁଦର ଗାୟକ ଗୋପାଳ କୃଷ୍ଣ ଜେନା ଓ ଭଦ୍ରକ ନୂଆପଡ଼ାର ଗାୟକ କଳାକର ନାୟକ ପ୍ରମୁଖ ଯୋଗଦେଇ ବାଦିପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ଓ ସାମାଜିକ କର୍ମୀ ଅକ୍ଷୟ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୫ଟି ପାଲା ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ବିଧାୟକ ରାଉତ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ଦେବେନ୍ଦ୍ର ଖୁଣ୍ଟିଆ ଓ ସମ୍ପାଦକ ଦେବେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ରେଳପଥ ଘରୋଇକରଣ ବନ୍ଦ ଦାବିକଲା ସିଟୁ

ଭୁବନେଶ୍ୱର, ୨୦।୪(ବନ୍ଦନା ସେଠୀ)

ରେଳପଥକୁ ସମ୍ପୂର୍ଣ୍ଣ ଦେଶୀ ବିଦେଶୀ ପୁଞ୍ଜିପତିଙ୍କ ହାତରେ ବିକ୍ରି କରିଦେବାକୁ କେନ୍ଦ୍ର ସରକାର ଚକ୍ରାନ୍ତ କରୁଛନ୍ତି ବୋଲି ସିଆଇଟିୟୁ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ସଂଗଠନର ଆହ୍ୱାନକ୍ରମେ ରବିବାର ଭୁବନେଶ୍ୱର ରେଳଷ୍ଟେଶନ ମୁଖ୍ୟଦ୍ୱାରରେ ପ୍ରତିବାଦ ସଭା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଦେଶରେ ରେଳ ଘରୋଇକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଟିକେଟ ବିକ୍ରିରେ ଜାଲିଆତି ବନ୍ଦ, ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ବର୍ଦ୍ଧିତ ରେଳଭଡ଼ା କମ୍ କରିବା, ବରିଷ୍ଠ ନାଗରିକଙ୍କୁ ପୂର୍ବଭଳି ରେଳଯାତ୍ରାରେ ସୁବିଧା ସୁଯୋଗ ପ୍ରଦାନ, ରେଳ ପରିବହନକୁ ତ୍ରୁଟିଶୂନ୍ୟ କରି ନିରାପତ୍ତାକୁ ସୁଦୃଢ଼ କରିବା ଆଦି କରାଯାଇଛି। ସିଟୁର ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ କହିଛନ୍ତି, ପୁରୁଣା ଲାଇନର ନିରାପତ୍ତାକୁ ଦୃଷ୍ଟି ନ ଦେଇ ବହୁସଂଖ୍ୟାରେ ରେଳଗାଡ଼ି ଚାଲିବାରୁ ରେଳଯାତ୍ରା ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇଯାଇଛି।



ଭୁବନେଶ୍ୱର ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ।

ଟିକେଟ ବିକ୍ରି, କ୍ୟାଟରିଂ ସେବା, ସଫାଇ ଓ କୋଚ୍ ସହାୟକ, ନିରାପତ୍ତା ରକ୍ଷା ଇତ୍ୟାଦି କାର୍ଯ୍ୟ ସମେତ ଏକତୃତୀୟାଂଶ କାର୍ଯ୍ୟକୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯାଇଛି। ମନିଟାଇଜିଂ ପାଇପ୍‌ଲାଇନ ନାମରେ ରେଳପଥର ବଳକା ଭୂସମ୍ପତ୍ତିକୁ ହୋଟେଲ ମାଲିକ, ବିଲ୍‌ଡର ଓ ଅନ୍ୟ ବ୍ୟବସାୟିକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିକ୍ରି କରିଦେବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଏହି ଅବସରରେ ସେ ରେଳପଥର ଧନଶାଳୀ ରାଷ୍ଟ୍ରୀୟ ଉଦ୍ୟୋଗକୁ ପୁଞ୍ଜିପତିଙ୍କ କବଳରୁ ବଞ୍ଚାଇ ରଖିବା ନିମନ୍ତେ ମେ' ୨୦ ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ ଦେଇଥିଲେ। ଉପସଭାପତି ସତ୍ୟାନନ୍ଦ ବେହେରା ଓ ଭୁବନେଶ୍ୱର ନେତା ଏକାଦଶୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରମିକନେତା ପବିତ୍ର କୁମାର ପ୍ରଧାନ ପରିଚାଳନା କରିଥିଲେ।

## ଭଦ୍ରକରେ ଗଣ୍ଡି, ଭୁବନେଶ୍ୱର ରେଳ ଷ୍ଟେଶନରେ ମୁଣ୍ଡ

ଭୁବନେଶ୍ୱର, ୨୦।୪(ସତ୍ୟଜିତ ରାଉତ)

ଭୁବନେଶ୍ୱର ରେଳ ଷ୍ଟେଶନ ୬ନମ୍ବର ପ୍ଲାଟଫର୍ମରୁ ସରକାରୀ ରେଲ୍‌ୱେ ପୋଲିସ(ଜିଆର୍‌ପି) ସୋମବାର ରାତିରେ ଏକ କଟାମୁଣ୍ଡ ଜବତ କରିଛି। ଷ୍ଟେଶନର ୬ନଂ ପ୍ଲାଟଫର୍ମରେ ପହଞ୍ଚିଥିବା ଜନଶତାବ୍ଦୀ ଟ୍ରେନ (୧୨୦୭୩) ଇଞ୍ଜିନରେ ଏହି କଟାମୁଣ୍ଡ ଲାଗିଥିବା ରେଳ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ରାତି ପ୍ରାୟ ୧୦ଟା ୩୦ ବେଳେ ଜିଆର୍‌ପି ଟିମ୍ କଟାମୁଣ୍ଡକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଷ୍ଟେଶନମାଷ୍ଟର ଅମରେଶ କୁମାର ସାମଲ ଏତଲା ଦେବାପରେ ଭୁବନେଶ୍ୱର ଜିଆର୍‌ପି ଥାନା ଏସମ୍ପର୍କରେ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୨୦୨୫) ରୁଜୁ କରି ତଦନ୍ତ କରୁଛି।

ପ୍ରାଥମିକ ତଦନ୍ତରୁ ଉକ୍ତ କଟାମୁଣ୍ଡଟି ଭଦ୍ରକ ବନ୍ତ ବ୍ଲକ ବାଲୋ ଗ୍ରାମର ରାମକୃଷ୍ଣ ପଣ୍ଡା(୩୫)ଙ୍କ ବୋଲି ଜଣାପଡ଼ିଛି। ରାମକୃଷ୍ଣ ରାଗିଯାଇ କପାଳିରୋଡ୍ ଷ୍ଟେଶନ ନିକଟରେ ହାଓଡ଼ାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଜନଶତାବ୍ଦୀ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଭଦ୍ରକ ଜିଆର୍‌ପିକୁ ସୂଚନା ଦେଇଛନ୍ତି। ମୁଖ୍ୟକଥା ହେଲା ରାମକୃଷ୍ଣଙ୍କ ଗଣ୍ଡିଟି କପାଳିରୋଡ୍ ଷ୍ଟେଶନ ନିକଟରେ ପଡ଼ିଥିବାବେଳେ ମୁଣ୍ଡଟି ଟ୍ରେନ୍ ଇଞ୍ଜିନରେ ଲାଗିରହି ଭୁବନେଶ୍ୱର ଚାଲି ଆସିଥିଲା। ଭଦ୍ରକ ଜିଆର୍‌ପି ଗଣ୍ଡି ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ କରି ଘଟଣାର ତଦନ୍ତ କରୁଛି। ସୋମବାର ରାମକୃଷ୍ଣଙ୍କ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚି କଟାମୁଣ୍ଡ ନେବେ ବୋଲି ଜଣାପଡ଼ିଛି।

# ଯୁବମଞ୍ଚ ଅଧକ୍ଷା ଭାବେ ଶପଥ ନେଲେ ଗୀତାଞ୍ଜଳି



ବୈଠକରେ ଅଧକ୍ଷା ଭାବେ ଗୀତାଞ୍ଜଳି କେଜରିୱାଲ ଶପଥ ନେଉଛନ୍ତି।

ଭୁବନେଶ୍ୱର, ୨୦।୪ (ସୌମ୍ୟରଞ୍ଜନ ରାଉତ)

### ମାରୱାଡ଼ି ଯୁବମଞ୍ଚ ଭୁବନେଶ୍ୱର ଶାଖାର ସାଧାରଣ ବୈଠକ

ମାରୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱର ଶାଖାର ବାର୍ଷିକ ସାଧାରଣ ବୈଠକ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଲା ଫିଏଷ୍ଟା କନ୍‌ଭେନଶନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବ ମଞ୍ଚ ଅଧକ୍ଷ ଅଜୟ ଶର୍ମା, ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ତଥା ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀଙ୍କ ସମେତ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବ ମଞ୍ଚର ଉପାଧକ୍ଷ ଅରୁଣ ଅଗ୍ରଓ୍ୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦୨୫–୨୬ ବର୍ଷ ଲାଗି ଯୁବ ସମାଜସେବୀ ଗୀତାଞ୍ଜଳି କେଜରିୱାଲ ଯୁବମଞ୍ଚର ୨୬ତମ ଅଧକ୍ଷା ଓ ଜଗମୋହନ ପେରିୱାଲ ନୂଆ ସମ୍ପାଦକ ଭାବେ ଶପଥ ନେଇଥିଲେ। ଅଖିଳ ଭାରତୀୟ ମାରୁଆଡ଼ି ଯୁବମଞ୍ଚ ଉପସଭାପତି ଅକ୍ଷୟ ଖଣ୍ଡେଲୱାଲ ଗୀତାଞ୍ଜଳି ଏବଂ ପେରିୱାଲଙ୍କ ଶପଥପାଠ କରାଇଥିଲେ। ଗୀତାଞ୍ଜଳି କହିଲେ, ଭୁବନେଶ୍ୱରରେ ଗୋ–ସେବାକୁ ମାରୱାଡ଼ି ଯୁବମଞ୍ଚ ପ୍ରାଥମିକତା ଦେଇଆସୁଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ସେହିଭଳି ସେମାନଙ୍କ ବେକରେ ରେଡିଏଶନ ଲାଇଟଯୁକ୍ତ ପଟି ବନ୍ଧାଯିବାର ବ୍ୟବସ୍ଥା ଦ୍ୱାରା ସଡ଼କ ଦୁର୍ଘଟଣାରୁ ସେମାନଙ୍କୁ ରକ୍ଷା କରିହେବ। ଅମୃତ ଧାରା ଯୋଜନାରେ ଗରିବଙ୍କ ଲାଗି ପାନୀୟ ଜଳର ବ୍ୟବସ୍ଥା ସହ ଗରମ ଦିନରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବ। କିଛି ସ୍ଥାନରେ ଥଣ୍ଡା ପାନୀୟ ଜଳ ଲାଗି ଫ୍ରିଜରଯୁକ୍ତ ଆକ୍ୱାଗାର୍ଡ ମଧ୍ୟ ଲଗାଇବାକୁ ଲକ୍ଷ୍ୟ ରହିଛି। ସତ୍ୟନଗର ଶ୍ମଶାନରେ ଶବଦାହ ଲାଗି ଗରିବ ଲୋକଙ୍କୁ ମାଗଣାରେ କାଠ ଯୋଗାଇ ଦିଆଯିବ ବୋଲି ଗୀତାଞ୍ଜଳି କହିଛନ୍ତି। ବୈଠକକୁ ହରିଶ ଅଗ୍ରୱାଲ, ରାଜେଶ କେଜ୍ରିୱାଲ, ମିନେଶ ଖଣ୍ଡେଲୱାଲ, ସଞ୍ଜୟ ଅଗ୍ରୱାଲ, ବିନିତ ଅଗ୍ରୱାଲ ପରିଚାଳନା କରିଥିଲେ।

## ତିନିମହଲାରୁ ପଡ଼ି ମିସ୍ତ୍ରିଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୦।୪(ସୂର୍ଯ୍ୟକାନ୍ତ ବେହେରା)

ଆଜ୍‌ବେଷ୍ଟସ ପକାଇବାବେଳେ ୩ ମହଲା ଉପରୁ ପଡ଼ି ଜଣେ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର ନନ୍ଦନବିହାର ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ମୃତ ମିସ୍ତ୍ରି ହେଲେ ନନ୍ଦନବିହାର ଅଞ୍ଚଳରେ ରହୁଥିବା ବିରଞ୍ଚି ନାରାୟଣ ସିଂ। ଖବର ପାଇ ଇନ୍‌ଫୋସିଟି ପୋଲିସ ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହାସହ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନବୀନ ମିଶ୍ର ସେସ୍‌କୋ ଇଞ୍ଜିନିୟର୍ସ ସେବାସଂଘ ସଭାପତି




ଭୁବନେଶ୍ୱର, ୨୦।୪ (ସୌମ୍ୟରଞ୍ଜନ ରାଉତ)

ସେସ୍‌କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନର ବାର୍ଷିକ ସାଧାରଣ ପରିଷଦ ବୈଠକ ଟଙ୍କପାଣି ରୋଡ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିପିସିଓଡିଏଲ୍‌ର ସମସ୍ତ ଇଞ୍ଜିନିୟର ଯୋଗଦେଇଥିଲେ। ଏହି ଅବସରରେ ଆସୋସିଏଶନର ନୂଆ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଚୟନ କରାଯାଇଥିଲା। ନବୀନ କୁମାର ମିଶ୍ର ପୁଣି ସଭାପତି ହୋଇଥିଲା ବେଳେ ବାସୁଦେବ ପଣ୍ଡା ସାଧାରଣ ସମ୍ପାଦକ, ଚନ୍ଦ୍ରଭାନୁ ମହାନ୍ତି ଓ ଗୁପ୍ତ ପ୍ରସାଦ ନାୟକ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ତନ୍ମୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୨୦।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସାହିତ୍ୟ ଏକାଡେମୀ ଓ ଗୋପିନାଥ ପାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ୩୪ତମ ଗୋପିନାଥ ମହାନ୍ତି ସ୍ମାରକୀ ବକ୍ତୃତା ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମାଲାୟଲମ୍ ଗ୍ରନ୍ଥକାର ପଲ୍ ଜାଖାରିଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କେରଳରେ କିପରି ଆଧୁନିକ ଚିନ୍ତା ଓ ଚେତନାର ବିକାଶ ଘଟିଥିଲା ଏବଂ ନୂଆ ଜ୍ଞାନ ପରମ୍ପରା ସୃଷ୍ଟି ହୋଇଥିଲା ସେଇେ ମତ ରଖିଥିଲେ। ସଭାମୁଖ୍ୟ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡା. ବିଜୟ କେତନ ଉପାଧ୍ୟାୟ, ଅତିଥି ଭାବେ ଗୋପିନାଥ ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ଓଁକାର ନାଥ ମହାନ୍ତି, ଓଡ଼ିଆ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇଥିଲେ। ଅମୃତ ମହାନ୍ତି ସଭା ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ମାଲାୟଲମ୍ ଗ୍ରନ୍ଥକାର ପଲ୍ ଜାଖାରିଆଙ୍କ ସହ ଅନ୍ୟ ଅତିଥିମାନେ।

# ଓପିଟିସିଏଲ ଶ୍ରମିକ କର୍ମଚାରୀ ସଂଘର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୨୦।୪ (ସୌମ୍ୟରଞ୍ଜନ ରାଉତ)

ଓପିଟିସିଏଲ ଶ୍ରମିକ କର୍ମଚାରୀ ସଂଘର ୭ମ ସମାବର୍ତ୍ତନ ଉତ୍ସବ ରବିବାର ଓଡ଼ିଶା ପ୍ରେସ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଶ୍ରମିକ ନେତା ତଥା ସଂଘର ଜାତୀୟ ଉପସଭାପତି ଓ ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜଗନ୍ନାଥ ପ୍ରଧାନ, ସଂଘ ଉପଦେଷ୍ଟା ପବିତ୍ର ମୋହନ ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦ ବିରେନ୍ଦ୍ର ପ୍ରତାପ ରାୟ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟ ଅତିଥି ଡ. ଖୁଣ୍ଟିଆ କହିଲେ, ସମସ୍ତ ବର୍ଗର ଶ୍ରମିକମାନେ ଏକହୋଇ ରହିବା ସହିତ ସଂଘର ଆର୍ଥିକ ପରିସ୍ଥିତି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜଗନ୍ନାଥ ପ୍ରଧାନ କର୍ମଚାରୀଙ୍କ ସମସ୍ୟା ସମାଧାନ ଲାଗି ଖୁବ୍‌ଶୀଘ୍ର ମନ୍ତ୍ରୀଙ୍କ ସହ ବସି ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସଭାପତି ମନମୋହନ ସାମଲ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂଘକୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ବାର୍ତ୍ତା ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବୀରେନ ପ୍ରତାପ ରାୟ ବାର୍ଷିକ ବିବରଣୀ ପାଠ କରିବା ସହିତ ଓପିଟିସିଏଲ ୩୩ଶହ ଗ୍ରେଡ୍ ପେ ଉଚ୍ଛେଦ, ସୁପରଭାଇଜରଙ୍କୁ ଇନ୍‌କ୍ରିମେଣ୍ଟ ପ୍ରଦାନ, ୨୦୧୩ ବ୍ୟାଚ ଆଇଟିଆଇ କର୍ମଚାରୀଙ୍କୁ ତୁରନ୍ତ ପଦୋନ୍ନତି, କ୍ୟାଡର ପୁନଃଗଠନ ଆଦି ଦାବି କରିଥିଲେ। ଏହି ଅବସରରେ ୨୦୨୫–୨୬ ପାଇଁ ସଭାପତି ଭାବେ ନାରାୟଣ ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ଭାବେ ନଳୀନକାନ୍ତ ଜେନା, ସାଧାରଣ ସମ୍ପାଦକ ଭାବେ ବୀରେନ୍ଦ୍ର ପ୍ରତାପ ରାୟ, କୋଷାଧକ୍ଷ ଭାବେ ନିତ୍ୟାନନ୍ଦ ବେହେରା. ମୁଖ୍ୟ ଉପଦେଷ୍ଟା ଭାବେ ଅକ୍ଷୟ କୁମାର ତ୍ରିପାଠୀ ଓ ଉପଦେଷ୍ଟା ଭାବେ ପବିତ୍ର ମୋହନ ମହାପାତ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ପ୍ରୀତିଶ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଲେଖିକା ସଂସଦ ସାରସ୍ୱତ ସାଧିକାଙ୍କ ମୁଖପତ୍ର

ଭୁବନେଶ୍ୱର, ୨୦।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଲେଖିକା ସଂସଦର ୩୨ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦ୍‌ଘାଟନ କରି ଓଡ଼ିଶା ଲେଖିକା ସଂସଦ ରାଜ୍ୟର ଅସଂଖ୍ୟ ସାରସ୍ୱତ ସାଧିକାଙ୍କ ମୁଖପତ୍ର ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶା ଲେଖିକାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ବକ୍ତା ଭାବେ କବି ଓ ଲେଖିକା ସଂଯୁକ୍ତା ନାୟକ କହିଲେ, ସାହିତ୍ୟ ସାଧନା କ୍ଷେତ୍ରରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ନିଜ ଲେଖନୀ ମାଧ୍ୟମରେ ସମୃଦ୍ଧ କରୁଥିବା ମହିଳାମାନେ ହେଉଛନ୍ତି ନାରୀବାଦର ପ୍ରଚଣ୍ଡ ଶକ୍ତି। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ.ଚନ୍ଦ୍ରଶେଖର ହୋତା ଓଡ଼ିଶା ଲେଖିକା ସଂସଦର ପ୍ରତିଷ୍ଠା କ୍ଷେତ୍ରରେ ଦିବଂଗତା ଗାଳ୍ପିକା ବୀଣାପାଣି ମହାନ୍ତିଙ୍କୁ ଏହାର ଶ୍ରେୟ ପ୍ରଦାନ କରିଥିଲେ। ଏହି ଅବସରରେ



ସମାରୋହରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ।

### ୩୨ତମ ବାର୍ଷିକ ଉତ୍ସବ, ସାହିତ୍ୟ ସମାରୋହ

### ପୁସ୍ତକ ଉନ୍ମୋଚନ, ସମ୍ମାନିତ ହେଲେ ୨୬ ଲେଖିକା

ଓଡ଼ିଶା ଲେଖିକା ସଂସଦର ମୁଖପତ୍ର 'ସ୍ମରଣିକା' ଉନ୍ମୋଚନ କରାଯାଇଥିଲା। ଏଥିସହ ଲେଖିକା ଶରତ କୁମାରୀ ମିଶ୍ରଙ୍କ 'ନୀଳେନ୍ଦ୍ରୀର ଅଶ୍ରୁ', 'ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜା', 'ସୁଲେଖା' ଏବଂ ଅନୁଷ୍ଠାନର ସମ୍ପାଦକ ସଦାଶିବ ମିଶ୍ରଙ୍କ 'ପୁରୀର ସାଂସ୍କୃତିକ ଇତିହାସ' ପୁସ୍ତକ ଲୋକାର୍ପିତ ହୋଇଥିଲା। ପରେ ରାଜ୍ୟର ୨୬ଜଣ ଲେଖିକାଙ୍କୁ ୨୦୨୪–୨୫ ପାଇଁ ଓଡ଼ିଶା ଲେଖିକା ସଂସଦ ସମ୍ମାନ, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସମ୍ମାନ, ପଦ୍ମଶ୍ରୀ ବୀଣାପାଣି ମହାନ୍ତି ସ୍ମୃତି ସମ୍ମାନ, ମନସ୍ୱିନୀ ଅନୁବାଦ ସମ୍ମାନ, ସୁଧାଂଶୁବାଳା ପଣ୍ଡା ସ୍ମୃତି ସମ୍ମାନ, ଜଷ୍ଟିସ ଡି.ଏମ୍. ପଟ୍ଟନାୟକ ସ୍ମୃତି ସମ୍ମାନ, ଡ. କୁଞ୍ଜବିହାରୀ ତ୍ରିପାଠୀ ସ୍ମୃତି ସମ୍ମାନ, ଡା. ରାଧାଦେବୀ ସ୍ମୃତି ସମ୍ମାନ, ପ୍ରଫୁଲ୍ଲ କୁମାରୀ ଜେମା ସ୍ମୃତି ସମ୍ମାନ ଆଦି ବିଭିନ୍ନ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂସଦର ଯୁଗ୍ମ ସମ୍ପାଦିକା କାନନବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ସିପିଆଇର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ରବିବାର ପରଲୋକ ଗମନ କରିଥିବା ସିପିଆଇର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକଙ୍କ ଶେଷ ଦର୍ଶନ ପାଇଁ ନେତା ଓ ଜନତାଙ୍କ ଭିଡ଼।

### ଶିଖରଚଣ୍ଡୀ ପାହାଡ଼ରୁ ମିଳିଥିବା ମୃତ ଯୁବକଙ୍କ ପରିଚୟ ଜଣାପଡ଼ିଲା

ଭୁବନେଶ୍ୱର, ୨୦।୪(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ପାହାଡ଼ର ଜଙ୍ଗଲ ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିବା ଜଣେ ଯୁବକଙ୍କ ଗଳିତ ମୃତଦେହର ପରିଚୟ ମିଳିଛି। ସେ ହେଲେ ନୟାଗଡ଼ ଗୋଡ଼ିପଡ଼ାର ଚିନ୍ତାମଣି ଦାସ। ଚିନ୍ତାମଣି ପରିବାର ଲୋକଙ୍କ ସହ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବାବେଳେ ଗତ ୧୫ରୁ ଅଧିକ ଦିନ ହେବ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ଚିନ୍ତାମଣିଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

# ଖାଦ୍ୟାଭାବ ଦୂର କରିବ ରୁଫ୍‌ଟପ୍ ଗାର୍ଡେନିଂ

ଭୁବନେଶ୍ୱର, ୨୦।୪ (ସୁଚିସ୍ମିତା ସାହୁ)

### କୃଷି ମହାବିଦ୍ୟାଳୟରେ ଦୁଇଦିନିଆ ଆଲୋଚନାଚକ୍ର

ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ରୋଟାରି କ୍ଲବ ଭୁବନେଶ୍ୱର ହେରିଟେଜ୍ ପକ୍ଷରୁ 'ସହରୀ ଜୀବନ ଓ ମାଇକ୍ରୋ କ୍ଲାଇମେଟ୍‌ର ଉନ୍ନତି ପାଇଁ ରୁଫ୍‌ଟପ୍ ଗାର୍ଡେନିଂ ଏବଂ ଉଦ୍ୟାନ କୃଷି' ଉପରେ ଏକ ଦୁଇଦିନିଆ ଆଲୋଚନାଚକ୍ର ରବିବାର କୃଷି ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ସହରରେ ଶୀତଳତା ବୃଦ୍ଧି ସହିତ ନିଜ ଘରେ ମନପସନ୍ଦର ପନିପରିବା ଓ ଫଳ କିପରି ମିଳିପାରିବ ସେନେଇ ପଦକ୍ଷେପ ନେବାକୁ କହିଥିଲେ। ରୁଫ୍‌ଟପ୍ ଗାର୍ଡେନିଂ ଆମ ଦୈନନ୍ଦିନ ଜୀବନର ଖାଦ୍ୟାଭାବକୁ ଦୂର କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ରୋଟାରି ଜିଲା ଗଭର୍ନର ଯଜ୍ଞଶିଷ୍ଟ ମହାପାତ୍ର ଯୋଗଦେଇ ସବୁଜ ସହର ଗଠନରେ ଏହା ଉପଯୁକ୍ତ ପ୍ରୟାସ ବୋଲି କହିଥିଲେ। କୃଷି ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ହୃଷୀକେଶ ପାତ୍ର ଅତିଥି ଭାବେ ଯୋଗଦେଇ ରୁଫ୍‌ଟପ୍ ଗାର୍ଡେନିଂର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ରୋଟାରିଆନ ସିଏ ରାଜେନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଓ କ୍ଲବ ଅଧକ୍ଷ ରୋଟାରିଆନ ବିଚିତ୍ରାନନ୍ଦ ପ୍ରସଙ୍ଗ ଉପରେ ମତ ରଖିଥିଲେ। ଚକ୍ରଧର ପାତ୍ର ସଭା ପରିଚାଳନା, ଦୁର୍ଗାପ୍ରସାଦ ମହାରଣା ଏବଂ ଅଜିତ ସାହୁ ରିପୋର୍ଟିଂ କରିଥିଲେ। ରୋଟାରିଆନ ପି. ଶ୍ରୀନିବାସ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ପଞ୍ଚମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ଚିନ୍ତାମଣି ଦାଶଶର୍ମାଙ୍କ ତତ୍ତ୍ୱାବଧାନରେ ମନମୋହନ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ପାଣିଗ୍ରାହୀ କର୍ତ୍ତା, କର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, କଳସ ଯାତ୍ରା, ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ଗୋ ପୂଜା, ଶାଳା ପୂଜା, ଶିବଙ୍କ ଷୋଡ଼ଶ ଉପଚାର ପୂଜା ସହ ଆହୁତି, ସର୍ବ ଦେବଦେବୀ ପୂଜା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ରାଜ୍ୟରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାଯିବ: ମନ୍ତ୍ରୀ ହରିଚନ୍ଦନ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟିଏଲ୍‌ସି ରୋଡ୍‌ର ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଲିଃ ଦ୍ୱାରା ନବନିର୍ମିତ ଖୋର୍ଦ୍ଧା ଜିଲା ଅବକାରୀ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୩ କୋଟି ୬୫ ଲକ୍ଷ ବ୍ୟୟରେ ୩ ମହଲା ବିଶିଷ୍ଟ ଏହି କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ହରିଚନ୍ଦନ କହିଥିଲେ, ରାଜ୍ୟରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଅବକାରୀ ବିଭାଗକୁ ଅଧିକ ସଶକ୍ତ ଓ କ୍ରିୟାଶୀଳ କରାଯିବ। ସେମାନଙ୍କ ଦକ୍ଷତା ବିକାଶ, ଉତ୍ତମ ପ୍ରଶିକ୍ଷଣ ସହ ଖୁବ୍‌ଶୀଘ୍ର ଅବକାରୀ ପୋଲିସ ଆର୍ମସ (ଅସ୍ତ୍ରଶସ୍ତ୍ର) ମଧ୍ୟ ଯୋଗାଇ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ଅବକାରୀ କର୍ମଚାରୀ ଆର୍ମସ ଅସ୍ତ୍ର ଦ୍ୱାରା ଚୋରା ବେପାରୀଙ୍କୁ ମୁକାବିଲା ସହାୟକ ହେବ। ରାଜସ୍ୱ ସହ ଏନ୍‌ଫୋର୍ସମେଣ୍ଟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କୁ ବଡି କ୍ୟାମେରା ଯୋଗାଇ ଦିଆଯିବ। ଏହାଦ୍ୱାରା ଏନ୍‌ଫୋର୍ସମେଣ୍ଟ ସମୟରେ ଡକ୍ୟୁମେଣ୍ଟ ଅଫ୍ ଏଭିଡେନ୍ସ ସଂଗ୍ରହରେ କୌଣସି ସମସ୍ୟା ରହିବ ନାହିଁ। ଅବକାରୀ ବିଭାଗ ଚୋରା ବେପାରୀଙ୍କୁ ପ୍ରତିହତ କରିବା ସହ ସମାଜରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନିଶା ସମାଜରେ କଳୁଷିତ ବାତାବରଣ ସୃଷ୍ଟି କରୁଛି। ନିଶା ପରିବାର ଓ ସମାଜକୁ ନଷ୍ଟ କରୁଛି। ତେଣୁ ନିଶାଠାରୁ ଦୂରେଇ ରହିବାକୁ ଆଇନ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ୟ ଅବକାରୀ ବିଭାଗ ଶାସନ ସଚିବ ଗୁହା ପୁନମ ତାପସ କୁମାର, ଜିଲାପାଳ ଚଞ୍ଚଳ ରାଣା, ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଧର୍ମେନ୍ଦ୍ର ମଲ୍ଲିକ, ଖୋର୍ଦ୍ଧା ଅବକାରୀ ଆରକ୍ଷୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ଭୁବନେଶ୍ୱର ଆରକ୍ଷୀ ଅଧୀକ୍ଷକ ଦେବାଶିଷ ପଟେଲ, କଟକ ଆରକ୍ଷୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ, ଯୁଗ୍ମ ଆୟୁକ୍ତ ରାଜେନ୍ଦ୍ର ଭୋତ୍ରା, ଅଶୋକ କୁମାର ଗଡ଼ତିଆ, ଉମ୍ବରୁଧର ଖଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂହ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ଦେବବ୍ରତ କର, ଶ୍ରୀତପା ମିଶ୍ର, ଅନନ୍ୟା ସୃଷ୍ଟି ଶତପଥୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲା ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ



ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ୨ ବାଇକ୍ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଜଣେ ବାଇକ୍ ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସନ୍ତୋଷ କୁମାର ସାହୁ ଓରଫ ଓବରାଇ(୩୬)। ତାଙ୍କ ନିକଟରୁ ଦୁଇଟି ବାଇକ୍, ଦୁଇଟି ମୋବାଇଲ ଫୋନ ଏବଂ ୨୨୪୦ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ଗତ ୧୮ତାରିଖରେ ଟାଙ୍ଗିଆପଡ଼ାସ୍ଥିତ ଏକ ଘରୋଇ କଲେଜ ନିକଟରୁ ଟାଙ୍ଗିଆପଡ଼ାର ସ୍ୱାଧୀନ ରଣାଙ୍କ ଗାଡିକୁ ଉପରୋକ୍ତ ଅଭିଯୁକ୍ତ କୌଶଳକ୍ରମେ ନେଇ ଫେରାର ହୋଇଯାଇଥିଲେ। ଉକ୍ତ ଗାଡି ଡିକିରେ ସ୍ୱାଧୀନଙ୍କ ମୋବାଇଲ ଫୋନ ସହ ୫ହଜାର ୬ଶହ ଟଙ୍କା ରହିଥିଲା। ଏନେଇ ସ୍ୱାଧୀନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତ ଓବରାଇଙ୍କୁ ଗିରଫ କରିଥିଲା। ତେବେ ଓବରାଇଙ୍କ ନାମରେ ଆଦର୍ଶ ଥାନାରେ ୬ଟି ଏବଂ ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା ରହିଥିବା ପୋଲିସ କହିଛି।

### ପୂର୍ବତନ ପୌର କର୍ମଚାରୀ ସୁବାସଙ୍କ ପରଲୋକ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦର ପୂର୍ବତନ କର୍ମଚାରୀ ସୁବାସ ଚନ୍ଦ୍ର ଦୋରାଙ୍କ ରବିବାର ଭୋରୁ ସ୍ଥାନୀୟ ଶ୍ରୀରାମନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ଶାରୀରିକ ଅସୁସ୍ଥତା ପାଇଁ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ତାଙ୍କର ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ଶ୍ୟାମାଳି ଦୋରା, ବଡ଼ ଝିଅ ପୂଜାରାଣୀ, ସାନ ଝିଅ ରୋଜାଲିନ, ଭଉଣୀ ମୀନାରାଣୀଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ତାଙ୍କ ଜନ୍ମସ୍ଥାନ ଶରଧାପୁରକୁ ମୃତଦେହ ନିଆଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତୁରା ଆଶୁତୋଷ ମୁଖାଗ୍ନି ଦେଇଛନ୍ତି। ମୃତ ସୁବାସଙ୍କ ସାନଭାଇ ନିରଞ୍ଜନ ଏକ ଦୈନିକ ଖବରକାଗଜରେ ଜିଲା ପ୍ରତିନିଧିଭାବେ କାର୍ଯ୍ୟରତ ଅଛନ୍ତି।

### ଦଶବିଶ୍ୱା ରାଜ୍ୟ ତୈଳିକ ବୈଶ୍ୟ ସମାଜ ବୈଠକ

ବୋଲଗଡ଼,୨୦।୪(ଦେବବ୍ରତ ହୋତା)

ଦଶବିଶ୍ୱା ରାଜ୍ୟ ତୈଳିକ ବୈଶ୍ୟ ସମାଜ ବୋଲଗଡ଼ର ସାଧାରଣ ଅଧିବେଶନ ହାଟବସ୍ତ ଗ୍ରାମର ମା' ଯୋଗମାୟାଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ପତାକା ଉତ୍ତୋଳନ ପରେ ଦଶବିଶ୍ୱା ରାଜ୍ୟର ସଭାପତି ଗୌରାଙ୍ଗ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ପୂର୍ବ ବର୍ଷର ବିବରଣୀ ପଠନ କରାଯାଇଥିଲା। ରାଜ୍ୟ ସମାଜର ବାର୍ଷିକ ହିସାବ ସମ୍ପାଦକ ବୀରେନ୍ଦ୍ର ସାହୁ ଉପସ୍ଥାପନ କରିଥିଲେ। ବୈଠକରେ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ନୂତନ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସଭାପତି ସାହୁ ସାଧବ ପୁଅମାନେ କିପରି ଦରିଆ ପାରି ହୋଇ ବାଣିଜ୍ୟ କରିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ ଏବଂ ତତ୍କାଳୀନ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କର୍ମରେ ନିଜକୁ ଲିପ୍ତ ରଖି ରାଜ୍ୟର ସାମୂହିକ ସ୍ୱାର୍ଥ ସାଧନାରେ ସହଯୋଗ କରୁଥିଲେ ତାହା ଉଦାହରଣ ସହ କହିଥିଲେ।

### ପୂର୍ବତନ ପୋଲିସ ଅଧିକାରୀ ଦୀନବନ୍ଧୁଙ୍କ ପରଲୋକ

ବୋଲଗଡ଼,୨୦।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ଚମ୍ପାଇଲୋ ଗ୍ରାମ ସଂଲଗ୍ନ ସାନବାଡ଼ର ଦୀନବନ୍ଧୁ ସେଠୀଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୮ବର୍ଷ ହୋଇଥିଲା। ସେ ପୋଲିସ ବିଭାଗରେ ସହକାରୀ ଉପନିରୀକ୍ଷକ ଭାବେ ଖୋର୍ଦ୍ଧା ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଥିବା ବେଳେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହେବାରୁ ସ୍ୱେଚ୍ଛାକୃତ ଅବସର ନେଇ ଚିକିତ୍ସିତ ହେଉଥିଲେ। ବୋଲଗଡ଼, ବାଣପୁର ଓ ଟାଙ୍ଗି ଥାନାରେ କାର୍ଯ୍ୟ କରି ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ। ଦୀନବନ୍ଧୁଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଶୋକ ପ୍ରକାଶ କରିଛନ୍ତି।



ଝାଁଳା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠରେ ରଘୁନାଥ ନାଟ୍ୟ ପରିଷଦ କଳାକାରଙ୍କ ଦ୍ୱାରା ରବିବାର ପରିବେଷିତ ରାମଲୀଳା ନାଟକର ଏକ ଦୃଶ୍ୟ। (ଫଟୋ: ବୁଲା ବାରିକ)

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଝାଁଳା,୨୦।୪(ବୁଲା ବାରିକ)

ଇନ୍‌ଫୋଭ୍ୟାଲିଥାନା ଅନ୍ତର୍ଗତ ଓଗାଳପଡ଼ା ଟାଙ୍ଗୀସାହିରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଅଜୟ କୁମାର ସାହୁ(୨୭)। ସୂଚନା ମୁତାବକ, ଓଗାଳପଡ଼ା ଅଞ୍ଚଳରେ ଅଜୟ ପରିବାର ସହ ରୁହନ୍ତି। ଅଜୟଙ୍କ ଘରଠାରୁ କିଛିଦୂରରେ ତାଙ୍କର ଆଉ ଏକ ନୂଆଘର ରହିଛି। ଶନିବାର ରାତି ପ୍ରାୟ ୧୧ଟାରେ ଅଜୟ ନୂଆଘରକୁ ଶୋଇବାକୁ ଯାଇଥିଲେ। ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଜୟ ନ ଆସିବାରୁ ବଡ଼ଭାଇ ତାଙ୍କୁ ଖୋଜିବାକୁ ଯାଇଥିଲେ। ନୂଆଘର ଭିତର ପଟୁ କବାଟ ଦିଆଯାଇଥିବାରୁ ଅଜୟଙ୍କୁ ଡାକିଥିଲେ। ହେଲେ ଅଜୟ କବାଟ ଖୋଲି ନ ଥିଲେ। ଏହା ପରେ ତାଙ୍କ ବଡ଼ଭାଇ କେତେଜଣ ପଡୋଶୀଙ୍କୁ ଡାକିବା ସହ କବାଟ ତାଡ଼ି ଦେଖିବା ବେଳକୁ ଅଜୟ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ରଶି କାଟି ତାଙ୍କୁ ତଳକୁ ଆଣିବା ସହ ଇନ୍‌ଫୋଭ୍ୟାଲି ଥାନାକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଟାଙ୍ଗୀରେ ବଢ଼ୁଛି ଜଣ୍ଡିସ୍ ରୋଗୀଙ୍କ ସଂଖ୍ୟା

ଟାଙ୍ଗୀ,୨୦।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳରେ ଜଣ୍ଡିସ୍ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ବଳରାମପୁର ସାହିର ୨୦ରୁ ଊର୍ଦ୍ଧ୍ୱ ଛୋଟପିଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ସହ ଏହାର ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ ଟାଙ୍ଗି ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ପାନୀୟଜଳ ଯୋଗାଣ କରାଯାଉଛି। ବିଶେଷଭାବେ ଅଞ୍ଚଳର ଜନସାଧାରଣ ଏହି ପାନୀୟଜଳ ବ୍ୟାବାହର କରୁଛନ୍ତି। ନିୟମିତ ପାଣିଟାଙ୍କି ସଫା ନ ହେବା, ପାଣି ପାଇପ୍ ସଂଯୋଗ ସ୍ଥଳରେ ଅପରିଷ୍କାର, ବିଭିନ୍ନ ସ୍ଥାନରେ ନର୍ଦ୍ଦମା ଜଳ ପାଇପ୍ ସହିତ ସଂଯୋଗ ଜଣ୍ଡିସ୍ ରୋଗର କାରଣ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଜଣ୍ଡିସ୍‌ରେ ଆକ୍ରାନ୍ତମାନେ ଟାଙ୍ଗି, ଚାନ୍ଦପୁର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତୁରନ୍ତ ଏହି ଅଞ୍ଚଳରେ ବିଭାଗ ପକ୍ଷରୁ ସର୍ଭେ କରାଯିବା ସହ ଏହାର ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ରେଳ ଫାଟକ ଭାଙ୍ଗିଲା

ନିରାକାରପୁର,୨୦।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରେଳ ଫାଟକଟି ରବିବାର ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଭାଙ୍ଗିଯାଇଛି। ସନ୍ଧ୍ୟା ସାଢ଼େ ୭ଟାରେ ଟ୍ରେନ ଆସିବା ପାଇଁ ଉକ୍ତ ରେଳ ଫାଟକଟି ବନ୍ଦ ରହିଥିଲା। ରାମେଶ୍ୱର ପଟୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ରେଳ ଫାଟକକୁ ଧକ୍କା ଦେଇଥିଲା। ଫଳରେ ଫାଟକଟି ଭାଙ୍ଗି ଯାଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଖସି ପଳାଇଥିଲା। ଖବରପାଇ ରେଲୱେ କର୍ମଚାରୀମାନେ ପହଞ୍ଚି ସିସିଟିଭି ଯାଞ୍ଚ କରିଛନ୍ତି। ଅନ୍ୟପଟେ ବିଭିନ୍ନ ସମୟରେ ଗାଡ଼ି ଧକ୍କାରେ ଏହି ଗେଟଟି ଭାଙ୍ଗୁଥିବା ନଜିର ରହିଛି। ଦୁର୍ଘଟଣା ଘଟାଉଥିବା ଗାଡ଼ି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ରେଳଫାଟକ ଭାଙ୍ଗିଯାଇଥିବାରୁ ଯାନବାହନ ଅଟକି ରହିଛି।

## ସୋଲରୀ ପାହାଡ଼ ପାଦଦେଶରେ ନିର୍ମାଣ ହେବ ଗୋଶାଳା



ବୈଠକରେ ଉପସ୍ଥିତ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ।

ବାଣପୁର,୨୦।୪ (ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଆଙ୍କୁଲା ପଞ୍ଚାୟତର ଆଙ୍କୁଲାଚଟିସ୍ଥିତ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ବାଣପୁର ଚିଲିକା ଗୋ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଡା.ମଧୁସୂଦନ ସେନାପତି, ଶିକ୍ଷାବିତ୍ ସତ୍ୟେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଜିତେନ୍ଦ୍ର କୁମାର ବିଶ୍ୱାଳ ଏବଂ ନିଶିରଞ୍ଜନ ସାମନ୍ତରାୟଙ୍କ ସଂଯୋଜନାରେ ଶିକ୍ଷାବିତ୍ ଭାଗୀରଥି ସ୍ୱାଇଁ ସଭା ପରିଚାଳନା କରିଥିଲେ। ଅତିଥିଭାବେ ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇ, ବରିଷ୍ଠ ନାଗରିକ ଆବାସର ପ୍ରତିଷ୍ଠାତା ସୁକାନ୍ତ କୁମାର ବିଶ୍ୱାଳ, ବ୍ୟବସାୟୀ ଜଗଦୀଶ ଲାକୋଟିଆ, ଆଇନଜୀବୀ ଅଶୋକ କୁମାର ପାଇକରାୟ, ସାମାଜିକର୍ମୀ ରଞ୍ଜିତ ବଡ଼ଜେନା, ଶିକ୍ଷାବିତ୍ ମାନସ ରଞ୍ଜନ ବଳିୟାରସିଂହ, ପ୍ରକାଶ ପ୍ରଧାନଙ୍କ ସମେ୍ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଚିଲିକା ନିର୍ବାମଣ୍ଡଳୀର ବହୁ ଗୋସେବକ, ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଗୋ ବଂଶର ଧ୍ୱଂସାଭିମୁଖି ଅବକ୍ଷୟ ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ସୋଲରୀ ପାହାଡ଼ ପାଦଦେଶରେ ଏକ ଗୋଶାଳା ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏହି ଗୋଶାଳାର ପ୍ରାରମ୍ଭିକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆଗକୁ ସଙ୍ଗଠନ ଦାୟିତ୍ୱ ତୁଲାଇବା ନିମନ୍ତେ ଏକ କମିଟି ଗଠନ କରାଯାଇ ତଦନୁସାରେ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଛି। ଗୋମାତାଙ୍କ ଆଶ୍ରୟ ନିମନ୍ତେ ଗୁହାଳ, ପାନୀୟଜଳ ଏବଂ ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆବାହକ ସତ୍ୟେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ମଣ୍ଡଳସ୍ତରୀୟ ପୋଷଣ ପକ୍ଷ ପାଳିତ

କୃଷ୍ଣପ୍ରସାଦ, ୨୦।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ପକ୍ଷ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟାଳୟ ପରିସରରେ ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁଙ୍କ କ୍ଷେତ୍ରରେ ହଜାର ଦିନର ଗୁରୁତ୍ୱର ଜୀବନରେ ପ୍ରାଧାନ୍ୟତା, କିଶୋରୀ ବାଳିକାଙ୍କ ରକ୍ତହୀନତା, ଅପପୁଷ୍ଟି ଶିଶୁଙ୍କ ସୁସ୍ଥ ଜୀବନ ଯାପନ ଉପରେ ସଚେତନତା ସମ୍ପର୍କରେ ଶିଶୁ ବିକାଶ ବିଭାଗର ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୧୩୪ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ, ସବୁଜ ପନିପରିବା, ବିଭିନ୍ନ ପ୍ରକାର ଶସ୍ୟ, ଶାଗ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ଶିଶୁ ବିକାଶ ପ୍ରକଳ୍ପ ବିଭାଗର ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସିଡିପିଓ ପରାମର୍ଶ ଦେଇଥିଲେ। ଶେଷରେ ଏକ ଶୋଭାଯାତ୍ରା ସହିତ ପୋଷଣ ଉପରେ ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଅସହ୍ୟ ଗରମ, ଜନଜୀବନ ଅସ୍ତବ୍ୟସ୍ତ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

### ଆଖୁରସ, ତରଭୁଜ, ତାଳସଜର ବଢ଼ିଛି ଚାହିଦା



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୧ଟା ପରେ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଲୋକେ ଘରୁ ବାହାରୁ ନ ଥିବାରୁ ଖୋର୍ଦ୍ଧାରେ ଏକାଧିକ ଦୋକାନ ପ୍ରାୟ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ସେହିପରି ଗ୍ରୀଷ୍ମ ପ୍ରଭାବ ଯୋଗୁ ଏପ୍ରିଲ ୨ରୁ ସକାଳୁଆ ସ୍କୁଲ ଏବଂ ୧୦ ତାରିଖରୁ ସକାଳୁଆ ସରକାରୀ କାର୍ଯ୍ୟାଳୟ, କୋର୍ଟ ଚାଲିଛି। ଖରାକୁ ଭୟ କରି ପ୍ରାୟ ଲୋକେ କୌଣସି ଜରୁରୀ କାମ ନ ଥିଲେ ଅଫିସ ଆସୁନଥିବା ଦେଖିବାକୁ ମିଳିଛି। ପ୍ରାୟ ଅଫିସ ଫାଙ୍କା ରହୁଛି। ଅନ୍ୟପଟେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ବସ୍‌ଷ୍ଟାଣ୍ଡରେ ଦିନତମାମ ଗହଳି ଲାଗି ରହୁଥିବା ବେଳେ ଏବେ ଜନଶୂନ୍ୟ ରହୁଛି। ଏପରିକି ବସ୍‌ରେ ଲୋକେ ହେଉ ନ ଥିବା କେତେଜଣ ଡ୍ରାଇଭର କହିଛନ୍ତି। ପ୍ରାୟ ସମୟରେ ମୋ ବସ୍ ବିନା ଯାତ୍ରୀରେ ଭୁବନେଶ୍ୱର ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ଏନେଇ ସାମାଜିକ କର୍ମୀ ପ୍ରଭାତ ବଳିୟାରସିଂ କହିଛନ୍ତି, ଦେହରୁ ଝାଳ ବୋହିବା ସହ ଚାଲିକି ଯିବା ବେଳେ ଅଂଶୁଘାତର ଭୟ ରହୁଛି। ସେହିପରି ଟ୍ରାଫିକ ଛକର ଜଣେ ବ୍ୟବସାୟୀ କୁହନ୍ତି, ଖରା ଯୋଗୁ ଗ୍ରାହକ ଆସୁନାହାନ୍ତି। ଦିନସାରା ବେପାର ନାହିଁ। ଅନ୍ୟପଟେ ଖରା ଯୋଗୁ ମୃଦୁ ଥଣ୍ଡା ପାନୀୟ, ଆଖୁରସ, ତରଭୁଜ, ତାଳସଜର ଚାହିଦା ବୃଦ୍ଧି ପାଇଛି। ଏପରିକି ସହରର ଏକାଧିକ ସ୍ଥାନରେ ଲସି, ଜୁସ୍ ସେଣ୍ଟର ଖୋଲିଛି। ସକାଳୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ କାର୍ଯ୍ୟାଳୟ ନିକଟରେ ଥିବା ଆଖୁରସ ଆଗରେ ଭିଡ଼ ଜମାଉଛନ୍ତି। ସେହିପରି ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ଗୋଡ଼ି ପୋଖରୀ, ମୁକୁନ୍ଦପ୍ରସାଦ ଆଦି ସ୍ଥାନରେ ମୃଦୁ ଥଣ୍ଡାପାନୀୟର ଚାହିଦା ବଢ଼ିଛି। ଲସି, ଜୁସ୍ ସେଣ୍ଟରରେ ମଧ୍ୟ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଲସି ଓ ଜୁସ ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଜଣେ ବ୍ୟବସାୟୀ କହିଛନ୍ତି। ସେହିପରି ବିଭିନ୍ନ ଛକରେ ତାଳସଜ ବିକ୍ରି ହେଉଛି। ନୂଆ ବସ୍‌ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ତରଭୁଜ ପସରା ମେଲିଥିବା ଦେଖିବାକୁ ମିଳିଛି।

## ଚୋରି କରି ୨ ଗିରଫ

ଝାଁଳା,୨୦।୪(ବୁଲା ବାରିକ)

ଏକ ଟେଣ୍ଟ ହାଉସରୁ ସାଉଣ୍ଡ ମେଶିନ ଏବଂ ଲାଇଟ ଚୋରି ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ରବିବାର ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ପିତାପଲ୍ଲୀ ଗ୍ରାମର ରଶ୍ମି ରଞ୍ଜନ ପ୍ରଧାନ ଏବଂ ରମାକାନ୍ତ ସ୍ୱାଇଁ। ଏମାନଙ୍କଠାରୁ ଗୋଟିଏ ସାଉଣ୍ଡ ମେଶିନ, ଗୋଟିଏ ଷ୍ଟାବ୍ଲାଇଜର ଏବଂ ବହୁ ଲାଇଟ ଜବତ ହୋଇଛି। ସୂଚନାଥାଉ କି, ପିତାପଲ୍ଲି ଗ୍ରାମର ଗିଟୁ ସ୍ୱାଇଁଙ୍କ ମା'ଖଣ୍ଡୁଆଳ ନାମରେ ଟେଣ୍ଟ ହାଉସ ରହିଛି। ଗତ ୧୭ ତାରିଖରେ ଗିଟୁ ଘର ତାଲା ପକାଇ ତାଙ୍କ ମା'ଙ୍କ ସହ କାଜୁ ବଗିଚା ଜଗିବାକୁ ଯାଇଥିଲେ। ପରଦିନ ସକାଳ ୯ଟାରେ ଘରକୁ ଫେରିଥିଲେ। ତାଙ୍କ ଘର ତାଲା ଭଙ୍ଗା ହୋଇଥିବା ସହ ଲାଇଟ, ସାଉଣ୍ଡ ମେଶିନ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟରେ ବିଶ୍ୱ ଐତିହ୍ୟ ଦିବସ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରିଜୱାନା କଅକବ୍, ମୁଖ୍ୟ ବକ୍ତା ସନ୍ତୋଷ କୁମାର ସାହୁ, ପ୍ରାବନ୍ଧିକ ବିଷ୍ଣୁପଦ ଦାଶ ଏବଂ ନାଇଡୁ କଲେଜର ଅଧ୍ୟାପକ ପ୍ରିୟଙ୍କ ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବରୁଣେଇ ପାହାଡ଼ସ୍ଥିତ ପାଣ୍ଡବଘରା ଗୁମ୍ଫାରେ ଦୁଇ ହଜାର ବର୍ଷ ତଳର ବୌଦ୍ଧ ଯୁଗୀୟ ରତ୍ନ ଓଡ଼ିଆ ଲିପିର ସଂରକ୍ଷଣ, ଗୁରୁଜଙ୍ଗ ଧବଳେଶ୍ୱର ମନ୍ଦିରର ପଶ୍ଚାତରେ ଥିବା ପାଇକ ବିଦ୍ରୋହ କାଳୀନ ସଭାଧି ସ୍ତମ୍ଭର ସଂରକ୍ଷଣର ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଥିଲା। ପ୍ରାଣନାଥ ମହାବିଦ୍ୟାଳୟର ରୋଭର ରେଞ୍ଜର ବାହିନୀ ଦ୍ୱାରା ୧୯୯୨ରୁ ଅଦ୍ୟାବଧି ତିନୋଟି ପର୍ଯ୍ୟାୟରେ ଏହାର ସଂରକ୍ଷଣ କରାଯାଇଥିଲେ ମଧ୍ୟ ଅଧୁନା ଏହି ସ୍ତମ୍ଭ ଘନବୃକ୍ଷ ଆଚ୍ଛାଦିତ ଓ ଭଗ୍ନ ଅବସ୍ଥାରେ ରହିଛି। ତୁରନ୍ତ ଏହାର ମରାମତି ଓ ଏହାର ସଂରକ୍ଷଣ ଜରୁରୀ।

## 'କହିବାକୁ ଲାଜ ଶୁଣିଲେ ପାପ' ନାଟକ ମଞ୍ଚସ୍ଥ

ବେଗୁନିଆ,୨୦।୪(ସନ୍ଧ୍ୟାରାଣୀ ମିଶ୍ର)

ପଟନିବର ଗ୍ରାମର ମା'ବାଉତୀ ନାଟ୍ୟ ସଂସଦର ୪୭ ତମ ମୁକ୍ତମଞ୍ଚ ନାଟକ ଶନିବାର ପରିବେଷଣ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସରପଞ୍ଚ ରଞ୍ଜିତା ମହାଭୋଇ, ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା, ସାମାଜିକ କର୍ମୀ ଶଶି ଭୂଷଣ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର କଳାକାରଙ୍କ ଦ୍ୱାରା 'କହିବାକୁ ଲାଜ ଶୁଣିଲେ ପାପ' ନାଟକ ପରିବେଷଣ କରାଯାଇଥିଲା।

## ସଂକୀର୍ତ୍ତନ ଶ୍ରବଣ ଦ୍ୱାରା ପାପ କ୍ଷୟ ହୁଏ

ବୋଲଗଡ଼,୨୦।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ରୁଡ଼ା ଗ୍ରାମ ନିକଟ ଗେଡିମୁଣ୍ଡିଆ ମଠ ଠାରେ ନବମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପତିତପାବନ ଦେବଙ୍କ ପୀଠରେ ନାମ ସଂକୀର୍ତ୍ତନ ଓ ହୋମଯଜ୍ଞାଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରାରମ୍ଭ ଦିବସରେ ଅଧିବାସ, ସୂର୍ଯ୍ୟପୂଜା ଓ ୧୦୮କଳସ ସ୍ଥାପନ ସହ ଦ୍ୱିତୀୟ ଦିବସରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ହରି ନାମ କୀର୍ତ୍ତନ କରି ଧର୍ମୀୟ ଭାବନା ଜାଗ୍ରତ କରିଥିଲେ। ସେହିପରି ତୃତୀୟ ଦିବସରେ ସାମୂହିକ ନଗର କୀର୍ତ୍ତନ, ଦହିଖେଳ ଓ ଯମୁନା ସ୍ନାନ କରାଯାଇଥିଲା। ବରିଷ୍ଠ ବ୍ରାହ୍ମଣଙ୍କ ଦ୍ୱାରା ସମସ୍ତ ପୂଜା ଓ ହୋମକାର୍ଯ୍ୟ ସମ୍ପାଦିତ ହୋଇଥିଲା। ସଂକୀର୍ତ୍ତନ ଶ୍ରବଣ ଦ୍ୱାରା ପାପ କ୍ଷୟ ହୁଏ ବୋଲି ମତପ୍ରକାଶ ପାଇଥିଲା।

## ସାହିତ୍ୟିକ ଜିଲ୍ଲୁର ରହମାନଙ୍କ ପରଲୋକ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଜିଲ୍ଲୁର ରହମାନଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଜଣେ ଗ୍ରନ୍ଥକାର, ସାହିତ୍ୟିକ ଓ ସମାଜସେବୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ କେରଙ୍ଗ ସ୍ଥିତ ବାଘଟାଙ୍ଗୀ କବରସ୍ଥାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

**ନଦୀରେ ବୁଡ଼ି ନାବାଳିକା ମୃତ**

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଅଞ୍ଚଳର ଉଜଡିହ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ବିରୂପା ନଦୀରେ ବୁଡ଼ିଯିବାରୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ଉଜଡିହ ଗ୍ରାମର ରବୀନ୍ଦ୍ର ସେଠୀଙ୍କ ଝିଅ ସୁପ୍ରିୟା ସେଠୀ(୧୦)। ସେ ସକାଳେ ସାଙ୍ଗପିଲାଙ୍କ ସହ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ହଠାତ୍ ପାଣିରେ ବୁଡ଼ିଯାଇଥିଲେ। ଏହା ଦେଖି ସାଙ୍ଗମାନେ ପାଟି କରିଥିଲେ। ପାଟି ଶୁଣି କ୍ରିକେଟ୍ ମ୍ୟାଚ୍ ଖେଳି ଫେରୁଥିବା କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ଶିଶୁ କନ୍ୟାଙ୍କୁ ଉଦ୍ଧାର କରି ପ୍ରଥମେ ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ସୁପ୍ରିୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସଂକ୍ଷେପରେ

### ଗୌରାଙ୍ଗ ଚରଣ ପରିଡ଼ା ପାଇବେ ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ

କଟକ,୨୦।୪(କାର୍ତ୍ତିକ ସାହୁ)

ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଓ ସ୍ତମ୍ଭକାର ପୁରୀ ବାସିନ୍ଦା ଗୌରାଙ୍ଗ ଚରଣ ପରିଡ଼ା ଚଳିତବର୍ଷ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ସ୍ମୃତିରେ ଅର୍ପିତ ମର୍ଯ୍ୟାଦାଜନକ 'ଭାଗିରଥୀ ମହାପାତ୍ର ସ୍ମୃତି ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ କଟକସ୍ଥିତ ସ୍ୱରାଜ ଆଶ୍ରମଠାରେ ଆୟୋଜନ ହେବାକୁ ଥିବା ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ମହାପାତ୍ରଙ୍କ ୧୩୩ତମ ଜନ୍ମବାର୍ଷିକୀ ଉତ୍ସବରେ ପରିଡ଼ାଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ପ୍ରେସ୍ ଇସ୍ତାହାରରେ ରବିବାର ସୂଚନା ଦେଇଛନ୍ତି। ପରିଡ଼ା ଗାନ୍ଧି ସାହିତ୍ୟରେ ୧୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ସେଥିମଧ୍ୟରୁ ଗାନ୍ଧୀ ଚର୍ଚ୍ଚା, ମୋହନରୁ ମହାତ୍ମା, ଗାନ୍ଧୀ ଗପ ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ ବିଶେଷ ଚର୍ଚ୍ଚିତ। ତାଙ୍କର ଲିଖିତ ଇଂଲିଶ ପୁସ୍ତକ ଅନ୍‌ଫୋଲ୍ଡିଂ ଗାନ୍ଧିଆନ୍ ଇସ୍ୟୁଜ୍ ଉଲ୍ଲେଖନୀୟ। ତାଙ୍କର ସାରସ୍ୱତ କୃତି ପାଇଁ ୨୦୨୪ରେ ସେ ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ସମ୍ମାନିତ ହୋଇଥିଲେ। ସେ ସର୍ବଭାରତୀୟ ସ୍ତରରେ ଶ୍ରମିକ ଏବଂ କର୍ମଚାରୀ ଆନ୍ଦୋଳନ ସହ ଅନେକ ବର୍ଷ ଧରି ସମ୍ପୃକ୍ତ ଅଛନ୍ତି।

### ବ୍ୟଙ୍ଗ କଳାକାର ଅଜୟ ନାୟକଙ୍କ ପରଲୋକ

ଭୁବନେଶ୍ୱର,୨୦।୪(ସୌମ୍ୟରଞ୍ଜନ ରାଉତ)



ବ୍ୟଙ୍ଗ କଳାକାର ଅଜୟ ନାୟକଙ୍କ ରବିବାର ରାତି ୧୦ଟାରେ ପରଲୋକ ହୋଇଛି। ସେ ବିଭିନ୍ନ ଟେଲିଭିଜନ ସଂସ୍ଥାରେ କାର୍ଯ୍ୟ କରିଥିବାବେଳେ ଲୋକପ୍ରିୟ କାର୍ଯ୍ୟକ୍ରମ 'ଦ ଗ୍ରେଟ୍ ଓଡିଶା ପଲିଟିକାଲ ସର୍କସ'ରେ ମଧ୍ୟ ଅଭିନୟ କରୁଥିଲେ। ସନ୍ଧ୍ୟାରେ ସେ ତାଙ୍କ ଘର ପାଖ ବଜାରରୁ ଜିନିଷପତ୍ର କିଣି ଘରକୁ ଫେରୁଥିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଶନ କାର୍ଡ ଆବେଦନକାରୀ ଇ-କେୱାଇସି କରାନ୍ତୁ

କଟକ,୨୦।୪(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂତନ ରାସନ କାର୍ଡ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାଶନ କାର୍ଡ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂତନ ରାଶନ କାର୍ଡ ପ୍ରସ୍ତୁତ ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ନିହାତି ଜରୁରୀ। ଏଣୁ ଜିଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେୱାଇସି ଯାଞ୍ଚ କରାଇନେବାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# 'ଉତ୍କଳୀୟ କଳାର ତୁଳନା ନାହିଁ'



ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ ଜୀ ମହାରାଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୨୦।୪(କାର୍ତ୍ତିକ ସାହୁ)

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ସ୍କାର୍ଟ) ଓଡ଼ିଶା, ବିଶ୍ୱଦେବ ସମାଜ ଏବଂ ଜୟଦେବ ସଂସ୍କୃତି ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ କଳାବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ୯ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ଉତ୍କଳ ନବରତ୍ନ ଉପାଧି ଓ ପ୍ରତି ଜିଲାରୁ ପ୍ରତିଭାବାନ କଳାକାରଙ୍କ ସମେତ ଅନ୍ୟାନ୍ୟ ପ୍ରତିଭାଦୀପ୍ତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ସ୍କାର୍ଟ ସଭାପତି ପ୍ରଶାନ୍ତ କୁମାର କରଙ୍କ ଅଧକ୍ଷତାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଷ୍ଟିସ ଏ. ଏସ୍. ନାଇଡୁ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଏମ୍‌ପି ବିଭୁପ୍ରସାଦ ତରାଇ, ଅଭିନେତା ଶ୍ରୀତମ ଦାସ, ବରିଷ୍ଠ ନେତା ଗୋଲଖ ମହାପାତ୍ର, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଉତ୍କଳର କଳା ଓ ସଂସ୍କୃତିର ଉତ୍କର୍ଷ ଉପରେ ଆଲୋକପାତ କରିଥିଲେ। ଉତ୍କଳୀୟ କଳାର ତୁଳନା ନାହିଁ। ଆଧୁନିକ ଯୁଗରେ ଉତ୍କଳର କଳା ଓ ସଂସ୍କୃତି ଦିନକୁ ଦିନ ହଜିଯିବାକୁ ବସିଛି। ଏଭଳି ସ୍ଥିତିରେ ସ୍କାର୍ଟ ପ୍ରତିଷ୍ଠାନ ଉତ୍କଳର କଳା ସଂସ୍କୃତିକୁ ପୁନରୁଦ୍ଧାର ପାଇଁ ଯେଉଁ ଉଦ୍ୟମ ଜାରି ରଖିଛି ତାହା ନିଶ୍ଚିତ ଭାବରେ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ନାଥ ଓଝା ବିବରଣୀ ପାଠ ସହ ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ସଞ୍ଜୁବାଳା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମହାନଦୀ ବିହାରସ୍ଥିତ ମହାନଦୀ ଭବନରେ ରବିବାର କଟକ ଜିଲା ବ୍ରାହ୍ମଣ ମହାସଭାର ଦ୍ୱିବାର୍ଷିକୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ। (ଫଟୋ: ରାଜକିଶୋର ମହାନ୍ତି)

## ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ



ଜଷ୍ଟିସ୍ ସଙ୍ଗମ କୁମାର ସାହୁ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ବୃଦ୍ଧାଶ୍ରମ ପରିଦର୍ଶନ**

କଟକ,୨୦।୪(କାର୍ତ୍ତିକ ସାହୁ)

ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ କଟକ ଜିଲା ଈଶାଣୀ ବ୍ରହ୍ମପୁର ଗ୍ରାମରେ ଥିବା ବୃଦ୍ଧାଶ୍ରମ ଆଶ୍ରା ବରିଷ୍ଠ ନାଗରିକ କେନ୍ଦ୍ର ରବିବାର ପରିଦର୍ଶନ କରିଛନ୍ତି। ସେଠାରେ ରହୁଥିବା ଅନ୍ତେବାସୀଙ୍କ ଆହାର, ଚିକିତ୍ସା, ଶୌଚାଳୟ, ଶୟନ କକ୍ଷ ଓ ଗୀତାପାଠ ସୁବିଧା ଉପରେ ସେ ପଚାରି ବୁଝିଥିଲେ। ଅନ୍ତେବାସୀଙ୍କ ମଧ୍ୟରୁ ରୋଗଗ୍ରସ୍ତ ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ଚିକିତ୍ସା, ଶ୍ରବଣ ଯନ୍ତ୍ର ଯୋଗାଇ ଦେବା, ପ୍ରାତଃ ସମୟରେ ଯୋଗ କରିବା, ମଧୁମେହ ପୀଡିତ ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରିବାକୁ ଆଶ୍ରମର ସଭାପତି ଓ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ତେବାସୀ ନରହରି ବେହେରାଙ୍କୁ ତାଙ୍କ ପୁଅ ସହ ଦେଖା କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ତେବାସୀ ରହୁଥିବା ସ୍ଥାନ ପରିଦର୍ଶନ କରି ପୁରୁଣା ଜିନିଷ ସ୍ଥାନାନ୍ତର କରିବାକୁ ବିଚାରପତି କହିଥିଲେ। ଏଥିସହ ନୂତନ ଜିନିଷ ଯୋଗାଇବା ପାଇଁ କଟକ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ସହିତ ବିଭିନ୍ନ ବିଷୟରେ ବିଚାରପତି ଆଲୋଚନା କରିଥିଲେ। ଏଥିସହ ଆଧ୍ୟାତ୍ମିକ ପଠନ ଓ ଯୋଗ ମାଧ୍ୟମରେ ପରିଣତ ବୟସରେ ଶାନ୍ତିଲାଭ କରିବାକୁ ସେ ଉପଦେଶ ଦେଇଥିଲେ।

## କମ୍ରେଡ୍ ଦିବାକର ନାୟକଙ୍କୁ କଟକରେ ଶେଷ ସମ୍ମାନ

କଟକ,୨୦।୪(କାର୍ତ୍ତିକ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ପୂର୍ବତନ ରାଜ୍ୟ ସମ୍ପାଦକ କମ୍ରେଡ୍ ଦିବାକର ନାୟକଙ୍କ ବିୟୋଗରେ ସିପିଆଇ(ଏମ୍) କଟକ ଜିଲା କମିଟି ଗଭୀର ଶୋକ ପ୍ରକାଶ କରିଛି। ଦିବାକରଙ୍କ ମରଶରୀର ଭୁବନେଶ୍ୱରରୁ ତାଙ୍କ ଜନ୍ମମାଟି ଭଦ୍ରକ ଅଭିମୁଖେ ରବିବାର ନିଆଯିବାବେଳେ ଜାତୀୟ ରାଜପଥର ତାଳଦଣ୍ଡା କେନାଲ ଛକ ନିକଟରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦିବାକର ନାୟକ କମ୍ୟୁନିଷ୍ଟ ଆନ୍ଦୋଳନର ଅଗ୍ରଣୀ ନେତା ଥିଲେ। ସେ ବହୁ ସଂଗ୍ରାମର ଭଗୀରଥ ହେବା ସହ ଆଜୀବନ ସମାଜ ପରିବର୍ତ୍ତନ ପାଇଁ କମ୍ୟୁନିଷ୍ଟ ମୂଲ୍ୟବୋଧ, ତ୍ୟାଗ, ସଂଘର୍ଷ ଏବଂ ଉତ୍ସର୍ଗୀକୃତ ଜୀବନର ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଜିଲା କମିଟି ପକ୍ଷରୁ କୁହାଯାଇଛି। ସିପିଆଇ ଓ ସିପିଆଇ(ଏମ୍)ର ନେତୃମଣ୍ଡଳୀ ବିଜୟ ପଢ଼ିହାରି, ଅମରେନ୍ଦୁ ମହାନ୍ତି, ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ପ୍ରଶାନ୍ତ ମିଶ୍ର, ଉଦୟ କେଶରୀ ବର୍ମା, ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର, ଅଭୟ ସ୍ୱାଇଁ, ମନମୋହନ ପତି, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ତାଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ।

## ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦର ପ୍ରତିଭା ପୂଜା ସମାରୋହ

କଟକ,୨୦।୪(କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦ ପକ୍ଷରୁ ପ୍ରତିଭା ପୂଜା ଉତ୍ସବ ଓ ସାରସ୍ୱତ ସମାରୋହ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଶିଷ୍ଟ ଲେଖକ ତଥା ପୂର୍ବତନ ପୋଲିସ ଆଇଜି ରାଜକିଶୋର ଦାଶ, ସାହିତ୍ୟିକ ଡ. ବାବାଜୀ ଚରଣ ପଟ୍ଟନାୟକ, ଦିଲୀପ କୁମାର ଦାସ, ବ୍ରହ୍ମାନନ୍ଦ ବିଶ୍ୱାଳ, ପ୍ରଭାତ କୁମାର ଦାସ, ସରୋଜ କୁମାର ପରିଡ଼ା ଓ ଦିଲୀପ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାଜପାର ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ

ନିଶ୍ଚିନ୍ତକୋଇଲି/ବାଙ୍କୀ, ୨୦।୪(ଅଶୋକ କୁମାର ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ନିଶ୍ଚିନ୍ତକୋଇଲିସ୍ଥିତ ଭାଜପା କାର୍ଯ୍ୟାଳୟରେ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ଭାଜପା ନେତା ସୁମନ୍ତ କୁମାର ଘଡେଇ ଯୋଗ ଦେଇ ଦଳର କାର୍ଯ୍ୟକର୍ତ୍ତା ଘରେ ଘରେ ପହଞ୍ଚି ଲୋକଙ୍କ ସହ ସମ୍ପର୍କ ରଖିବାକୁ କହିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି, ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ। ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟି, ଅସୁରେଶ୍ୱର ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ମଲିକ, କୁସୁପୁରର ସଞ୍ଜୟ କୁମାର ପଣ୍ଡା, ଜୟପୁରର ଉମେଶ କୁମାର ବାରିକ ଓ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

ସେହିପରି ବାଙ୍କୀ ଭାଜପା ତରଫରୁ ସରଣ୍ଡା ମଣ୍ଡଳ ପକ୍ଷରୁ କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପୁରଗ୍ରାମର ମଙ୍ଗଳା ମନ୍ଦିର ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଏମ୍‌ପି ପ୍ରତିନିଧି ଜୟନ୍ତ ବେଉରାଙ୍କ ସଭପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ଏହି ଅବସରରେ କନ୍ତପହଁରା ପଞ୍ଚାୟତର ବରିଷ୍ଠ ନେତା ବରେନ୍ଦ୍ର କୁମାର ସାହୁ, ଭଗବାନ ଜେନା, ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଚକ୍ରବର୍ତ୍ତୀ ସେମାନଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସ୍ୱାଗତ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ତ୍ରିନାଥ କ୍ଲବ୍ ଚାମ୍ପିୟନ

କଟକ ସଦର,୨୦।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ଶନିବାର ରାତ୍ରିକାଳୀନ ଦିନିକିଆ କଦମ୍ବେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ପ୍ରଫେସର ମନୋଜ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଡିହସରିଚୁଆଁ ଗ୍ରାମର ମା' ନାରାୟଣୀ କ୍ରିକେଟ୍ କ୍ଲବ୍‌କୁ ହରାଇ କଳପଡ଼ାର ତ୍ରିନାଥ କ୍ଲବ୍ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ସୁନୀଲ କୁମାର ମୁଦୁଲି ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୬ ହଜାର ଟଙ୍କା ଓ ରନର ଅପ୍ ଟିମ୍‌କୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ।

## ଶିବିରରୁ ୪୨୦ ୟୁନିଟ୍ ରକ୍ତ ସଂଗ୍ରହ



ଅତିରିକ୍ତ ଡିସିପି ଦେବଦତ୍ତ କର ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଫୁଲନଖରା,୨୦।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ କମିଶନରେଟ୍ ପୋଲିସ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁରସ୍ଥିତ ଗୋପାଳ କନ୍‌ଭେନ୍‌ସନ୍ ହଲ୍‌ରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଏହାକୁ କଟକ ଅତିରିକ୍ତ ଡିସିପି ଦେବଦତ୍ତ କର ଉଦ୍‌ଘାଟନ କରିଥିଲେ। ଏଥିରେ ୪୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଶିବିର ପରିଦର୍ଶନ କରିଥିଲେ। ଏଥିରେ କଟକ ଜୋନ୍-୪ ଏସିପି ଅମିତାଭ ମହାପାତ୍ର, କୃଷ୍ଣଚନ୍ଦ୍ର ସେଠୀ, ଏସିପି ଗିରିଜା ଚକ୍ରବର୍ତ୍ତୀ, ଅଶୋକ ଗିରି, କଟକ ସଦର ଥାନା ଆଇଆଇସି ଓମ୍‌ପ୍ରକାଶ ମହାନ୍ତି, ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ବାରଙ୍ଗ ଥାନା ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ, ମଧୁପାଟଣା ଥାନା ଆଇଆଇସି ଚିତ୍ତରଞ୍ଜନ ରାଉତ, ସଦର ଥାନା ଅତିରିକ୍ତ ଆଇଆଇସି ରାମହରି ସେଠୀଙ୍କ ସମେତ ପୋଲିସ କର୍ମଚାରୀ ଶିବିର ପରିଚାଳନାରେ ସହାୟତା କରିଥିଲେ।

## ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶକୁ ସ୍ୱାଗତ

**ମିଶନ ଶକ୍ତି ପୁନର୍ଗଠନ ପ୍ରସଙ୍ଗ**

ଟିଗିରିଆ,୨୦।୪(ଜାଫର ଖାଁ)

ପୂର୍ବ ସରକାର ସମୟରେ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଆମୂଳଚୂଳ ପରିବର୍ତ୍ତନ ପାଇଁ ନୂତନ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ସରକାରଙ୍କ ପକ୍ଷରୁ ଚଳିତବର୍ଷ ଜାନୁଆରୀରେ ସମସ୍ତ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ଏହା ଉପରେ ଉଚ୍ଚନ୍ୟାୟାଳୟ ରହିତାଦେଶ ଜାରି କରିବା ପରେ ଟିଗିରିଆର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉକ୍ତ ଚିଠିରେ ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମରେ ମହିଳାମାନଙ୍କୁ ନେଇ କାର୍ଯ୍ୟ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା, ଗ୍ରାମରେ କାର୍ଯ୍ୟ କରୁଥିବା ସିଏଲ୍‌ଏଫ, ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ଜିପିଏଲ୍‌ଏଫ୍, ବ୍ଲକସ୍ତରରେ ବିଏଲ୍‌ଏଫ ଓ ଜିଲାସ୍ତରରେ ଡିଏଲଏଫର ସମସ୍ତ ଶୀର୍ଷ ପଦବୀ ସହ ସମସ୍ତ କମିଟି, ଅଫିସ ପଦପଦବୀକୁ ବଦଳାଇ ନୂତନ ଭାବେ ପୁନଃ ଗଠନ କରିବା ପାଇଁ ଦର୍ଶାଯାଇଥିଲା। ଏନେଇ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ପଦପଦବୀ ଓ କମିଟିରେ ଥିବା ମହିଳା ସଦସ୍ୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ମହିଳା ମହାସଂଘ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାର କରି ଉଚ୍ଚ ନ୍ୟାୟାଳୟ ଚଳିତ ମାସ ୧୭ତାରିଖରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସରକାରଙ୍କ ଏହି ନିଷ୍ପତ୍ତି ଉପରେ ରୋକ ଲଗାଇଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତିକୁ ଟିଗିରିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସମସୁରା ବେଗମ ସ୍ୱାଗତ କରିଛନ୍ତି। ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନ୍ୟାୟ ମିଳିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ବିଜ୍ଞାନ, ଗଣିତ ସମ୍ବନ୍ଧୀୟ ମଡେଲ ପ୍ରସ୍ତୁତ କଲେ ଛାତ୍ର

**ପିଏମ୍‌ଶ୍ରୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ**

ବାଙ୍କୀ,୨୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବାଙ୍କୀର ଶତାୟୁ ପି.ଏମ.ଶ୍ରୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବିଜ୍ଞାନ ଓ ଗଣିତ କ୍ଲବ ଆନୁକୂଲ୍ୟରେ ବିଜ୍ଞାନ ଓ ଗଣିତ ସମ୍ବନ୍ଧରେ ମଡେଲ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ଓ ଗଣିତ ଆଧାରିତ ବିଷୟବସ୍ତୁ ଉପରେ ମଡେଲ ପ୍ରସ୍ତୁତ କାର୍ଯ୍ୟକ୍ରମ ହେବା ସହ ଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମଡେଲ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଜ୍ୟୋତି ଷଡଙ୍ଗୀ ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମଡେଲ ପ୍ରତିଯୋଗିତାରେ ପ୍ରଥମ ଶୁଭମ୍ ରଣା, ଦ୍ୱିତୀୟ ବିଶ୍ୱଜିତ୍ ମହାପାତ୍ର, ଆଶୀର୍ବାଦ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ।

## 'ପ୍ରତିଯୋଗିତାରୁ ପିଲାଙ୍କ ଲୁକ୍କାୟିତ ପ୍ରତିଭା ଜଣାପଡ଼େ'

କଟକ,୨୦।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ରବିବାର ରେଭେନ୍‌ଶା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ୧୬ତମ ସାତସାହି କଟକ ନୃତ୍ୟଉତ୍ସବ ଅବସରରେ ରାଜ୍ୟସ୍ତରୀୟ ବିବିଧ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଭିଭାବକ କମିଟିର ସଭାପତି ହୃଷୀକେଶ ବଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଚୌଧୁରୀ ଡ. ସତ୍ୟ ଦାସ ଯୋଗଦେଇ କହିଛନ୍ତି, ପ୍ରତିଯୋଗିତା ଦ୍ୱାରା ପିଲାଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଜଣାପଡିଥାଏ। ପ୍ରତିଯୋଗିତାରେ ମିନି ସବ୍ ଜୁନିୟର, ଜୁନିୟର, ସିନିୟର ଓ ସୁପର ସିନିୟର ବିଭାଗ କରାଯାଇଥିବାବେଳେ ପ୍ରତିଯୋଗିତା ମଧ୍ୟରେ ଚିତ୍ରାଙ୍କନ, ଏକକ ଅଭିନୟ, ଓଡ଼ିଶୀ ନୃତ୍ୟ, ଭଜନ ଓ ଆଧୁନିକ ନୃତ୍ୟ ରହିଥିଲା। ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମେ' ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ପଡିଆରେ ହେବାକୁ ଥିବା ୧୬ତମ ସାତସାହି କଟକ ନୃତ୍ୟୋତ୍ସବରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। କମିଟିର ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଲ୍ଲାସ ସେନ, ଡା. ଦୁର୍ଗା ଚରଣ ଦାଶ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସ୍ନେହାଶିଷ ଦାସ, ପାର୍ଥସାରଥୀ ସ୍ୱାଇଁ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**ତଳକାଁପଡ଼ା ବୋମାମାଡ଼ ଘଟଣାରେ ୪ ଗିରଫ**

ତିହିଡ଼ି,୨୦।୪(ସଞ୍ଜିତ ବଳ): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତର ତଳକାଁପଡ଼ା ଗ୍ରାମରେ ବୋମାମାଡ଼ ଘଟଣାରେ ପୋଲିସ ୪ଜଣଙ୍କୁ ରବିବାର ମଧ୍ୟାହ୍ନରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ତଳକାଁପଡ଼ା ଗ୍ରାମର ବିଶ୍ୱନାଥ ମଲିକ, ଅରୁଣ ଦାସ, ଅଭୟ ଦାସ ଓ ପ୍ରତାପ ଦାସ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ନିଜକୁ ଗୁଳି କଲେ ବଳାତ୍କାର ଅଭିଯୁକ୍ତ

ବାଲିପାଟଣା/ଭୁବନେଶ୍ୱର,୨୦।୪ (ଅଭିମନ୍ୟୁ ନାୟକ)/(ସତ୍ୟଜିତ୍ ରାଉତ)

## ପ୍ରେମିକାଙ୍କ ଭାଇ, ସ୍ୱାମୀଙ୍କୁ ଫସାଇବାକୁ ଯାଇ ଫସିଲେ



ମୁଖ୍ୟ ଅଭିଯୁକ୍ତ ଦୀପ୍ତିରଞ୍ଜନ।



ସହଯୋଗୀ କାଳିଆ, ବାଘୁଲୁ।

ପ୍ରେମ ପାଇଁ ପ୍ରତିଶୋଧ ନେବାକୁ ଯାଇ ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତ ନାଟକୀୟ ଢଙ୍ଗରେ ଗୁଳିକାଣ୍ଡ ଘଟାଇଛନ୍ତି। ପ୍ରେମିକାଙ୍କ ଭାଇ ଓ ସ୍ୱାମୀଙ୍କୁ ଫସାଇବାକୁ ଯାଇ ନିଜେ ନିଜକୁ ଗୁଳି କରି ଲହୁଲୁହାଣ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଗୁଆପୁର ଗାଁର ଦୀପ୍ତିରଞ୍ଜନ ମହାପାତ୍ର ଓରଫ କୁନା (୩୩)। ତାଙ୍କ ବାମହାତରେ ଗୁଳି ବାଜିଛି। ତେବେ ତଦନ୍ତ ବେଳେ କମିଶନରେଟ୍ ପୋଲିସ ଘଟଣା ପଛର ରହସ୍ୟ ଜାଣିବାକୁ ପାଇଛି ପରେ ନିଜ ଏତଲାରେ ଗୁଳି ହୋଇଥିବା ମାମଲାରେ ଦୀପ୍ତିରଞ୍ଜନ ନିଜେ ଅଭିଯୁକ୍ତ ସାଜିଛନ୍ତି। ପୋଲିସ ଦୀପ୍ତିରଞ୍ଜନଙ୍କ ସହ ତାଙ୍କୁ ବନ୍ଧୁକ ଯୋଗାଇଥିବା ଦୁଇ ସହଯୋଗୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳର ଅମରେଶ ପ୍ରଧାନ ଓରଫ କାଳିଆ (୩୬) ଏବଂ ଭରତପୁର ଅଞ୍ଚଳର ତୋଫାନ ଶୋଭାଇ ଓରଫ ବାଘୁଲୁ (୩୩)। ପୋଲିସ ଏହି ଘଟଣାରେ ବ୍ୟବହୃତ ୯ ଏମ୍‌ଏମ୍ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ଖୋଳା, ୩ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଦୀପ୍ତିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପ୍ରେମିକାଙ୍କ ଘର ଲୋକଙ୍କ ସହ ମଧ୍ୟ ଛୋଟବେଳୁ ତାଙ୍କର ଭଲ ସମ୍ପର୍କ ଥିଲା। ସେ ପ୍ରେମିକାଙ୍କୁ କଲେଜ ଏବଂ କୋଚିଂ ସେଣ୍ଟରକୁ ନେବା ଆଣିବା କରୁଥିଲେ। ପରେ ଏହି ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଦୀପ୍ତିରଞ୍ଜନ ବିବାହ କରିବାକୁ ଚାହୁଁଥିବା ବେଳେ ପ୍ରେମିକାଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଫଳରେ ଦୀପ୍ତିରଞ୍ଜନ ନିଜ ପ୍ରେମିକାଙ୍କୁ ବଳାତ୍କାର କରିବା ସହ ତା'ର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଏତଲାକ୍ରମେ ଭୁବନେଶ୍ୱର ମହିଳା ଥାନା ପୋଲିସ ୨୦୨୪ ଜୁନ୍ ୧୦ରେ ମାମଲା (ନଂ.୧୦୪/୨୦୨୪) ରୁଜୁ କରି ୨୧ ତାରିଖରେ ଦୀପ୍ତିରଞ୍ଜନଙ୍କୁ ଗିରଫ କରିଥିଲା। ଇତିମଧ୍ୟରେ ପ୍ରେମିକାଙ୍କର ଖୋର୍ଦ୍ଧାରେ ବିବାହ ହୋଇଯାଇଥିଲା। ପୋଲିସ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ଜେଲରେ ଥିବା ଦୀପ୍ତିରଞ୍ଜନ କିଛିଦିନ ତଳେ ଜାମିନରେ ଆସିଥିଲେ। ତେବେ ପ୍ରେମିକାଙ୍କ ବିବାହ ହୋଇଯିବା ଜାଣି ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ପରେ ପ୍ରେମିକାଙ୍କ ପରିବାର ସଦସ୍ୟଙ୍କୁ ଫସାଇବାକୁ ଯୋଜନା କରିଥିଲେ। ବନ୍ଧୁକ ପାଇଁ ଅନ୍ୟଦୁଇ ଅଭିଯୁକ୍ତଙ୍କ ସାହାଯ୍ୟ ନେଇଥିଲେ। ତୋଫାନ ବନ୍ଧୁକ ଆଣିଥିବା ବେଳେ ଅମରେଶ ତାହାକୁ ଦୀପ୍ତିରଞ୍ଜନଙ୍କୁ ଦେଇଥିଲେ। ଦୀପ୍ତିରଞ୍ଜନ ଶନିବାର ରାତି ପ୍ରାୟ ୧୨ଟା ୩୦ରେ ଥାନାଠାରୁ ମାତ୍ର କିଛିଦୂରରେ ଥିବା ପ୍ରେମିକାଙ୍କ ଘର ନିକଟରେ ନିଜକୁ ଗୁଳି ମାଡ଼ କରିଥିଲେ। ପରେ ସେଠାରେ ଥିବା ତୋଫାନ ବନ୍ଧୁକ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ବିଳମ୍ବିତ ରାତିରେ ପୋଲିସ ଟିମ୍ ଆହତ ଦୀପ୍ତିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପ୍ରେମିକାଙ୍କ ସ୍ୱାମୀ ଓ ଜଣେ ସମ୍ପର୍କୀୟ ଭାଇ ଏହି ଗୁଳିମାଡ଼ କରିଥିବା ଦୀପ୍ତିରଞ୍ଜନ ଏତଲା ଦେଇଥିଲେ। ଆର୍ମସ ଆକ୍ଟ ସହ ବିଏନ୍‌ଏସ୍ ଦଫା ୧୦୯, ୩(୫)ରେ ପୋଲିସ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅତି ନିକଟରୁ ଗୁଳି ବାଜିଥିବାରୁ ହାତରେ ଥିବା କ୍ଷତସ୍ଥାନ କଳା ପଡ଼ିଯାଇଥିଲା। ଫଳରେ ପୋଲିସର ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତଦନ୍ତବେଳେ ତାଙ୍କର ପୂର୍ବ ମାମଲା ବିଷୟରେ ଜଣାପଡ଼ିଥିଲା। ସେହି ଲିଙ୍କରେ ଖୋଳତାଡ ପରେ ସେ ସବୁ ସତ ମାନିଥିଲେ। ଅନ୍ୟପକ୍ଷରେ ଦୀପ୍ତିରଞ୍ଜନ ଗିରଫ ହେବା ପରେ ତାଙ୍କ ମା' ବାସନ୍ତୀ ବାଲିପାଟଣା ଥାନା ଆଗରେ କିରୋସିନ ବୋତଲ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ବୁଝାଶୁଝା କରିବା ସହ ମୁଚାଲିକା ଲେଖାଇ ଛାଡ଼ିଥିଲା।

■ ମୁଖ୍ୟ ଅଭିଯୁକ୍ତ କୁନାଙ୍କ ସହ ୩ ଗିରଫ; ବନ୍ଧୁକ, ଗୁଳି ଜବତ
■ ଥାନା ଆଗରେ ଆତ୍ମହତ୍ୟା ଉଦ୍ୟମ କଲେ ଅଭିଯୁକ୍ତଙ୍କ ମା'

# ଠାକୁରମୁଣ୍ଡାରୁ ଅପହୃତ ଶିଶୁକନ୍ୟା ଯାଜପୁରରୁ ଉଦ୍ଧାର

ଯାଜପୁର/ଯାଜପୁର ରୋଡ଼ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)/ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୨୦।୪

■ ୨ ଅଭିଯୁକ୍ତ ଗିରଫ, ଠାକୁରମୁଣ୍ଡା ଥାନା ପୋଲିସକୁ ହସ୍ତାନ୍ତର
■ ସହଯୋଗର ହାତ ବଢ଼ାଇଲା ଯାଜପୁରରୋଡ଼ କିନ୍ନର ସଂଘ



ଛଦ୍ମବେଶୀ କିନ୍ନର ଲିପୁ ନାୟକ(ବାମ) ଓ ତାଙ୍କ ସହଯୋଗୀ।



କିନ୍ନର ସଂଘ ସମ୍ପାଦିକା ଲବଲି ସାହୁଙ୍କ କୋଳରେ ଉଦ୍ଧାର ଶିଶୁ କନ୍ୟା।

ଯାଜପୁର ଜିଲା ଯାଜପୁର ରୋଡ଼ ଥାନା ଅଞ୍ଚଳର କାଚହୁଡ଼ି ସାହିରୁ ରବିବାର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳରୁ ଅପହୃତା ୪ ବର୍ଷର ଶିଶୁ କନ୍ୟାଙ୍କୁ ପୋଲିସ ଉଦ୍ଧାର କରିଛି। ଯାଜପୁରରୋଡ଼ କିନ୍ନର ସଂଘ ଶାନ୍ତିସେନାର କର୍ମକର୍ତ୍ତାଙ୍କ ସହଯୋଗରେ ଯାଜପୁର ରୋଡ ଥାନା ପୋଲିସ ୨ ଛଦ୍ମବେଶୀ କିନ୍ନର ଅପହରଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଲିପୁ ନାୟକ ଓ ରାମଚନ୍ଦ୍ରପୁରର ନିରଞ୍ଜନ ରାଉଳ। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ମଲାଟପଦା ଗ୍ରାମର ସିପି ପାତ୍ର ତାଙ୍କ ୪ ବର୍ଷର ଝିଅକୁ ଧରି ଠାକୁରମୁଣ୍ଡାଠାରେ ଚାଲିଥିବା ଉଡ଼ାପର୍ବ ଦେଖିବାକୁ ଆସିଥିଲେ। ଭିଡ଼ଯୋଗୁ ରାତି ପ୍ରାୟ ୧୦ଟା ସମୟରେ ତାଙ୍କଠାରୁ ଝିଅ ଅଲଗା ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ପିଲାଟିର କୌଣସି ପତ୍ତା ମିଳି ନ ଥିଲା। ଏନେଇ ସିପି ୧୮ ତାରିଖରେ ଠାକୁରମୁଣ୍ଡା ଥାନାରେ ତାଙ୍କ ଝିଅ ନିଖୋଜ ହୋଇଯାଇଥିବା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ପୋଲିସ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ.୩୮/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଏହି ଯାଞ୍ଚ ସମୟରେ ଜଣେ କିନ୍ନର ଶ୍ରୀଲକ୍ଷ୍ମୀ ନାମକ ଏକ ବସ୍‌ରେ ଝିଅଟିକୁ ସାଙ୍ଗରେ ନେଇ ଯାଉଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଠାକୁରମୁଣ୍ଡା ପୋଲିସ ସେହି ଭିଜୁଆଲକୁ ସାର୍ବଜନୀନ କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲା। ଠାକୁରମୁଣ୍ଡା, କରଞ୍ଜିଆ ଓ କେନ୍ଦୁଝରର ବିଭିନ୍ନ ସ୍ଥାନରେ ପୋଲିସ୍ ଟିମ୍ ତଦନ୍ତ ଆରମ୍ଭ କରି ୨ ଅପହରଣକାରୀ ଯାଜପୁରରୋଡ଼ ଯାଇଥିବା ଜାଣିବାକୁ ପାଇଥିଲା। ଠାକୁରମୁଣ୍ଡା ପୋଲିସ ପାଲଲହଡା କିନ୍ନର ସଂଘ ଜରିଆରେ ଯାଜପୁରରୋଡ଼ କିନ୍ନର ସଂଘ ସହ ଯୋଗାଯୋଗ କରିଥିଲା। ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳାଇ ଯାଜପୁର କିନ୍ନର ସଂଘର ସଭାନେତ୍ରୀ କାଜଲ ନାୟକ ଓ ସମ୍ପାଦକ ଲବ୍‌ଲି ସାହୁଙ୍କ ସହ ଯୋଗାଯୋଗ କରି ସେମାନଙ୍କ ସାହାଯ୍ୟ ଲୋଡ଼ିଥିଲେ। କାଜଲ ଓ ଲବ୍‌ଲି ଖୋଜାଖୋଜି କରିବା ପରେ ଯାଜପୁରରରୋଡ଼ ୮ନଂ. ୱାର୍ଡ କାଚହୁଡ଼ି ସାହିରେ ଅପହୃତା ଶିଶୁକନ୍ୟାଙ୍କୁ ଧରି ୨ କିନ୍ନର ରହୁଥିବା ଜାଣିବାକୁ ପାଇଥିଲେ। ଏହାପରେ ସେମାନେ କାଚହୁଡ଼ି ସାହିର ଏକ ପରିତ୍ୟକ୍ତ ଘରୁ ୨ ପୁରୁଷ କିନ୍ନରଙ୍କ ସହ ଉକ୍ତ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଯାଜପୁର ରୋଡ଼ ଥାନା ପୋଲିସ ଜିମା ଦେଇଥିଲେ। ଯାଜପୁରରୋଡ଼ ପୋଲିସ ଅପହରଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଠାକୁରମୁଣ୍ଡା ପୋଲିସକୁ ସନ୍ଧ୍ୟାରେ ହସ୍ତାନ୍ତର କରିଥିବା ଯାଜପୁରରୋଡ଼ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ବିଭିନ୍ନ ଅପରାଧ ଘଟାଇ କିନ୍ନରମାନଙ୍କୁ ବଦନାମ କରୁଥିବା ଏଭଳି ଛଦ୍ମବେଶୀ କିନ୍ନରମାନଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର କିନ୍ନର ସଂଘ ସଭାନେତ୍ରୀ କାଜଲ ଅନୁରୋଧ କରିଛନ୍ତି।

ଗତ କିଛି ଦିନତଳେ ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତା ମା'କୋଳରୁ ଦେଢ଼ ବର୍ଷର ଶିଶୁପୁତ୍ରକୁ ଅପହରଣ ପରେ ଉଦ୍ଧାର ହେବା ଘଟଣା ମନରୁ ନ ଲିଭୁଣୁ ଏଭଳି ଆଉ ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରେମ ପ୍ରତାରଣା: କଲେଜ ଅଧ୍ୟକ୍ଷ ଗିରଫ

କୁଚିଣ୍ଡା,୨୦।୪(ବିରଞ୍ଚି ଦର୍ବା)



ଗିରଫ ଡିଲେଶ୍ୱର ବେହେରା

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ଶେଷରେ ପ୍ରତାରଣା କରିବା ଅଭିଯୋଗରେ କହ୍ଲେଇପାଲି ଯୁକ୍ତ୨ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା(୫୮)ଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଏତଲାକ୍ରମେ କୁଚିଣ୍ଡା ଥାନାରେ ଏକ ମାମଲା(ନଂ.୮୧/୨୫) ରୁଜୁ କରି ପୋଲିସ ଅଭିଯୁକ୍ତ କଲେଜ ଅଧ୍ୟକ୍ଷ କୁର୍ମିମୁଣ୍ଡାର ଡିଲେଶ୍ୱରଙ୍କୁ ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କହ୍ଲେଇପାଲି ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ ୨କଲେଜ ଅଧ୍ୟକ୍ଷ ଡିଲେଶ୍ୱର ନିଜ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ଦୀର୍ଘ ବର୍ଷ ହେବ ପ୍ରେମ ସମ୍ପର୍କ ରଖିଥିଲେ। ପୁନଃ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଜାଣିବା ପରେ ମହିଳାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି କାରଣରୁ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ି ଦେଇଥିଲେ। ତେଣୁ ମହିଳା ଜଣକ ଅନନ୍ୟୋପାୟ ହୋଇ ଡିଲେଶ୍ୱରଙ୍କୁ ବିବାହ ପାଇଁ ଜିଦ୍ କରିଥିଲେ। ହେଲେ ସେ ବିବାହ କରିବା ପାଇଁ ମନା କରିଦେଇଥିଲେ। କଥା ଆଗକୁ ବଢାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ପରଠାରୁ ଅଧ୍ୟକ୍ଷ ତାଙ୍କ ମୋବାଇଲ ସୁଇଚ ଅଫ କରିଦେଇଥିଲେ। ଏହାପରେ ପୀଡିତା ମହିଳା ଜଣକ ଗତ ଗୁରୁବାର କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଶନିବାର ତାଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା।

## Business

# ଗ୍ରେଟ୍ ଇଷ୍ଟର୍ନ ରିଟେଲର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଉଦ୍‌ଘାଟିତ

**ଟଙ୍କପାଣି ରୋଡରେ ବ୍ରାଣ୍ଡ୍‌ର ୯ମ ଷ୍ଟୋର**

ଭୁବନେଶ୍ୱର, ୨୦।୪: (ଅଭୟ ଦାଶ)



ଭୁବନେଶ୍ୱରର ଟଙ୍କପାଣି ରୋଡରେ ନବନିର୍ମିତ ଗ୍ରେଟ ଇଷ୍ଟର୍ନ ରିଟେଲର ଏକ୍ସକ୍ଲୁସିଭ ଆଉଟଲେଟକୁ ଗ୍ରେଟ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଏମଡି ନିର୍ମଳ କୁମାର ବୈଦଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରୁଛନ୍ତି। ଏହି ଅବସରରେ ଗ୍ରେଟ ଇଷ୍ଟର୍ନ ରିଟେଲର କ୍ଲଷ୍ଟର ହେଡ ସେଖ୍ ରିଆଜ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ରିଟେଲ ବ୍ରାଣ୍ଡ ତଥା ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡ (ଗ୍ରେଟ୍ ଇଷ୍ଟର୍ନ ରିଟେଲ)ର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଭୁବନେଶ୍ୱରର ଟଙ୍କପାଣି ରୋଡରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡ୍‌ର ଏହା ୯ମ ଏବଂ ଭୁବନେଶ୍ୱର ଅଞ୍ଚଳର ୩ୟ ସର୍ବବୃହତ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଏମ୍‌ଡି ନିର୍ମଳ କୁମାର ବୈଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଅଞ୍ଚଳ ମୁଖ୍ୟ (କ୍ଲଷ୍ଟର ହେଡ୍) ସେଖ୍ ରିଆଜ ଏବଂ ଶାଖା ମୁଖ୍ୟ (ବିଏମ୍) ରାଜେଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୪୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ିଉଠିଥିବା ଏହି ନୂତନ ଷ୍ଟୋରରେ ଏଲ୍‌ଜି, ଭୋଲଟାସ୍, ପାନାସୋନିକ, ସାମ୍‌ସଙ୍ଗ, ଲଏଡ, ଗୋଦରେଜ, ଡାଇକିନ, ଆଇଏଫବି, ହାଏର, ହୁଇଲପୁଲ ଭଳି ପ୍ରମୁଖ ବ୍ରାଣ୍ଡ୍‌ର ଅତ୍ୟାଧୁନିକ ଏୟାରକଣ୍ଡିଶନର (ଏସି), ରେଫ୍ରିଜରେଟର, ୱାଶିଂ ମେଶିନ, ଟେଲିଭିଜନ (ଟିଭି),ଏୟାରକୁଲର (କୁଲର), ଡିପ୍ରିଜର, ମାଇକ୍ରୋଓଭନ, ୱାଟର ପ୍ୟୁରିଫାୟାର ଭଳି ସମସ୍ତ ପ୍ରକାର ଗୃହୋପଯୋଗୀ ସାମଗ୍ରୀ ଉପଲବ୍ଧ। ସେହିଭଳି ଉଦ୍‌ଘାଟନୀ ଉତ୍ସବରେ ବ୍ରାଣ୍ଡ୍ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଆହୁରି ଅନେକ ସୁବିଧା ଗ୍ରାହକଙ୍କୁ ଯୋଗାଇଦିଆଯାଉଛି। ବିଶେଷକରି ପ୍ରତି କ୍ରୟ ଉପରେ ୪୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍ ବ୍ୟାକ୍ ସହିତ ଷ୍ଟୋରରୁ ୧୦୦ କି.ମି. ମଧ୍ୟରେ ଡେଲିଭରି ମାଗଣା ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଏମ୍‌ଡି ନିର୍ମଳ କୁମାର ବୈଦ କହିଥିଲେ, ଆମେ ଆମର ନୂତନ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଗାମୀ ଦିନରେ ଆହୁରି ଅନେକ ନୂତନ ଷ୍ଟୋରର ଶୁଭାରମ୍ଭ ସହିତ ଗୁଣାତ୍ମକ ସେବା ଓ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ୨୦୨୫-୨୬ ଆର୍ଥିକ ବର୍ଷରେ ଆଉ ୧୦ଟି ନୂତନ ଷ୍ଟୋରର ଶୁଭାରମ୍ଭ ପାଇଁ ଯୋଜନା କରାଯାଇଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ବଜାରରେ ଏସ୍‌ର ରେଞ୍ଜ

ଭୁବନେଶ୍ୱର,୨୦।୪

ଇଣ୍ଡକାଲ ଟେକ୍ନୋଲୋଜିଜ୍‌ର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ତଥା ଏସ୍‌ର ବ୍ରାଣ୍ଡ ଅଧୀନରେ ୨ଟି ମଡେଲ (ଏସ୍‌ର ସୁପର ଜେଡଏକ୍ସ ଏବଂ ଏସ୍‌ର ସୁପରଜେଡ ଏକ୍ସ ପ୍ରୋ) ବା ଏସ୍‌ର ରେଞ୍ଜର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅପରପକ୍ଷରେ ଏସ୍‌ର ଇନ କର୍ପୋରେଟେଡ଼ ସହିତ ଟ୍ରେଡମାର୍କ ଲାଇସେନ୍ସ ଚୁକ୍ତିବଦ୍ଧ ହୋଇ ବ୍ରାଣ୍ଡର ଏହି ଦୁଇଟି ସ୍ମାର୍ଟଫୋନ ତଥା ସୁପରଜେଡ ଏକ୍ସ ଶୃଙ୍ଖଳର ଦୁଇଟି ମଡ଼େଲକୁ ଭର୍ଚୁଆଲ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଛି। ଏ ସମ୍ପର୍କରେ ଇଣ୍ଡକାଲ ଟେକ୍ନୋଲଜିଜର ସିଇଓ ଆନନ୍ଦ ଦୁବେ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ତଥା ରେଞ୍ଜକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଇଣ୍ଡକାଲ ଇତିହାସରେ ଆମ ପାଇଁ ଏକ କୀର୍ତ୍ତିମାନ ସ୍ଥାପନର ଦିବସ ଅଟେ, ଯାହା ସହିତ ଆମେ ଏକ ଶୁଭାରମ୍ଭ କରି ଆମର ଏକ ବିରାଟ ଗ୍ରାହକ ମଞ୍ଚକୁ ଉନ୍ନତମାନର ଉତ୍ପାଦନର ଶ୍ରେଣୀ ପ୍ରଦାନ କରିପାରିଛୁ।

# ବଜାରରେ ଏପ୍ରିଲିଆ ଟୁଓନୋ ୪୫୭



ଭୁବନେଶ୍ୱରର ଗଜପତି ନଗରସ୍ଥିତ ହିନ୍ଦୁସ୍ଥାନ ହୁଇଲସ ଶୋ'ରୁମ୍‌ରେ ଏପ୍ରିଲିଆ ଟୁଓନୋ୪୫୭ର ଅନାବରଣ ହୋଇଯାଇଛି। ଏହି ଅବସରରେ ପିଆଜିଓ ଭେହିକଲ୍ସ ପ୍ରାଇଭେଟ ଲିମିଟେଡର ଆର୍‌ଏମ୍ (ଓଡ଼ିଶା ୟୁନିଟ୍) ରାହୁଲ କୀର୍ତ୍ତି ଏବଂ ହିନ୍ଦୁସ୍ଥାନ ହୁଇଲ୍‌ସର ଏମ୍‌ଡି ଅକ୍ଷୟ ହଂସ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୦।୪

ଏପ୍ରିଲିଆର ବହୁ ପ୍ରତୀକ୍ଷିତ 'ଏପ୍ରିଲିଆ ଟୁଓନୋ୪୫୭'ର ଅନାବରଣ ନିକଟରେ ହୋଇଯାଇଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ହିନ୍ଦୁସ୍ଥାନ ହୁଇଲସ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ପିଆଜିଓ ଭେହିକଲ୍ସ ପ୍ରାଇଭେଟ ଲିମିଟେଡର ଆର୍‌ଏମ୍ (ଓଡ଼ିଶା ୟୁନିଟ) ରାହୁଲ କୀର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ହିନ୍ଦୁସ୍ଥାନ ହୁଇଲସ ଏମଡି ଅକ୍ଷୟ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପିଆଜିଓ ଭେହିକଲ୍ସ ପ୍ରାଇଭେଟ ଲିମିଟେଡର ଇଭିପି ଅଜୟ ରଘୁବଂଶୀ କହିଛନ୍ତି, ଓଡିଶା ବଜାରରେ ଆମେ ଆମର ନୂତନ ମଡେଲ ତଥା ଏପ୍ରିଲିଆ ଟୁଓନୋ୪୫୭କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ ଉତ୍ସାହିତ ଅଛୁ।

# ଭୁବନେଶ୍ୱରରେ ଇଣ୍ଡିଆନ୍ ବ୍ୟାଙ୍କର ମେଗା ଏସ୍‌ଏଚ୍‌ଜି କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମ



ଏସ୍‌ଏଚ୍‌ଜି ମହିଳାଙ୍କୁ ଅର୍ଥ ସଚିବ ଏମ୍. ନାଗରାଜୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରୁଛନ୍ତି। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୦।୪

ଇଣ୍ଡିଆନ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା ଏସ୍‌ଏଚ୍‌ଜି କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମ ରବିବାର ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ସଚିବ ଏମ୍ ନାଗରାଜୁ, ଇଣ୍ଡିଆନ୍ ବ୍ୟାଙ୍କର ପ୍ରବନ୍ଧ ନିର୍ଦ୍ଦେଶକ ତଥା ସିଇଓ ବିନୋଦ କୁମାର ଏବଂ ଇଣ୍ଡିଆନ୍ ବ୍ୟାଙ୍କର ପ୍ରଶାସନିକ ନିର୍ଦ୍ଦେଶକ ମହେଶ କୁମାର ବଜାଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୋଟ ୯୯୬୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦୯.୯୧ କୋଟି ଟଙ୍କାର ଋଣ ମଞ୍ଜୁରୀପତ୍ର ପ୍ରଦାନ ସହ ତୃଣମୂଳସ୍ତରର ମହିଳା ଉଦ୍ୟୋଗୀମାନଙ୍କୁ ଠିକ୍ ସମୟରେ ଏବଂ ପରିବର୍ତ୍ତନମୂଳକ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

# ମାଲାବାରର ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୨୦।୪

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ବହୁ ପ୍ରତୀକ୍ଷିତ 'ଅକ୍ଷୟ ତୃତୀୟା' ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ଭୁବନେଶ୍ୱରସ୍ଥିତ ସହିଦ ନଗର ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର କଲେକ୍ସନ 'ଡିଭାଇନ'ର ଅନାବରଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଭିନେତ୍ରୀ ଦେବଯାନୀ ଦେଘୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ କଲେକ୍ସନ ଓ କ୍ୟାମ୍ପେନ (ଅଭିଯାନ)ର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରିତ ଅତିଥିଙ୍କ ସମେତ ମାଲାବାରର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଅକ୍ଷୟ ତୃତୀୟା ଉପଲକ୍ଷେ ମାଲାବାରର ସହିଦ ନଗର ଶୋରୁମରେ ଡିଭାଇନ କଲେକ୍ସନକୁ ଅଭିନେତ୍ରୀ ଦେବଯାନୀ ଦେଘରିଆ ଅନାବରଣକରୁଛନ୍ତି। ଏହି ଅବସରରେ ନିମନ୍ତ୍ରିତ ଅତିଥିଙ୍କ ସମେତ ମାଲାବରର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ମାଲାବାରର ଏହି ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫରରେ ଗ୍ରାହକମାନଙ୍କୁ ସୁନା ଗହଣାର ଗଢା ମଜୁରି ଉପରେ ୨୫% ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଥିଲାବେଳେ ହୀରା ଗହଣାର ମେକିଂ ଚାର୍ଜ ଉପରେ ଫ୍ଲାଟ ୨୫%ର ରିହାତି ପ୍ରଦାନ କରାଯାଉଛି। ଏଥି ସହିତ ଆଡଭାନ୍ସ ବୁକିଂ ଉପରେ ମାଗଣା ରୁପା ମୁଦ୍ରା ପ୍ରଦାନ କରାଯାଉଛି। ଏପରିକି ଗ୍ରାହକମାନେ ମୋଟ ମୂଲ୍ୟର ସର୍ବନିମ୍ନ ୧୦% ଅର୍ଥ ଦେଇ ସେମାନଙ୍କର ପସନ୍ଦର ଗହଣା ବୁକିଂ କରିପାରିବେ।

ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର ବହୁ ପ୍ରତୀକ୍ଷିତ ଅକ୍ଷୟ ତୃତୀୟା ଅଫରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଏହି ଅବସରରେ ଅଦ୍ୱିତୀୟ ମୂଲ୍ୟ ଏବଂ ଡିଜାଇନର ଗହଣାଗୁଡିକୁ ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇଛୁ। ଚଳିତ ବର୍ଷର ଅକ୍ଷୟ ତୃତୀୟା ଉତ୍ସବକୁ ଅଧିକ ସ୍ୱତନ୍ତ୍ର କରିବା ପାଇଁ ମାଲାବାର ପକ୍ଷରୁ ସବୁ ପ୍ରକାରର ପ୍ରୟାସ କରାଯାଇଛି।

# ସରକାରଙ୍କ ଫ୍ଲାଗ୍‌ଶିପ ଯୋଜନାର ସମୀକ୍ଷା ବୈଠକ

ଭୁବନେଶ୍ୱର,୨୦।୪

ଦେଶବାସୀଙ୍କ ଉଦ୍ଦେଶ୍ୟରେ ସରକାର ପ୍ରଚଳନ କରିଥିବା ବିଭିନ୍ନ ଫ୍ଲାଗଶିପ ଯୋଜନାର ଏକ ସମୀକ୍ଷା ବୈଠକ ଭୁବନେଶ୍ୱରର ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁଙ୍କ ଦ୍ୱାରା ଏସି, ସିଡି ରେସିଓ, ସାମାଜିକ ସୁରକ୍ଷା ଯୋଜନା ଏବଂ ସରକାରଙ୍କ ବିଭିନ୍ନ ଫ୍ଲାଗଶିପ ଯୋଜନାର ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରଧାନ ସଚିବ, ଆର୍‌ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ, ସିଡିବିର ସିଏମ୍‌ଡି, ୟୁକୋ ବ୍ୟାଙ୍କର ଏମ୍‌ଡି ଏବଂ ସିଇଓ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପିଏନ୍‌ବି, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଆଇଓବି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ସହ ନାବାର୍ଡର ଡେପୁଟି ଏମ୍‌ଡି ମଧ୍ୟ ଯୋଗ ଦେଇଥିଲେ। ସେହିପରି ସାମାଜିକ ସୁରକ୍ଷା ଯୋଜନା, ସିଏସ୍ ପ୍ଲସ୍‌ରେ ରାଜ୍ୟ ସରକାରଙ୍କ ସହଯୋଗ ଇତ୍ୟାଦି ବିଭିନ୍ନ ସଫଳତାରେ ଏସ୍‌ଏଲ୍‌ବିସିର କାର୍ଯ୍ୟକଳାପକୁ ଏମ୍. ନାଗରାଜୁ ପ୍ରଶଂସା କରିବା ସହିତ ଗତ କିଛି ବର୍ଷ ଧରି ଓଡ଼ିଶାରେ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ବୃଦ୍ଧି କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ। ତତ୍‌ସହିତ ଗୃହ ଋଣ ଏବଂ ଶିକ୍ଷା ଋଣ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଅଧିକ କାର୍ଯ୍ୟ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଦ୍‌ଘାଟନୀରେ କେରଳ ବ୍ଲାଷ୍ଟର୍ସ ବିଜୟୀ



କଳିଙ୍ଗ ଷ୍ଟାଡିୟମରେ ରବିବାର କେରଳ ବ୍ଲାଷ୍ଟର୍ସ ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଅବସରରେ ଅତିଥିଭାବେ ଯୋଗ ଦେଇଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂ।

**ଭୁବନେଶ୍ୱର, ୨୦।୪ (ଅନାଦି କର)**

କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି। ଏହି ବିଜୟ ସହ କେରଳ ବ୍ଲାଷ୍ଟର୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କେରଳ ବ୍ଲାଷ୍ଟର୍ସ ଆସନ୍ତା ୨୬ ତାରିଖରେ ହେବାକୁ ଥିବା କ୍ୱାର୍ଟର ଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। ଟୁର୍ନାମେଣ୍ଟର ପ୍ରଥମ ଦିନରେ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ।

୪ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଖେଳାଯାଇଥିବା ମ୍ୟାଚ୍‌ଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧର ୩୮ତମ ମିନିଟରେ ଇଷ୍ଟ ବେଙ୍ଗଲର ଅନଓ୍ୱର ଅଲୀ ପ୍ରତିପକ୍ଷ ଦଳର ଫରଓ୍ୱାର୍ଡ ନୋଆ ଓ୍ୱେଲ ସାଦୌଇଙ୍କୁ ଗୋଲ ପୋଷ୍ଟ ନିକଟରେ ଫାଉଲ ମାରିଥିଲେ। ଏଥିଯୋଗୁ କେରଳ ବ୍ଲାଷ୍ଟର୍ସଙ୍କୁ ଏକ ପେନାଲ୍ଟି ମିଳିଥିଲା। ପ୍ରଥମ ପେନାଲ୍ଟି ସୁଯୋଗ ବେକାର ଯିବା ପରେ ଦ୍ୱିତୀୟ ପେନାଲ୍ଟିକୁ ଜେସସ ଜିମେନେଜ ନୁନେଜ ଗୋଲରେ ପରିଣତ କରିଥିଲେ। ଏହି ଗୋଲ ଯୋଗୁ ପ୍ରଥମାର୍ଦ୍ଧରେ କେରଳ ବ୍ଲାଷ୍ଟର୍ସ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୬ତମ ମିନିଟରେ ନୁନେଜ ଦ୍ୱିତୀୟ ଗୋଲ କରିଥିଲେ। ହେଲେ ଏହାକୁ ଆସିଷ୍ଟାଣ୍ଟ ରେଫରୀ ଅଫ୍ ସାଇଡ୍ ଦର୍ଶାଇଥିଲେ। ଏହାର ୮ ମିନିଟ ପରେ ନୋଆ ସାଦୌଇ ଏକ ଦର୍ଶନୀୟ ଫିଲ୍ଡ କରିଥିଲେ। ଫଳରେ ଦଳର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ୭୩ତମ ମିନିଟରେ କେରଳ ବ୍ଲାଷ୍ଟର୍ସ ଦଳର ନୂଆ ମୁଖ୍ୟ କୋଚ୍ ଡେଭିଡ କାଟାଲାଙ୍କୁ ଟେକନିକାଲ ବକ୍ସ

**କଳିଙ୍ଗ ସୁପର କପ୍**

ବାହାରେ ପାଦ ରଖିବା ପାଇଁ ରେଫରୀ ୟେଲୋ କାର୍ଡ ପ୍ରଦାନ କରିଥିଲେ। ମ୍ୟାଚର ଇଞ୍ଜୁରୀ ଟାଇମ୍‌ରେ ନୋଆ ଗୋଲ ସ୍କୋର କରିବାର ଆଉ ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ। ଇଷ୍ଟ ବେଙ୍ଗଲର ଖେଳାଳିମାନେ ପୂରା ମ୍ୟାଚ୍‌ରେ ସ୍କୋର କରିବା ଲାଗି ଅନେକ ସୁଯୋଗ ସୃଷ୍ଟି କରିଥିଲେ। ହେଲେ ପ୍ରତ୍ୟେକ ଥର କେରଳ ଗୋଲକିପର ସଚିନ ଏ ସୁରେଶ ପ୍ରତିପକ୍ଷ ଇଷ୍ଟ ବେଙ୍ଗଲର ଖେଳାଳିଙ୍କୁ ନିରାଶ କରିଥିଲେ।



ରବିବାର କେରଳ ବ୍ଲାଷ୍ଟର୍ସ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ କଳିଙ୍ଗ ସୁପର୍‌କପ୍ ଫୁଟ୍‌ବଲ ମ୍ୟାଚ୍। (ଫଟୋ: ବିକାଶ ନାୟକ)

# ଟଙ୍କଧର ଫାଓ ସଭାପତି ନିର୍ବାଚିତ

**ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)**

ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ନୂଆ ସଭାପତି ହୋଇଛନ୍ତି। ପୂର୍ବତନ ସଭାପତି ସମିର ଦେଙ୍କ ପରଲୋକ ପରେ ଏହି ସ୍ଥାନ ଫାଙ୍କା ରହିଥିଲା। ସଭାପତି ନିର୍ବାଚନ ପାଇଁ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ କନ୍‌ଫରେନ୍ସ ହଲ୍‌ରେ ଫାଓର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଟଙ୍କଧର ନିର୍ବିବାଦରେ ସଭାପତି ନିର୍ବାଚିତ ହୋଇଥିଲେ। ଉପେନ୍ଦ୍ର କୁମାର ଦାସ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଫାଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ନୂଆ ସଭାପତିଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଟଙ୍କଧରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଫାଓର ନୂଆ ସଭାପତି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ)

**ଏଫ୍‌ସି ଗୋଆ**
**ବନାମ**
**ଗୋକୁଲମ କେରଳ**
ସମୟ: ଅପରାହ୍ଣ ୪.୩୦

**ଓଡ଼ିଶା ଏଫ୍‌ସି**
**ବନାମ**
**ପଞ୍ଜାବ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ**
**ଗୁଜରାଟ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବିଜୟରେ ମୁମ୍ବାଇର ହ୍ୟାଟ୍ରିକ

**ମୁମ୍ବାଇ, ୨୦।୪**

ଓ୍ୱାଙ୍ଖଡେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୯ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଶିବମ ଦୁବେ ଓ ରବୀନ୍ଦ୍ର ଜାଡେଜା ଅର୍ଦ୍ଧଶତକ ସହାୟତାରେ ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୬ ରନ କରିଥିଲା। ୧୭୭ ରନ ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୫.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ର୍‌ୟାନ ରିକେଲଟନ ୨୪ ରନକରି ଆଉଟ ହୋଇଥିବାବେଳେ ରୋହିତ ଶର୍ମା ୪୫ ବଲ୍‌ରୁ ୭୬ (୪ ଚୌକା, ୬ ଛକା) ଓ ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରୁ ୬୮ (୬ ଚୌକା, ୫ ଛକା) ରନରେ ଅପରାଜିତ ରହିଥିଲେ। କ୍ରମାଗତ ୩ ମ୍ୟାଚ ଜିତି ମୁମ୍ବାଇ ବିଜୟରେ ହ୍ୟାଟ୍ରିକ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ପକ୍ଷରୁ ମାତ୍ର ୧୭ ବର୍ଷରେ ଆଇପିଏଲ୍ ପଦାର୍ପଣ କରିଥିବା ଆୟୁଷ ମାହାତ୍ରେ ୧୫ ବଲ୍‌ରୁ ୩୨ (୪ ଚୌକା, ୨ ଛକା) ରନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଦୁବେ ୩୨ ବଲ୍‌ରୁ ୫୦ (୨ ଚୌକା, ୪ ଛକା) ଓ ଜାଡେଜା ୫୩* (୩୫ ବଲ, ୪ ଚୌକା, ୨ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୨ଟି ଏବଂ ଦୀପକ ଚହର, ଅଶ୍ୱିନୀ କୁମାର ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୬/୫ (ରବୀନ୍ଦ୍ର ଜାଡେଜା-୫୩*, ଶିବମ ଦୁବେ-୫୦, ଆୟୁଷ ମାହାତ୍ରେ-୩୨, ଯଶପ୍ରୀତ୍ ବୁମ୍‌ରା-୨/୨୫, ଦୀପକ ଚହର-୧/୩୨, ଅଶ୍ୱିନୀ କୁମାର-୧/୪୨, ମିଚେଲ ସାଣ୍ଟନର-୧/୧୪)। ମୁମ୍ବାଇ ଇଣ୍ଡିଆନ୍ସ ୧୫.୪ ଓଭରରେ ୧୭୭/୧ (ରୋହିତ ଶର୍ମା-୭୬*, ସୂର୍ଯ୍ୟକୁମାର ଯାଦବ-୬୮*, ରବୀନ୍ଦ୍ର ଜାଡେଜା-୧/୨୮)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |


# Classified Everyday
**0674-2580101, 9692975378**



**REAL ESTATE**

**SALE**

**Bhubaneswar** ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ୍-୨ ନିକଟରେ ଘରବାରୀ ପ୍ଲଟ୍ **1250/sqft.** ରେ ବିକ୍ରୟ କରାଯାଉଛି। **Whatsapp: 9437011506, 6371462496.** D-238

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




**Full body massage experience, good looking therapist @999 (Bhubaneswar). 9078484455.** D-152

Positively health benefited SPA by expert female therapist, Bapujinagar. 8328803811. D-76909

Full body massage by experience therapist with homely atmosphere. 9114559860. D-76910

Full body massage by odia therapist in homely Atmosphere. 9556498382. D-75380

**LOST**

I, RIMSHA MAHAPATRA, aged about 18 years, D/o- Purna Chandra Mahapatra of Vill-P.O.- Kandasar, P.S.- Nalconagar, Dist.- Angul, do here with inform you that my Original Class-X, Mark Sheet was lost on 13.04.2025 at around 6.00 P.M. at Xerox Shop, Nalco- Cooperative Market Complex at Nalconagar, Angul. D-237

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

ଆମ୍ଭେ ଶ୍ରୀମତୀ ମୀନା ମଲ୍ଲିକ, ଆଲିଆସ୍ ମୀନା, ବୟସ ୬୬ ବର୍ଷ, ସ୍ୱାମୀ Late ନାଗମଣି ମଲ୍ଲିକ । ମୋର ସମସ୍ତ Office କାର୍ଯ୍ୟାଳୟରେ ମୋର ସ୍ୱାମୀଙ୍କ ନାମ ଅବସ୍ଥାପିତ ହୋଇଅଛି, କିନ୍ତୁ ମୋର ଆଧାର କାର୍ଡରେ ସ୍ୱାମୀଙ୍କ ନାମ ପରିବର୍ତ୍ତେ ପିତାଙ୍କ ନାମ ରହିଅଛି। ତେଣୁ ମୁଁ ଘୋଷଣା କରୁଛି କି, ଆଧାର କାର୍ଡରେ ମୋର ପିତାଙ୍କ ନାମ ଉଚ୍ଛେଦ କରାଯାଇ ତା' ପରିବର୍ତ୍ତେ ମୋର ସ୍ୱାମୀଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉ।
ଆପଣଙ୍କର ବିଶ୍ୱସ୍ତ ମୀନା ମଲ୍ଲିକ, ଆଲିଆସ୍ ମୀନା ଧ-୨୪୦

By virtue of an affidavit sworn before Executive Magistrate, Bonth, dated 05. 04. 2025, I, Rinarani Malik (35 yrs), W/o- Arjun Malik, Vill: Kumbhakaral, P.O.- Padhanpada, P.S.- Bonth, Dist.- Bhadrak, PIN- 756114, Odisha declare that I have changed my daughter's name from Adyasha Mallick to Adyasha Malik and Date of Birth from 25.01.2012 to 26.01.2012. Henceforth, she shall be known as Adyasha Malik for all purposes. D-242

Affidavit No.- 503/11.03.2025, sworn before in the Court of Sri R.N.Maharana, Executive Magistrate, Delang, I, DAMODAR JENA, ALIAS DAMA JENA, ALIAS DAMBARUDHAR JENA, aged about 81 years, S/o- Late Paramananda Jena of Village- Sauria Samil Kuapada, P.O.- Ghoradia, P.S.- Delang, Dist.- Puri, Aadhaar No.- xxxx xxxx 4451, do hereby declare that my self Damodar Jena, Dama Jena and Dambarudhar Jena, S/o- Paramananda Jena of above said address is one and same person in our locality. D-236

By virtue of an affidavit sworn before Executive Magistrate, Bhadrak, dated 17.04.2025, I, Parbati Prava Bal, W/o- Aparti Charan Bal, Vill/P.O.- Ghatapur, P.S.- Chandabali, Dist.- Bhadrak, PIN- 756131, Odisha declare that I have changed my name from Parbati Bal to Parbati Prava Bal. Henceforth, I shall be known as Parbati Prava Bal for all purposes. D-241


# ୧୩ ଜଣିଆ ଆଥଲେଟ କମିଶନ ଗଠିତ

**ଭୁବନେଶ୍ୱର, ୨୦।୪ (ବିଜୟ ରଣା)**

ନବ ନିର୍ବାଚିତ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକସ୍ଥିତ ଓସିଏ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱୀକୃତିପ୍ରାପ୍ତ ସମସ୍ତ ଜିଲା ଆଥଲେଟିକ୍ ଆସୋସିଏଶନ ଓ ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦକଗଣ ଯୋଗଦାନ କରିଥିଲେ। ଏଥିରେ ଆସୋସିଏଶନଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଓଓଏର କାଉନ୍‌ସିଲ ବୈଠକ ବସିଥିଲା। ଏଥିରେ ୧୩ ଜଣ ସଦସ୍ୟ ବିଶିଷ୍ଟ ଆଥଲେଟ କମିଶନ ଗଠନ କରାଯାଇଥିଲା। ଏହି କମିଶନ ଆଥଲେଟିକ୍ସ ସହିତ ଜଡ଼ିତ ସମସ୍ତ ବୈଷୟିକ ବିଷୟ ଓ କାର୍ଯ୍ୟକଳାପର ତଦାରଖ ପାଇଁ ଦାୟୀ ରହିବ। ବୈଠକରେ ଓଓଏ ସାଧାରଣ ସମ୍ପାଦକ ଅଭିଜିତ ପାଲ୍, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଓଓଏର ଉପ-ସଭାପତିଗଣ ଯଥା କମଳାକାନ୍ତ ପାଣ୍ଡେ, ବିନୋଦ ଦାଶ, ନଳିନୀ ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ଜେ. କାମେଶ୍ୱର ରାଓ ଏବଂ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀଙ୍କ ବ୍ୟତୀତ ଓଓଏର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ଆଥଲେଟ କମିଶନର ସଦସ୍ୟଗଣ:** ଅଲିମ୍ପିଆନ ଲାଜରୁସ ବାର୍ଲା, ଅନୁରାଧା ବିଶ୍ୱାଳ, ଇଗ୍ନେସ ତିର୍କୀ, କେ. ରବି କୁମାର, ବୀରେନ୍ଦ୍ର ଲାକ୍ରା, ସୁନିତା ଲାକ୍ରା, ନମିତା ଟପ୍ପୋ, ଦୀପଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ୍, ପାରାଅଲିମ୍ପିଆନ ମାର୍କେଣ୍ଡ ରେଡ୍ଡୀ, ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର, ଇଣ୍ଟରନ୍ୟାଶନାଲ ଫୁଟ୍‌ବଲର ଆର୍.ପି. ସିଂ ଓ ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ।

# ଅମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ବିରୋଧରେ କୋର୍ଟ ଯିବେ ଆଝାରୁଦ୍ଦିନ

**ନୂଆଦିଲ୍ଲୀ, ୨୦।୪ (ପି.ଟି.)**

ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ମହମ୍ମଦ ଆଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏଶନର ଅମ୍ବୁଡସ୍‌ମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ଆଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବା ଯୋଜନା କରୁଛନ୍ତି।

ଏଚ୍‌ସିଏର ସଦସ୍ୟ ଲର୍ଡ୍ସ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚ୍‌ସିଏର ଏଥିକ୍ସ ଅଧିକାରୀ ଅବସରପ୍ରାପ୍ତ ଜଷ୍ଟିସ ଭି. ଈଶ୍ୱରେୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡ୍ସ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚ୍‌ସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚ୍‌ସିଏର ନିୟମ ଭଙ୍ଗ କରିଥିଲେ। ମୁଁ ନିଶ୍ଚିତଭାବେ ଆଇନର ବାଟ ଆପଣେଇବି ଏବଂ ଅମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି। ଭାରତର ଅଧିନାୟକଙ୍କ ନାମ ଷ୍ଟାଣ୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେବା ଲଜ୍ଜାର ବିଷୟ ବୋଲି ଆଝାର କହିଛନ୍ତି। ଏତଦ୍‌ବ୍ୟତୀତ ସେ ଅମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସୋସିଏଶନର ସମ୍ବିଧାନ ଅନୁଯାୟୀ, ଅମ୍ବୁଡସ୍‌ମ୍ୟାନ ବା ଏଥିକ୍ସ ଅଧିକାରୀଙ୍କ କାର୍ଯ୍ୟକାଳ ୧ ବର୍ଷ। ଏହି ଘଟଣାରେ ଅମ୍ବୁଡସ୍‌ମ୍ୟାନଙ୍କ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୧୮ ତାରିଖରେ ଶେଷ ହୋଇଯାଇଛି।

# ସୁନୀତା ଉଇଲିୟମ୍ସଙ୍କ ସ୍ମରଣୀୟ ଅନ୍ତରୀକ୍ଷ ଯାତ୍ରା



ନିକୁଞ୍ଜ ବିହାରୀ ସାହୁ

''ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଖାଲି ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ମହାକାଶର ଭାରଶୂନ୍ୟ ପରିସ୍ଥିତିରେ ମନୁଷ୍ୟର ସହନଶୀଳତା, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଊର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଥିଲା।''

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ଉଇଲିୟମ୍ସ ୨୦୨୪ ମସିହା ଜୁନ୍ ୫ ତାରିଖ ଦିନ ଆମେରିକୀୟ କମ୍ପାନୀ ବୋଇଙ୍ଗର 'ଷ୍ଟାରଲାଇନର୍' ଅନ୍ତରୀକ୍ଷ ଯାନରେ ପୃଥିବୀକୁ ପ୍ରଦକ୍ଷିଣ କରୁଥିବା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇ.ଏସ୍. ଏସ୍.) କୁ ଯାତ୍ରା କରିଥିଲେ। ତା'ଙ୍କ ସହିତ ଅନ୍ୟ ଜଣେ ମହାକାଶଯାତ୍ରୀ ଥିଲେ ବୁଚ୍ ୱିଲମୋର୍। ମାତ୍ର ଯାନର ଇଞ୍ଜିନରୁ ହିଲିୟମ ଲିକ୍ ଘଟି ଯାନର ସମୁଦାୟ ୨୮ ଥ୍ରଷ୍ଟର୍‌ରୁ ୫ଟିରେ ତ୍ରୁଟି ପରିଲକ୍ଷିତ ହେବାରୁ ଇଞ୍ଜିନର ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଫଳରେ ଯାନର ତାପନିରୋଧକ ଟେଫଲୋନ ଆବରକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଥିଲା, ଯାହା ପ୍ରତ୍ୟାବର୍ତ୍ତନ ସମୟରେ ବାୟୁମଣ୍ଡଳ ମଧ୍ୟରେ ଘର୍ଷଣ ଜନିତ ପ୍ରଚଣ୍ଡ ତାପମାତ୍ରାରୁ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଆହୁରି ମଧ୍ୟ ଯାନରୁ ନିର୍ଗତ ଗ୍ୟାସର ବେଗ ହ୍ରାସ ପାଇ ଏହାର ଦିକ୍-ଚାଳନା ଓ ନିୟନ୍ତ୍ରଣ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଥିଲା। ସୁତରାଂ ଷ୍ଟାରଲାଇନର୍‌ର ସେହି ଅନ୍ତରୀକ୍ଷ ଯାନରେ ମହାକାଶଚାରୀମାନଙ୍କୁ ନିରାପଦରେ ପୃଥିବୀ ଫେରାଇ ଆଣିବାରେ ସମସ୍ୟା ଉପୁଜିଥିଲା। ସେମାନଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ଘୋର ଅନିଶ୍ଚିତତା ପ୍ରକାଶ ପାଇଥିଲା। ଯେହେତୁ ନାସା ନିକଟରେ ସେମାନଙ୍କୁ ତୁରନ୍ତ ପୃଥିବୀ ଫେରାଇ ଆଣିବା ନିମନ୍ତେ କୌଣସି ମହାକାଶଯାନ କିମ୍ବା ଯୋଜନା ନଥିଲା ସେ ଦୁହେଁ ମହାକାଶଚାରୀ ସେହି ଦିନଠୁଁ ସ୍ପେସ ଷ୍ଟେଶନରେ ଦୀର୍ଘ ଦିନ ଅଟକି ରହିଥିଲେ। ଚଳିତ ବର୍ଷ ଗତ ମାର୍ଚ୍ଚ ୧୮ ତାରିଖରେ ଉଭୟ ମହାକାଶଚାରୀଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସର ଏକ ମହାକାଶ ଯାନ 'କ୍ରୁ-୯' ଜରିଆରେ ସଫଳତାର ସହ ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯାଇଛି।




**ନାସାର ବିରଳ ଇତିହାସ:** ନାସାର ଏହି ଅଭିଯାନ ଅନ୍ତରୀକ୍ଷ ଯାତ୍ରା କ୍ଷେତ୍ରରେ ଏକକାଳୀନ ଦୁଇଟି ଯାନ ବ୍ୟବହାର କରିବା ଦୃଷ୍ଟିରୁ ଏକ ବିରଳ ଇତିହାସ ରଚନା କରିଛି। ସାଧାରଣତଃ ଯେଉଁ ଯାନ ମହାକାଶଚାରୀଙ୍କୁ ନେଇ ଅନ୍ତରୀକ୍ଷ ଯାତ୍ରା କରିଥାଏ ସେହି ଯାନ ହିଁ ମହାକାଶଚାରୀଙ୍କୁ ନେଇ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଏ କ୍ଷେତ୍ରରେ ମହାକାଶଚାରୀଙ୍କୁ ନେଇ ବୋଇଙ୍ଗର 'ଷ୍ଟାରଲାଇନର୍' ଯାନ ଯାଇଥିଲାବେଳେ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବାରେ ଅନ୍ୟ ଏକ ମହାକାଶ ଯାନ ସ୍ପେସ୍ ଏକ୍ସର 'କ୍ରୁ-୯' ର ସହାୟତା ନିଆଯାଇଥିଲା।

**ଅନ୍ତରୀକ୍ଷରେ ମନୁଷ୍ୟର ଦୀର୍ଘଦିନ ରହଣି:** ତେବେ ପ୍ରଶ୍ନ ହେଉଛି: ଦୀର୍ଘ ୯ ମାସ କାଳ ଅଟକି ରହିଥିବା ମହାକାଶଚାରୀଙ୍କ ରହଣିସ୍ଥଳୀ ସ୍ପେସ୍ ଷ୍ଟେଶନରେ ଏତେଦିନ ପାଇଁ ଖାଦ୍ୟ, ପାନୀୟ ଜଳ, ଔଷଧ ଆଦି ଅତ୍ୟାବଶ୍ୟକ ପଦାର୍ଥ ମହଜୁଦ ଥିଲା କି? ଉତ୍ତର 'ହଁ, ଥିଲା' ବୋଲି ଧରାଯିବ; କାରଣ ନିୟମିତ ସମୟ ବ୍ୟବଧାନରେ ଉଭୟ ରୁଷିଆ ଓ ଆମେରିକାର ମହାକାଶଯାନଗୁଡ଼ିକ ପୃଥିବୀରୁ ବିଭିନ୍ନ ଯୋଗାଣ ସାମଗ୍ରୀ ବହନ କରି ସ୍ପେସ୍ ଷ୍ଟେଶନ ସହିତ ସଂଲଗ୍ନ ହୋଇଥାନ୍ତି। ନିକଟରେ ରୁଷିଆର ଏକ ମାଲବାହୀ ଯାନ ପ୍ରୋଗ୍ରେସ-୨୮ ବୈକାନୁର ଅନ୍ତରୀକ୍ଷ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୩ ଟନ୍ ଓଜନର ଖାଦ୍ୟସାମଗ୍ରୀ ଓ ଯନ୍ତ୍ରପାତି ନେଇ ସ୍ପେସ୍ ଷ୍ଟେଶନରେ ପହଞ୍ଚି ଥିଲା। ସେହିପରି ସ୍ପେସ୍-ଏକ୍ସ କମ୍ପାନୀର ଅନ୍ୟ ଏକ ଯାନ 'ସିଗ୍ନସ' ନିଜର ଫାଲ୍କନ -୯ ରକେଟ ଜରିଆରେ ଫ୍ଲୋରିଡ଼ାର କାନାଭେରାଲ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୮୨୦୦ ପାଉଣ୍ଡ ଓଜନର ଖାଦ୍ୟସାମଗ୍ରୀ, ପାନୀୟ ଜଳ, ଔଷଧ ଓ ଯନ୍ତ୍ରପାତି ନେଇ ସ୍ପେସ ଷ୍ଟେଶନ୍‌ରେ ସଂଲଗ୍ନ ହୋଇଥିଲା। ସେଗୁଡ଼ିକ ଫେରନ୍ତା ପଥରେ ସ୍ପେସ ଷ୍ଟେଶନରୁ ସଂଗୃହୀତ ଯାତ୍ରୀମାନଙ୍କ ବର୍ଜ୍ୟବସ୍ତୁ ଓ ଆବର୍ଜନା ସାଙ୍ଗରେ ଧରି ପୃଥିବୀକୁ ଫେରିଛନ୍ତି। ଫେରନ୍ତା ଯାତ୍ରାବେଳେ ଏହି ଆବର୍ଜନାସବୁକୁ ପୃଥିବୀକୁ ନଆଣି ମହାକାଶରେ ନିରାପଦ ଭାବେ ଫିଙ୍ଗି ଦିଆଯାଏ, ଯାହା ସମୟକ୍ରମେ ପୃଥିବୀ ଆଡକୁ ଗତିକରି ପୃଥିବୀର ବାୟୁମଣ୍ଡଳ ଘର୍ଷଣଜନିତ ତାତିରେ ସମ୍ପୂର୍ଣ୍ଣ ଜଳିଯିବ। ମହାକାଶଚାରୀମାନଙ୍କ ସୁଖଦ ରହଣି ନିମନ୍ତେ ସ୍ପେସ ଷ୍ଟେଶନରେ ଜିମ୍ ସମେତ ଅନେକ ସୁବିଧା ଉପଲବ୍ଧ ଅଛି। ଏହି ଜିମ୍‌ରେ ସେମାନେ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ଫିଟ ରଖି ପାରିବେ। ସ୍ପେସ୍ ଷ୍ଟେଶନରେ ମଧ୍ୟ ଟେଲିଭିଜନର ସୁବିଧା ରହିଛି, ଯେଉଁଥିରେ ସେମାନେ ନିଜ ମନମୁତାବକ ଚଳଚ୍ଚିତ୍ର ଦେଖିପାରିବେ। ଏହାଛଡା ସେଠାରେ ମଧ୍ୟ ମ୍ୟୁଜିକ ସିଷ୍ଟମ, ଡିଭିଡି ପ୍ଲେୟର୍, ୱାଇ ଫାଇ ଜରିଆରେ ଇଣ୍ଟରନେଟ ସେବା ଯୋଗାଣ ତଥା ଡିଜିଟାଲ ଲାଇବ୍ରେରିର ମଧ୍ୟ ସୁବିଧା ଅଛି, ଯାହା ଦ୍ୱାରା ମହାକାଶଯାତ୍ରୀମାନେ ମହାକାଶରେ ଦୀର୍ଘ ଦିନ ରହଣିକାଳ ମଧ୍ୟରେ ମନୋରଞ୍ଜନ ଦ୍ୱାରା ନିଜର ମାନସିକ ସ୍ୱାସ୍ଥ୍ୟ ବଜାୟ ରଖି ପାରିବେ।

ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଖାଲି ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ମହାକାଶର ଭାରଶୂନ୍ୟ ପରିସ୍ଥିତିରେ ମନୁଷ୍ୟର ସହନଶୀଳତା, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଊର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଥିଲା।

**ସୁନୀତାଙ୍କ ଜୀବନ ଓ ଯାତ୍ରା :** ସୁନୀତା ଉଇଲିୟମ୍ସ ୧୯୬୫ ମସିହା ସେପ୍ଟେମ୍ବର ୧୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଓହିଓ ପ୍ରଦେଶର ୟୁକ୍ଲିଡଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ଦୀପକ ପାଣ୍ଡିଆ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଭାରତୀୟ, ଯିଏ ବୃତ୍ତିରେ ଜଣେ ସ୍ନାୟୁ ଡାକ୍ତର ଥିଲେ। ସେ ଗୁଜରାଟ ରାଜ୍ୟର ମେହେସେନା ଜିଲାର ବାସିନ୍ଦା ଥିଲେ। ତାଙ୍କ ମାଆ ୱିସିଲିନ ବୋନି ପାଣ୍ଡିଆ ଆମେରିକା ନାଗରିକତ୍ୱ ଗ୍ରହଣ କରିଥିବା ସ୍ଲୋଭାନିଆ ଦେଶର ଜଣେ ମହିଳା ଥିଲେ। ତାଙ୍କର ପରିବାର ମାସାଚୁ୍ୟସେଟସ ରାଜ୍ୟର ଫାଲମାଉଥଠାରେ ବାସ କରୁଥିଲେ। ସେ ମାତାପିତାଙ୍କର ତିନି ଭାଇ ଭଉଣୀଙ୍କ ମଧ୍ୟରୁ ସବୁଠାରୁ କନିଷ୍ଠ ସଦସ୍ୟା ଥିଲେ। ଆମେରିକାରେ ତାଙ୍କର ଡାକ ନାମ ଥିଲା 'ସୁନି'।

ସୁନୀତାଙ୍କର ପିଲାଦିନରୁ ବିଜ୍ଞାନ ଓ ସାହସିକତା କ୍ଷେତ୍ରରେ ଗଭୀର ଆଗ୍ରହ ଥିଲା। ସୁନୀତା ୧୯୮୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନୌସେନା ଏକାଡେମୀରୁ ପଦାର୍ଥ ବିଜ୍ଞାନ ବିଷୟରେ ଶିକ୍ଷା ଗ୍ରହଣ କରି ସ୍ନାତକ ଡିଗ୍ରୀ ଲାଭ କରିଥିଲେ। ପରବର୍ତ୍ତୀ ୧୯୯୫ ମସିହାରେ ସେ ଫ୍ଲୋରିଡା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ଇଞ୍ଜିନିୟରିଂ ପରିଚାଳନା ବିଷୟରେ ଅଧ୍ୟୟନ କରି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। (କ୍ରମଶଃ...)


-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ନିୟମିତ ଯୋଗ କରୁଥିଲେ...



ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବାରେ ବ୍ୟାୟାମ ସହ ଯୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ନିଜ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାର ସମୟ ଆସିଛି। କାରଣ ଦିନକୁ ଦିନ ବିଭିନ୍ନ ରୋଗର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ ହେଉଛି- ଏକଥା ସତ, ହେଲେ ସେପଟେ କେତେକ ରୋଗ ସେମାନଙ୍କର କାୟା ବିସ୍ତାର କରିଚାଲିଛନ୍ତି। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ନିୟମିତ ଯୋଗ କଲେ ଭଲ ନିଦ ହୁଏ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହାର ଭୂମିକା ରହିଛି। ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଶାନ୍ତ ମନରେ ଯୋଗ କରନ୍ତୁ।

## ବିଳମ୍ବରେ ଉଠିବା ଓ ଆଲଜିମର୍ସ ସମସ୍ୟା



ପ୍ରତିଦିନ ଠିକ୍ ସମୟରେ ଶୋଇବା ଏବଂ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବିଳମ୍ବରେ ଉଠିଥାନ୍ତି। ଏହା ମଧ୍ୟ କେତେକଙ୍କର ଅଭ୍ୟାସରରେ ପରିଣତ ହୋଇଯାଇଥାଏ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ସକାଳେ ଡେରିରେ ଉଠିଥାନ୍ତି ଭବିଷ୍ୟତରେ ସେମାନେ ଆଲଜିମର୍ସ ପରି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ଗବେଷଣାରେ ସାମିଲ ଥିବା କେତେକ ବ୍ୟକ୍ତିମାନଙ୍କ ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏଥିଯୋଗୁ 'ଆମ୍‌ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ମସ୍ତିଷ୍କରେ ବୃଦ୍ଧିପାଏ, ଯାହା ଭବିଷ୍ୟତରେ ଆଲଜିମର୍ସ ରୋଗର ରୂପ ନେଇପାରେ। ଏହାବ୍ୟତୀତ ମସ୍ତିଷ୍କ ଏବଂ ଏହା ସହ ଯୋଡ଼ି ହୋଇ ରହିଥିବା ସ୍ନାୟୁଗୁଡ଼ିକ ଶରୀର ପାଇଁ ଆବଶ୍ୟକ ମାତ୍ରାର କାର୍ଯ୍ୟ କରିବାର କ୍ଷମତାରେ ତାରତମ୍ୟତା ଦେଖିବାକୁ ମିଳିଥାଏ। ତେଣୁ ଆମେ ଠିକ୍ ସମୟରେ ଶୋଇବା ସହ ଠିକ୍ ସମୟରେ ଉଠିବା ଦରକାର।

## ପାଟିରେ ଘା' ହୋଇଥିଲେ...



ପାଟିରେ ଘା' ହେବାର ଅନେକ କାରଣ ରହିଛି। ଏଭଳି ସମସ୍ୟା ଦେଖାଦେଲେ ତାହାକୁ କଦାପି ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଯଦି ଏହି ଘା' ଦୀର୍ଘ ଦିନ ଧରି ଭଲ ନ ହୁଏ, ତେବେ ତାହା କ୍ୟାନ୍ସରରେ ରୂପାନ୍ତରିତ ହେବାର ଆଶଙ୍କା ରହିଛି। ତେଣୁ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ଆମେ ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଇବା ଆବଶ୍ୟକ। ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି ହୋଇଥାଏ। ନିଶାଦ୍ରବ୍ୟ ପ୍ରତିଦିନ ସେବନ କଲେ ପାଟିରେ ଘା' ହୋଇ ଏହା କ୍ୟାନ୍ସରରେ ପରିଣତ ହୁଏ। ତେବେ ଏଥିରୁ ରକ୍ଷା ପାଇବାକୁ ହେଲେ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଜାଣି ରଖନ୍ତୁ

- ଯେଉଁ ବ୍ୟକ୍ତିମାନଙ୍କର ନିଶାଦ୍ରବ୍ୟ ସେବନ ଏକ ନିୟମିତ ଅଭ୍ୟାସରେ ପରିଣତ ହୋଇଯାଇଛି ସେମାନେ ହାର୍ଟ ଆଟାକ୍‌ର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ମଧ୍ୟ ରକ୍ତଚାପକୁ ଅସନ୍ତୁଳିତ ରଖିଥାଏ। ତେଣୁ ଏଭଳି ଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ।
- ଅଧିକ ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହା ଶରୀରରେ କୋଲେଷ୍ଟରଲ୍ ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



## ସ୍ୱାସ୍ଥ୍ୟ ସୂଚନା

➤ଖାଇସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଂଚାଳନ ଉପରେ ପ୍ରଭାବ ପକାଏ।



➤ମଧୁମେହ କିମ୍ବା ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ହୋଇଥାଏ।

➤ଦାନ୍ତଜନିତ ସମସ୍ୟାରୁ ରକ୍ଷା ପାଇବା ପାଇଁ ଦିନକୁ ଦୁଇ ଥର-ସକାଳେ ଏବଂ ରାତ୍ର ଭୋଜନ ପରେ ଭଲ ଭାବରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➤ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ସକ୍ରିୟ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରହିବା ଭଲ।

# ଜଳ ସଂରକ୍ଷଣ



ବିରାଟ ରାଜା ପଧାନ

''ଯଦି ଆମେ ଜଳ ସଂରକ୍ଷଣରେ ହେଳା କରିବା ତାହେଲେ ଜଳକ୍ଲିଷ୍ଟତା ଧୀରେ ଧୀରେ ସମଗ୍ର ପୃଥିବୀକୁ ନିଶ୍ଚିତ ଭାବରେ କବଳିତ କରିବ। ମଣିଷକୁ ଆଗାମୀ ଦିନରେ ଜଳର ମହାସଙ୍କଟ ଦେଇ ଯିବାକୁ ପଡ଼ିବ। ତାହେଲେ ଆସନ୍ତୁ, ଆମେ ସମସ୍ତେ ସତର୍କ ହେବା ଓ ଜଳ ସଂରକ୍ଷଣରେ ସହଭାଗୀ ହେବା। ଦିଲ୍ଲୀ, ଚେନ୍ନାଇ ଭଳି ଆମ ଦେଶର ପ୍ରାୟ ୨୧ଟି ସହରରେ ଭୂତଳ ଜଳର ସ୍ତର ଅତ୍ୟନ୍ତ ଶୋଚନୀୟ ଭାବରେ ହ୍ରାସ ପାଉଛି ଓ ଏହା ଯଦି ଆହୁରି ହ୍ରାସ ପାଏ ତାହେଲେ ସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି।''

ଆମେ ଜାଣୁ ଯେ ଜଳ ହିଁ ଜୀବନ। ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ। ଆମ ସମସ୍ତଙ୍କ ଗୋଟିଏ ଧାରଣା ଧରାପୃଷ୍ଠ ଜଳମୟ। କିନ୍ତୁ ପୃଥିବୀର ସମୁଦାୟ ଜଳର ୯୭ ପ୍ରତିଶତ ଜଳ ମହାସାଗରରେ ଅଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। ମାତ୍ର ତିନି ଭାଗ ଜଳ ହେଉଛି ମଧୁର ଜଳ, ଯାହାକୁ ଆମେ ନିତ୍ୟ ବ୍ୟବହାର କରିପାରିବା। ସେହିପରି ଆମ ଦେଶରେ ଭୂତଳ ଜଳ ସବୁ ଅଞ୍ଚଳରେ ସମାନ ଅନୁପାତରେ ନାହିଁ। କେଉଁଠି ମାତ୍ର କେଇ ଫୁଟ ଗଭୀରରେ ଅଛି ତ ଆଉ କେଉଁଠି ଶହ ଶହ ଫୁଟ ଗଭୀର ଖନନ କଲେ ମଧ୍ୟ ଜଳ ବୁନ୍ଦାଏ ନାହିଁ। ଏ ଦୃଷ୍ଟି କୋଣରୁ ସବୁ ଅଞ୍ଚଳରେ ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ଅତ୍ୟନ୍ତ ଜରୁରୀ ମନେ ହୁଏ।

ଆମ ଦେଶରେ ଆମେ ଯଦି ପାନୀୟ ଜଳର ସ୍ଥିତିକୁ ଆକଳନ କରିବା ତାହେଲେ ଏହା ଅତ୍ୟନ୍ତ ଶୋଚନୀୟ ଅଟେ। ବର୍ତ୍ତମାନ ଆମ ଦେଶରେ ପାନୀୟ ଜଳର ସଙ୍କଟ କେବଳ ସହରାଞ୍ଚଳ ବା ବସ୍ତି ବାସିନ୍ଦାମାନଙ୍କ ପାଇଁ ନୁହେଁ ବରଂ ଏହା ଅନେକ ଗାଁରେ ମଧ୍ୟ ଦେଖାଯାଉଛି। ବିଶେଷ ଭାବରେ ଗ୍ରୀଷ୍ମ ଋତୁରେ ଏହାର ସଙ୍କଟ ଅଧିକରୁ ଅଧିକ ଗାଁ ଓ ସହରକୁ ପ୍ରସାରିତ ହୁଏ। ଏପରିକି ପାନୀୟ ଜଳ ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଲେ ଯାଇ ଲୋକେ ପାନୀୟ ଜଳ ପାଉଛନ୍ତି।

ଆଗକାଳରେ ଲୋକେ ବର୍ଷାଜଳ ସଂରକ୍ଷଣ କରିବା ପାଇଁ ସ୍ୱଚ୍ଛଳ ଲୋକ ତଥା ଗାଁର ଗୌନ୍ତିଆ, ଜମିଦାରମାନେ ନିଜେ ନିଜେ ବନ୍ଧ, ପୋଖରୀ ଖୋଳୁଥିଲେ। ପରେ କୃଷିକାର୍ଯ୍ୟ ତଥା ଗାଧୁଆ ପାଧୁଆ କରିବା ପାଇଁ ମଧ୍ୟ ଜଳ ବ୍ୟବହାର କରାଗଲା। ବର୍ଷାଜଳ ସଂରକ୍ଷଣ ପାଇଁ ବହୁବିଧ ପଦ୍ଧତି ଅବଲମ୍ବନ କରାଯାଉଥିଲେ ମଧ୍ୟ ଆମେ



ତାକୁ ଯଥେଷ୍ଟ ପରିମାଣରେ ପାଳନ କରୁନାହୁଁ। ଏପରିକି ଜଳ ସଂରକ୍ଷଣ ପ୍ରତି ଆମେ ଆଦୌ ଧ୍ୟାନ ଦେଉ ନାହୁଁ କହିଲେ ଚଳେ। ଆମ ପାଇଁ କେତେ ଜଳ ମୁଣ୍ଡ ପିଛା ଅଛି ,ଏହାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଯେଉଁ ଅଞ୍ଚଳର ଜନସଂଖ୍ୟା ଯେତେ ବେଶି ସେହି ଅଞ୍ଚଳରେ ଜଳର ପରିମାଣ ସେତିକି କମ୍। ଭାରତ ସରକାରଙ୍କ ଜଳ ଜୀବନ ମିଶନର ଏକ ଆକଳନ ଅନୁସାରେ ଜଣାଯାଏ ଯେ ଆମ ଦେଶରେ ମୁଣ୍ଡ ପିଛା ଜଳର ପରିମାଣ କ୍ରମାଗତ ଭାବରେ କମିବାରେ ଲାଗିଛି। ଦେଶରେ ମୁଣ୍ଡପିଛା ଜଳର ପରିମାଣ ୨୦୦୧ ମସିହାରେ ୧୮୧୬ କ୍ୟୁବିକ ମିଟର ଥିବାବେଳେ ୨୦୧୧ ମସିହାରେ ୧୫୪୫ କ୍ୟୁବିକ ମିଟରକୁ କମିଆସିଛି। ଏହାର ପରିମାଣ ୨୦୩୧ ମସିହା ସୁଦ୍ଧା ୧୩୬୭ କ୍ୟୁବିକ ମିଟରକୁ କମିବାର ସମ୍ଭାବନା ରହିଛି। ତେବେ ଏ କ୍ଷେତ୍ରରେ ଜନସଂଖ୍ୟା ବୃଦ୍ଧି ଯେତେ ପରିମାଣରେ ଦାୟୀ ତାଠୁ ଅଧିକ ଜନସଚେତନତାର ଅଭାବ ବୋଲି ବିଚାର କରାଯାଏ। ଜଳ ଜୀବନ ମିଶନର ଏକ ତଥ୍ୟ ଅନୁସାରେ ଆମ ଦେଶରେ ଥିବା ସହରାଞ୍ଚଳରେ ଆମକୁ ପ୍ରତ୍ୟହ ମୁଣ୍ଡପିଛା ୧୩୫ ଲିଟର ଓ ଗ୍ରାମାଞ୍ଚଳରେ ୫୫ ଲିଟର ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ହିଁ କେବଳ ଜଳ ବ୍ୟବହାର କରିବା। ଏହାର ସୁପରିଚାଳନା ଆମର ଦାୟିତ୍ୱ ହେବା ଆବଶ୍ୟକ। ଯଦି ପ୍ରତ୍ୟେକ ବ୍ୟକ୍ତି ଦୈନିକ ୧୦ ଲିଟର ଜଳ ସଂରକ୍ଷଣ କରିପାରିବେ ତାହେଲେ ଏହା ଆମ ଦେଶର ବିକାଶ ଓ ଅଭିବୃଦ୍ଧିରେ ଅନେକ ପରିମାଣରେ ସହାୟକ ହେବ। ଆମେ କେଉଁ ପଦ୍ଧତିରେ ଜଳ ସଂରକ୍ଷଣ କରିପାରିବା ଆସନ୍ତୁ ସଂକ୍ଷେପରେ ଜାଣିବା।

-ଆମେ ଗାଧୋଉଥିବା ଜଳର ପରିମାଣରୁ ପ୍ରତ୍ୟହ ୧ ରୁ ୫ ଲିଟର କମ କରିପାରିବା।

-ଆମେ ଦୈନିକ ଲୁଗାଧୁଆ ପାଇଁ ଆବଶ୍ୟକ ମୁତାବକ ଜଳ ବ୍ୟବହାର କରନ୍ତୁ। ତା'ସହ ଶୌଚ ସମୟରେ ଅଯଥା ଜଳ ନଷ୍ଟ କରନ୍ତୁ ନାହିଁ। ଏଥିରୁ ବଳକା ଜଳକୁ ଆମ ବଗିଚାରେ ଦେଲେ ଦୈନିକ ୧୦ ରୁ ୨୦ ଲିଟର ଜଳ ସଂରକ୍ଷଣ ହେବ।

-ଆମେ ଘରେ ଯଦି ସବୁ ସମୟରେ ଆମର ପାଇପ ଓ ନଳକୁ ଠିକ୍ ରଖିବା ତାହେଲେ ଦୈନିକ ଅନ୍ତତଃ ୨ ରୁ ୫ ଲିଟର ଜଳ ସଂରକ୍ଷଣ କରିପାରିବା।

-ଆମେ ଦାନ୍ତ ଘଷିବା, ହାତ ଧୋଉଥିବା ସମୟରେ, ବାସନକୁସନ ମାଜିବା ବେଳେ ଯଦି ଠିକ୍ ଭାବରେ ଟ୍ୟାପ୍‌ର ପରିଚାଳନା କରାଯାଏ, ତାହେଲେ ଅନ୍ତତଃ ଦିନକୁ ୨ ରୁ ୩ ଲିଟର ଜଳ ସଂରକ୍ଷଣ କରିପାରିବା।

-କେବଳ ଆମେ ସତର୍କ ହେଲେ ପ୍ରତିଦିନ ୧୦ ଲିଟର ଜଳ ନିଶ୍ଚୟ ସଂରକ୍ଷଣ କରିପାରିବା।

ଯଦି ଆମେ ଜଳ ସଂରକ୍ଷଣରେ ହେଳା କରିବା ତାହେଲେ ଜଳକ୍ଲିଷ୍ଟତା ଧୀରେ ଧୀରେ ସମଗ୍ର ପୃଥିବୀକୁ ନିଶ୍ଚିତ ଭାବରେ କବଳିତ କରିବ। ମଣିଷକୁ ଆଗାମୀ ଦିନରେ ଜଳର ମହାସଙ୍କଟ ଦେଇ ଯିବାକୁ ପଡ଼ିବ। ତାହେଲେ ଆସନ୍ତୁ, ଆମେ ସମସ୍ତେ ସତର୍କ ହେବା ଓ ଜଳ ସଂରକ୍ଷଣରେ ସହଭାଗୀ ହେବା। ଦିଲ୍ଲୀ, ଚେନ୍ନାଇ ଭଳି ଆମ ଦେଶର ପ୍ରାୟ ୨୧ଟି ସହରରେ ଭୂତଳ ଜଳର ସ୍ତର ଅତ୍ୟନ୍ତ ଶୋଚନୀୟ ଭାବରେ ହ୍ରାସ ପାଉଛି ଓ ଏହା ଯଦି ଆହୁରି ହ୍ରାସ ପାଏ ତାହେଲେ ସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ଆମେ ଯଦି ସମସ୍ତେ ପରିବେଶର ସୁରକ୍ଷା, ବୃକ୍ଷ ରୋପଣ ତଥା ଜଳ ସଂରକ୍ଷଣ ଦିଗରେ ପ୍ରୟାସ କରିବା ତାହେଲେ ହିମବାହ ସଂରକ୍ଷଣ ନିଶ୍ଚୟ ହେବ।

-ବୈଙ୍କମୁରା, ପଣ୍ଡରି, ବନହରପାଲି, ଝାରସୁଗୁଡ଼ା
ମୋ: ୯୪୩୯୯୮୯୯୪୧

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୧/୨୦୨୫ Bhubaneswar, Monday, April 21/ 2025

# ପଞ୍ଜାବକୁ ହରାଇ ପ୍ରତିଶୋଧ ନେଲା ଆର୍‌ସିବି

**ଚଣ୍ଡିଗଡ଼, ୨୦।୪**

ପଞ୍ଜାବ କିଙ୍ଗ୍ସଠାରୁ ପରାଜୟର ଗୋଟିଏ ଦିନପରେ ସମାନ ପ୍ରତିଦ୍ୱନ୍ଦ୍ୱିକୁ ହରାଇ ମଧୁର ପ୍ରତିଶୋଧ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୫ ଉଇକେଟରେ ପରାଜିତ ହୋଇଥିବା ଆରସିବି ରବିବାର ୭ ଉଇକେଟରେ ପଞ୍ଜାବକୁ ପରାସ୍ତ କରିଛି। ମୁଲାନପୁରର ସ୍ଲୋ ପିଚ୍‌ରେ ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୫୭ ରନ କରିଥିବାବେଳେ ଆରସିବି ୭ଟି ବଲ୍ ବାକିଥାଇ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଛି। ବିରାଟ କୋହଲି ଅପରାଜିତ ରହିବା ସହ ମ୍ୟାଚ ବିଜୟୀ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଚଳିତ ସିଜନରେ ବାହାର ପରିବେଶରେ ଆରସିବିର ବିଜୟ ଧାରା ଅପରିବର୍ତ୍ତିତ ରହିଛି। ଘରୋଇ ପରିବେଶରେ ଦଳ ଏହାର ୩ଟି ଯାକ ମ୍ୟାଚ ହାରିଛି। ୮ ମ୍ୟାଚରୁ ୫ମ ବିଜୟ ସହ ଆରସିବି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପଞ୍ଜାବ ୮ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଭଲ ଓପନିଂ କରିଥିଲେ ହେଁ ସମ୍ମାନଜନକ ସ୍କୋର କରିପାରି ନ ଥିଲା। କାରଣ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଦୁଇ ଓପନର ପ୍ରୀୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ଯଥାକ୍ରମେ ୨୨ ଓ ୩୩, ମିଡିଲ ଅର୍ଡରରେ ଜୋଶ ଇଙ୍ଗଲିଶ ୨୯ ରନକରି ଆଉଟ ହୋଇଥିଲେ। ଶଶାଙ୍କ ସିଂ ୩୩ ଓ ମାର୍କୋ ଜାନସେନ ୨୫ ରନରେ ଅପରାଜିତ ରହିବାରୁ ଦଳର ସ୍କୋର ୧୫୦ ଅତିକ୍ରମ କରିଥିଲା। ଆରସିବି ବୋଲରଙ୍କ ମଧ୍ୟରେ କୃନାଲ ପାଣ୍ଡ୍ୟା ଓ ସୂୟାସ ଶର୍ମା ୨ଟି ଲେଖାଏ ଓ ରୋମାରିଓ ଶେଫର୍ଡ ଗୋଟିଏ ଉଇକେଟ ନେଇଥିଲେ।

୧୫୮ ରନ ବିଜୟ ଲକ୍ଷ୍ୟରେ ଆରସିବି ମାତ୍ର ୬ ରନରେ ଫିଲ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ବିରାଟ କୋହଲି ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି (୬୯ ବଲ୍‌ରୁ ୧୦୩ ରନ) ଗଢ଼ି ଦଳକୁ ବିଜୟୀ କରିଥିଲେ। ପଡିକାଲ ୩୫ ବଲ୍‌ରୁ ୬୧ (୫ ଚୌକା, ୪ ଛକା) ରନକରି ଆଉଟ ହୋଇଥିବାବେଳେ କିଙ୍ଗ୍ କୋହଲି ୫୪ଟି ବଲ୍‌ର ସମ୍ମୁଖୀନ ହୋଇ ୭୩ (୭ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ, ହରପ୍ରୀତ ବ୍ରାର ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ବିରାଟ କୋହଲିଙ୍କ ମ୍ୟାଚ ବିଜୟୀ ଇନିଂସ**


ବିରାଟ କୋହଲି

### ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୫୭/୬ (ପ୍ରଭସିମରନ ସିଂ-୩୩, ଶଶାଙ୍କ ସିଂ-୩୧*, ଜୋଶ ଇଙ୍ଗଲିଶ-୨୯, ମାର୍କୋ ଜାନସେନ-୨୫*, କୃନାଲ ପାଣ୍ଡ୍ୟା-୨/୨୫, ସୂୟାଶ ଶର୍ମା-୨/୨୬, ରୋମାରିଓ ଶେଫର୍ଡ-୧/୧୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୫ ଓଭରରେ ୧୫୯/୩ (ବିରାଟ କୋହଲି-୭୩*, ଦେବଦତ୍ତ ପଡିକାଲ-୬୧, ଅର୍ଶଦୀପ ସିଂ-୧/୨୬, ହରପ୍ରୀତ ବ୍ରାର-୧/୨୭, ୟୁଜବେନ୍ଦ୍ର ଚହଲ-୧/୩୬)।

### କୋହଲିଙ୍କ ଆଉ ଏକ ରେକର୍ଡ

ଆଇପିଏଲ୍‌ର ରବିବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ୭୩ ରନରେ ଅପରାଜିତ ରହିବା ସହ କୋହଲି ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଆଇପିଏଲ୍‌ରେ ସର୍ବାଧିକ ୫୦+ ରନ ସ୍କୋର କରିବାରେ ଡେଭିଡ ୱାର୍ନରଙ୍କ ରେକର୍ଡ ଭାଙ୍ଗିଛନ୍ତି। ୮ଟି ଶତକକୁ ମିଶାଇ କୋହଲି ୬୭ଥର ୫୦+ ରନ ସ୍କୋର କରି ଏହି ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛନ୍ତି। ୱାର୍ନର ୪ଟି ଶତକକୁ ମିଶାଇ ୬୬ଥର ୫୦+ ରନ ସ୍କୋର କରି ରେକର୍ଡର ଅଧିକାରୀ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଖର ଧାୱନ ୨ଟି ଶତକ ସହ ୫୩, ରୋହିତ ଶର୍ମା ୨ଟି ଶତକ ସହିତ ୪୫, ଲୋକେଶ ରାହୁଲ ୪ଟି ଶତକ ସହ ୪୩ ଓ ଏବି ଡିଭିଲର୍ସ ୩ ଶତକ ସହିତ ୪୩ଥର ୫୦+ ରନ ସ୍କୋର କରିଛନ୍ତି।

# ପ୍ରତି ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ


ଆଭାସୀ ମାଧ୍ୟମରେ ଖେଲୋ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୦।୪ (ଅନାଦି କର)**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସଶକ୍ତ କରିବା ଲାଗି ଓଡ଼ିଶା ସରକାର ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭାରତ ସରକାରଙ୍କ ଯୁବ ସେବା ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଯୁବ ସେବା ଓ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି, ରାଜ୍ୟର ପ୍ରତ୍ୟେକ ଜିଲାରେ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା।

ଏହି ସମସ୍ତ କେନ୍ଦ୍ରରେ ଫୁଟବଲ, ଭଲିବଲ, ହକି, ଆଥ୍‌ଲେଟିକ୍ସ, ଖୋ-ଖୋ, କବାଡି ଭଳି ବିଭିନ୍ନ କ୍ରୀଡ଼ା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ଓ ଆଥ୍‌ଲେଟଙ୍କୁ କ୍ୱାଲିଟି ପ୍ରଶିକ୍ଷଣ ଯୋଗାଇବା ବ୍ୟବସ୍ଥା କରାଯାଇଛି। ଆଥ୍‌ଲେଟଙ୍କ ବିକାଶ ଲାଗି ଆବଶ୍ୟକ ଥିବା ସମସ୍ତ ପ୍ରକାର ସୁବିଧା ସମସ୍ତ କେନ୍ଦ୍ରରେ ଉପଲବ୍ଧ କରାଯିବ। ଖେଲୋ ଇଣ୍ଡିଆ କେନ୍ଦ୍ରର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ନିର୍ମାଣ କରାଯାଇଛି। ଏହା କେବଳ ଏକ ଭିତ୍ତିଭୂମି ପ୍ରକଳ୍ପ ନୁହେଁ। କିନ୍ତୁ ଆମ ଗାଁ ଓ ସହରରୁ ପରବର୍ତ୍ତୀ ପିଢ଼ିର କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ ଓ ପ୍ରଶିକ୍ଷଣ ପ୍ରଦାନ କରିବାର ଏହା ଏକ ମିଶନ। ପେସାଦାର ସ୍ପୋର୍ଟ୍ସ କୋଚିଂରୁ ଦୂରରେ ଥିବା ବିଚ୍ଛିନ୍ନାଞ୍ଚଳର ପିଲାଙ୍କୁ ଏହି କେନ୍ଦ୍ରଗୁଡ଼ିକ ସମାନ ସୁଯୋଗ ପ୍ରଦାନ କରିବ। ରାଜ୍ୟର ୩୦ ଜିଲାର ସ୍କୁଲରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ କରାଯାଇଛି। ପ୍ରତି କେନ୍ଦ୍ର ଲାଗି ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ବିଭିନ୍ନ ଇଭେଣ୍ଟର ଅତୀତର ଚାମ୍ପିୟନ୍ସଙ୍କୁ ସ୍ୱଚ୍ଛତାର ସହ କୋଚ୍ ଭାବେ ନିଯୁକ୍ତ କରାଯିବ। କ୍ରୀଡ଼ାରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହି କେନ୍ଦ୍ରଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଁ ଆଶାବାଦୀ। ଏହି କେନ୍ଦ୍ରଗୁଡ଼ିକ ତୃଣମୂଳ ସ୍ତରରେ ପ୍ରଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି କେନ୍ଦ୍ରଗୁଡ଼ିକରେ ମୁଖ୍ୟତଃ ଅଲିମ୍ପିକ୍ସରେ ସାମିଲ ଥିବା ସ୍ପୋର୍ଟ୍ସ ଇଭେଣ୍ଟ ଉପରେ ଧ୍ୟାନ ଦିଆଯିବ। ଆଗାମୀ ସମୟରେ ସ୍କୁଲଗୁଡ଼ିକ ଆଥ୍‌ଲେଟିକ ଉତ୍କୃଷ୍ଟତାର ଆଞ୍ଚଳିକ ହବ୍‌ରେ ପରିଣତ ହେବ, ଯେଉଁଥିରୁ ଜିଲା, ରାଜ୍ୟ ଓ ଜାତୀୟ ଦଳ ପାଇଁ ଖେଳାଳି ବାହାରିବେ। ଏହି କେନ୍ଦ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା, ଦଳୀୟ ଏକତା ଓ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି କରିବ। ଆଦିବାସୀ ସମ୍ପ୍ରଦାୟ ଓ ବିଚ୍ଛିନ୍ନାଞ୍ଚଳରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବାରେ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଖେଲୋ ଇଣ୍ଡିଆ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବାରୁ ଭବିଷ୍ୟତରେ ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରିବା ଲାଗି ରାଜ୍ୟ ଅନେକ ଚାମ୍ପିୟନ ପ୍ରସ୍ତୁତ କରିପାରିବ ବୋଲି ଆମେ ଆଶା ରଖିଛୁ।



FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR:** THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.
dentsu/dha bhu/03/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ